

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୦୫ ଫେବୃଆରୀ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 05 FEBRUARY 2023
Vol.No. 34 ■ No. 34 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

### ଉପ-ଜିଲାପାଳଙ୍କୁ ବାଲି ମାଫିଆଙ୍କ ଆକ୍ରମଣ ଘଟଣା

## ୩ ମହିଳାଙ୍କ ସମେତ ୧୧ ଅଭିଯୁକ୍ତ ଗିରଫ : ଜିଲ୍ଲା ବ୍ୟାପୀ ଆରମ୍ଭ ହେଲା 'ଅପରେସନ ସ୍ୟାଣ୍ଡ ଷ୍ଟର୍ମ'



ବାଲେଶ୍ୱର,୪।୨(ନି.ପ୍ର): ବାଲେଶ୍ୱର ଉପ-ଜିଲାପାଳଙ୍କୁ ବାଲି ମାଫିଆଙ୍କ ଆକ୍ରମଣ ଘଟଣାରେ ପୁଲିସ ପକ୍ଷରୁ ଦୀର୍ଘ ୨୪ ଘଣ୍ଟା ଧରି ତନାଘନା ଚାଲିବା ସହ ୩ ମହିଳାଙ୍କ ସମେତ ୧୧ ଜଣଙ୍କୁ ଗିରଫ କରାଯାଇଛି ବୋଲି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ସୂଚନା ଦେଇଛନ୍ତି। ସଂଘବଦ୍ଧ ଆକ୍ରମଣରେ ଗୁରୁତର ହୋଇଥିବା ଉପ-ଜିଲାପାଳଙ୍କ ଡ୍ରାଇଭର ଗଗନ ବିହାରୀ ପ୍ରଧାନଙ୍କ ଏତଲା ମୂଳେ ୪୦/୨୦୨୩ ନଂର ମାମଲା ରୁଜୁ ସହ ସହଦେବଖୁଣ୍ଟା ଥାନା ପୁଲିସ ଶୁକ୍ରବାର ଅପରାହ୍ନରୁ ଦହପଡ଼ା କଣ୍ଟବଣିଆ ଅଞ୍ଚଳରେ ଧରପଗଡ଼ ଆରମ୍ଭ କରିଥିଲା। ଶୁକ୍ରବାରା ସଂଧ୍ୟାରେ ଦୁଇ ମୁଖ୍ୟ ଅଭିଯୁକ୍ତ ମନୋରଂଜନ ବେହେରା ଓ ଚିତ୍ତରଂଜନ ବେହେରାଙ୍କୁ ପୁଲିସ ଗିରଫ କରିଥିଲା। ପରେ ସେମାନଙ୍କ ସୂଚନା ଆଧାରରେ ୫ ଗୋଟି ପୁଲିସ ଟିମ ସମଗ୍ର ଜିଲାରେ ଖାନତଲାସ ଚଳାଇ୨୪ ଘଣ୍ଟାରେ ୧୧ ଜଣଙ୍କୁ ଗିରଫ କରାଯାଇଥିବା ଏସପି ଶ୍ରୀମତୀ ନାଥ ସୂଚନା ଦେଇଛନ୍ତି। ଏହି ଆକ୍ରମଣ ଘଟଣାରେ ୩୦ ଜଣ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଥିବା ବେଳେ ଅନ୍ୟମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି। ତେବେ ବାଲେଶ୍ୱର ନଦୀବାଲି ସମେତ ଜିଲାରେ ଚାଲିଥିବା ବେଆଇନ ଲଘୁ ଖଣିଜ ସାମଗ୍ରୀ ଉତ୍ତୋଳନ ଓ ଚୋରା ଚାଲାଣ ରୋକିବା ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା ପୁଲିସ ଓ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ସେ କହିଛନ୍ତି। ପୂର୍ବାଞ୍ଚଳ ଜୋନ ପୁଲିସ ଆଇଜିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅପରେସନ ସ୍ୟାଣ୍ଡ ଷ୍ଟର୍ମ (ବାଲିଝଡ଼) ଆରମ୍ଭ ହୋଇଥିବା ବେଳେ ଆଗାମୀ ଦିନରେ ବାଲେଶ୍ୱର ମାଫିଆମୁକ୍ତ ହେବ ବୋଲି ଶ୍ରୀମତୀ ନାଥ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏନେଇ ସେ ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି।

## ଚୀନ- ଆମେରିକା ମୁହାଁମୁହିଁ



ନୂଆଦିଲ୍ଲୀ,୦୪/୦୨ : ଆମେରିକା ଆକାଶ ସୀମାରେ ଆସିଥିବା ଚୀନର ଗୁଇନ୍ଦା ବେଲୁନକୁ ନେଇ ଦୁଇ ଦେଶ ଭିତରେ ଉତ୍ତେଜନା ଆହୁରି ବଢିଯାଇଛି । ଆମେରିକାର ପ୍ରତିରକ୍ଷା ବିଭାଗ ଅଭିଯୋଗ କରିଛି, ଏହି ଗୁଇନ୍ଦା ବେଲୁନ୍କୁ ଅର୍ନ୍ତମହାଦେଶୀୟ କ୍ଷେପଣାସ୍ତ୍ର ବିଷୟରେ ତଥ୍ୟ ସଂଗ୍ରହ ପାଇଁ ପଠାଇଛି ଚୀନ । ହେଲେ ଏହି କଥାକୁ ଖଣ୍ଡନ କରିଛି ଚୀନ । ଆମେରିକାର ଅଭିଯୋଗର ଜବାବ ରଖିଛି ଚୀନ ବିଦେଶ ମନ୍ତ୍ରାଳୟ । କହିଛି – ଚୀନ କେବେ ବି କୌଣସି ଦେଶର ସ୍ଥଳସୀମା କି ଆକାଶ ସୀମା ଉଲ୍ଲଙ୍ଘନ କରେନି । ଆମେରିକା ଗଣମାଧ୍ୟମ ସତ୍ୟାସତ୍ୟ ନଜାଣି ଚୀନ ଛବି ଖରାପ କରୁଛି । ଶାନ୍ତିର ସହ ଏହି ମାମଲାର ସମାଧାନ ହୋଇପାରିବ । ଆମେରିକା ପରେ ଶୁକ୍ରବର ଓ ଶନିବାର ଲାଟିନ ଆମେରିକା ଆକାଶରେ ଏହି ଗୁଇନ୍ଦା ବେଲୁନ ଉଡୁଥିବାର ଦେଖିବାକୁ ମିଳିଛି । ଏହି ବେଲୁନକୁ ଆମେରିକା ପ୍ରତିରକ୍ଷା ବିଭାଗ 'ଗୁପ୍ତ ତଥ୍ୟ ସଂଗ୍ରହ କରୁଥିବା ବେଲୁନ୍' ଭାବେ ଚିହ୍ନଟ କରିଛି । ଏହି ଘଟଣାକୁ ନେଇ ଚୀନ ଆମେରିକା ଠାରୁ କ୍ଷମାପ୍ରାର୍ଥନା ମଧ୍ୟ କରିଥିବା ପେଣ୍ଟାଗନ୍ କହିଛି । ଭୁଲବସତଃ ଏହି ବେଲୁନ୍ ଆମେରିକା ଆକାଶକୁ ଚାଲିଯାଥିବା ଚୀନ କହିଛି । ବିବିସି ରିପୋର୍ଟ ଅନୁସାରେ, ପୂର୍ବରୁ ଏହି ବେଲୁନ ଆଲାସ୍କାର ଅଲେଉତିଆନ ଦ୍ୱୀପ ଓ କାନାଡା ଆକାଶରେ ଦୃଶ୍ୟମାନ ହୋଇଥିଲା । ଆମେରିକା ଆକାଶରେ ଉଡୁଥିବା ଏହି ଗୁଇନ୍ଦା ବେଲୁନକୁ ନଷ୍ଟ କରାଯାଇ ନାହିଁ । ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ବେଲୁନକୁ ନଷ୍ଟ କରାଯାଇ ନାହିଁ । ତିନୋଟି ବସ୍ ଆକୃତିର ବିଶାଳ ଏହି ଗୁଇନ୍ଦା ବେଲୁନ୍ । ପ୍ରଥମ ବିଶ୍ୱ ଯୁଦ୍ଧ ସମୟରେ ଗୁଇନ୍ଦା ବେଲୁନର ବିଶେଷ ପ୍ରୟୋଗ କରାଯାଉଥିଲା । ଶୀତଳଯୁଦ୍ଧ ସମୟରେ ସୋଭିଏତ ସଂଘ ଏବଂ ଚୀନର ଗୁପ୍ତ ତଥ୍ୟ ହାତେଇବା ପାଇଁ ଆମେରିକା ଶହ ଶହ ଗୁଇନ୍ଦା ବେଲୁନ୍ ଛାଡିଥିଲା । ଡ୍ରୋନ ଓ ସାଟେଲାଇଟ୍ ଯୁଗରେ ଏହି ଗୁଇନ୍ଦା ବେଲୁନର ପ୍ରୟୋଗ ଆଉ କରାଯାଉ ନାହିଁ ।

## ଦୁର୍ଘଟଣାରେ ପୂର୍ବତନ କଂଗ୍ରେସ ବିଧାୟକ ଅର୍ଜୁନ ଦାସଙ୍କ ମୃତ୍ୟୁ



ଭୁବନେଶ୍ୱର, ୪/୦୨ : (ନି.ପ୍ର) ତଥା ପୂର୍ବତନ କଂଗ୍ରେସ ବିଧାୟକ ଅର୍ଜୁନ ଚରଣ ଦାସଙ୍କ ଗାଡ଼ି ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ବାଇକରେ ଯାଉଥିବା ବେଳେ ଯାଜପୁର ଖରସ୍ରୋତା ବ୍ରିଜ ଉପରେ ଶ୍ରୀ ଦାସ ଦୁର୍ଘଟଣା ଶିକାର ହୋଇଛନ୍ତି। ତାଙ୍କ ଉପରେ ଦ୍ରୁତଗତିରେ ଯାଉଥିବା ହାଇୱା ମାଡ଼ି ଯାଇଥିବା କୁହାଯାଉଛି। ଏହି ଦୁର୍ଘଟଣାରେ ଅର୍ଜୁନ ଚରଣ ଦାସଙ୍କର ମୃତ୍ୟୁ ହୋଇଥିଲା ବେଳେ ତାଙ୍କର ଜଣେ ସହଯୋଗୀ ଗୁରୁତର ହୋଇଛନ୍ତି। ଅନନ୍ତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଅର୍ଜୁନ ଦାସ ହେଉଛନ୍ତି ପୂର୍ବତନ ଯାଜପୁର ସାଂସଦ ଅନାଦି ଦାସଙ୍କ ପୁଅ ।

### ମନ୍ତ୍ରୀ ନବ ଦାସଙ୍କ ହତ୍ୟା ମାମଲାରେ ଆସୁଛି ନୂଆ ନୂଆ ଦିଗ

## କୋଇଲା ବ୍ୟବସାୟୀଙ୍କ ସହ ଥିଲା ଅଭିଯୁକ୍ତର ସଂପର୍କ



ଭୁବନେଶ୍ୱର,୦୪/୦୨ (ନି.ପ୍ର): ମନ୍ତ୍ରୀ ନବ ଦାସଙ୍କ ହତ୍ୟାକାଣ୍ଡ ସମ୍ପର୍କରେ ଯେତିକି ତଦନ୍ତ ଆଗଉଛି, ସେତିକି ଚାଞ୍ଚଲ୍ୟକର ତଥ୍ୟ ପଦାକୁ ଆସୁଛି । ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଗୋପାଳକୃଷ୍ଣ ଦାସ, ଏଏସଆଇ ଥିବାବେଳେ କେମିତି ତାଙ୍କର କୋଇଲା ବ୍ୟବସାୟୀଙ୍କ ସହ ସମ୍ପର୍କ ଥିଲା ତାହା ପଦାକୁ ଆସିଛି । ଗତକାଲି ଫାଣ୍ଡି ପରିସରରୁ ଜବତ ହୋଇଥିବା ଗାଡିର ଯାଞ୍ଚ ପରେ ଏହି ଗୁମର ଖୋଲିଛି, ଯାହା ଚର୍ଚ୍ଚାର ବିଷୟ ହୋଇଛି । ତେବେ କାରକୁ ଗୋପାଳଙ୍କୁ ବିକ୍ରି କରି ଦେଇଥିଲେ ବୋଲି କହିଛନ୍ତି ଗାଡି ମାଲିକ । ହେଲେ, ହତ୍ୟାକାଣ୍ଡ ପଛରେ କୋଇଲା କାରବାରର ଲିଙ୍କ ଅଛି କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ । ନବ ଦାସଙ୍କ ହତ୍ୟାକାଣ୍ଡ ସମ୍ପର୍କରେ କ୍ରାଇମବ୍ରାଞ୍ଚ ଟିମ୍ ତଦନ୍ତ କରୁଥିବାବେଳେ ସାମନାକୁ ଆସିଛି ଅଭିଯୁକ୍ତ ଗୋପାଳଙ୍କ କୋଇଲା ବ୍ୟବସାୟୀଙ୍କ ସହ ସମ୍ପର୍କର କାହାଣୀ । ଗୋପାଳ ନିୟୋଜିତ ଥିବା ଗାନ୍ଧି ଛକ ଫାଣ୍ଡି ପରିସରରେ ଥିବା ଏହି ଭେର୍ନା କାରକୁ କ୍ରାଇମବ୍ରାଞ୍ଚ ଜବତ କରିବା ପରେ ସନ୍ଦେହ ଆହୁରି ବଢ଼ି ଯାଇଛି । ଶୁକ୍ରବାର ଗାଡି ନମ୍ବର ଓଆର ୧୫-ଏନ୍-୪୨୬୩କୁ ଜବତ କରିଛି କ୍ରାଇମବ୍ରାଞ୍ଚ । କୁହାଯାଉଛି ହତ୍ୟାକାଣ୍ଡ ପୂର୍ବରୁ ଏହି ଧଳା ରଙ୍ଗର ହ୍ୟୁଣ୍ଡାଇ ଭେର୍ନା କାରକୁ ଗୋପାଳ ବ୍ୟବହାର କରୁଥିଲେ । କ୍ରାଇମବ୍ରାଞ୍ଚ ଟିମ୍ ଗୋପାଳଙ୍କ କ୍ୱାଟର୍ସ ଯାଞ୍ଚ କରିବା ସହ ଏହି କାରରେ ଯାଞ୍ଚ କରିଥିଲା । ତେବେ କାର ଭିତରୁ କେତେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ ହୋଇଛି । ଜବତ କାରକୁ ନେଇ ଚର୍ଚ୍ଚା ଭିତରେ ପରିବହନ ବିଭାଗର ପଞ୍ଜିକରଣ ତଥ୍ୟ ଉପରେ ନଜର ପକାନ୍ତୁ । ତଥ୍ୟ କହୁଛି ଓଆର ୧୫-ଏନ୍-୪୨୬୩ ନମ୍ବର ଗାଡିଟି ଅରୁଣ କୁମାର ମୁନ୍ଦ୍ରାଙ୍କ ନାଁରେ ରହିଛି । ୨୩ ଜୁଲାଇ ୨୦୦୯ରେ ଗାଡିର ପଞ୍ଜିକରଣ ହୋଇଥିଲା । ଗାଡିଟି ସମ୍ବଲପୁର ଅଧିନରେ ରହିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଗାଡିଟି ଯେଉଁ ଅରୁଣ ମୁଣ୍ଡରାଙ୍କ ନାଁରେ ରହିଛି, ସେ ଜଣେ ଠିକାଦାର । ▶▶ପୃଷ୍ଠା ୭

## ଗୋପାଳକୁ ଆହୁରି ୪ ଦିନ ରିମାଣ୍ଡରେ ନେଲା କ୍ରାଇମବ୍ରାଞ୍ଚ

ଭୁବନେଶ୍ୱର,୦୪/୦୨ (ନି.ପ୍ର) ହତ୍ୟାକାଣ୍ଡର ବୁଢ଼ିଆଣୀ ଜାଲ ଯେତିକି ଖୋଲୁଛି, ସନ୍ଦେହର ମାୟାଜାଲରେ ସେତିକି ଛନ୍ଦି ହୋଇଯାଉଛି କ୍ରାଇମବ୍ରାଞ୍ଚ । ହତ୍ୟାର ପ୍ରକୃତ କାରଣ ଏବେ ବି ରହସ୍ୟ ଘେରରେ । ଏସବୁ ଭିତରେ ଗୋପାଳକୁ ଆହୁରି ୪ ଦିନ ରିମାଣ୍ଡରେ ନେବା ପାଇଁ ଅନୁମତି ଦେଇଛନ୍ତି ଜେଏଫଏମସି । ଅନ୍ୟପଟେ ଅଭିଯୁକ୍ତର ବ୍ରହ୍ମପୁର ସ୍ଥିତ ଘରେ ଛାନଭିନ୍ କରିବା ପରେ ଏବେ ଆର୍ଥିକ କାରବାର ସମ୍ପର୍କରେ କ୍ରାଇମବ୍ରାଞ୍ଚ ତଥ୍ୟ ସଂଗ୍ରହ କରୁଥିବା ଜଣାପଡିଛି । ସେପଟେ ତଦନ୍ତର ତଦାରଖ ପାଇଁ କ୍ରାଇମ୍ ସ୍ପଷ୍ଟକୁ ଯିବେ ଜଷ୍ଟିସ୍ ଜେପି ଦାସ ।ଦିନ ଦ୍ୱିପହରରେ, ଶହ ଶହ ଲୋକଙ୍କ ଆଗରେ ମନ୍ତ୍ରୀ ନବ ଦାସଙ୍କ ଛାତିକୁ ଗୁଳି ମାରି ହତ୍ୟା କରାଗଲା । ଘଟଣା ସ୍ଥଳରୁ ପିସ୍ତଲ ସହ ଅଭିଯୁକ୍ତ ଏଏସଆଇ ଗୋପାଳ ଦାସକୁ କାବୁ କଲା ପୁଲିସ । ଘଟଣାର ପୂରା ରହସ୍ୟ ଖୋଲିବାକୁ ୬ ଦିନ ହେଲା ଝାଳ ବୁହାଇଲାଣି କ୍ରାଇମବ୍ରାଞ୍ଚ । ହେଲେ ହତ୍ୟାର ପ୍ରକୃତ କାରଣ ଏବେ ବି ରହସ୍ୟ ଘେରରେ । ହତ୍ୟାକାଣ୍ଡର ବୁଢ଼ିଆଣୀ ଜାଲ ଯେତିକି ଖୋଲୁଛି, ସନ୍ଦେହର ମାୟାଜାଲରେ ସେତିକି ଛନ୍ଦି ହୋଇଯାଉଛି କ୍ରାଇମବ୍ରାଞ୍ଚ । ଆଉ ଏହାରି ଭିତରେ ଗୋପାଳକୁ ଆହୁରି ୪ ଦିନ ରିମାଣ୍ଡରେ ନେବା ପାଇଁ ଅନୁମତି ଦେଇଛନ୍ତି ଜେଏଫଏମସି ।

## ମହୁମାଛି ଆକ୍ରମଣରେ ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ ଆହତ



ଆନନ୍ଦପୁର, ୪/୦୨ : (ନି.ପ୍ର) ମହୁମାଛି ଆକ୍ରମଣରେ ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ ଆହତ ହୋଇ ଡ଼ାକ୍ତରଖାନାରେ ଭର୍ତି ହୋଇଥିବା ଜଣାପଡ଼ିଛି । ସୂଚନାରୁ ଜଣାଯାଏ, ଆନନ୍ଦପୁର ବ୍ଲକ ନିକଟରେ ବିଧାୟକ ଭାଗୀରଥି ସେଠୀ ଆଜି ପ୍ରାତଃ ଭ୍ରମଣରେ ଯାଉଥିବା ସମୟରେ ହଠାତ୍ ଏକ ବାଘୁଆ ମହୁମାଛି ଦଳ ବିଧାୟକ ଭାଗୀରଥିଙ୍କୁ ଆକ୍ରମଣ କରିଥିଲେ । ଫଳରେ ସେ ନିଜକୁ ବଂଚାଇବା ପାଇଁ ନିକଟରେ ଥିବା କ୍ଲବ ଘରକୁ ଦୌଡ଼ି ଯାଇଥିଲେ, ହେଲେ ମହୁମାଛିଙ୍କ ଆକ୍ରମଣରୁ ରକ୍ଷାପାଇ ପାରି ନଥିଲେ । ମହୁମାଛି ଆକ୍ରମଣରେ ବିଧାୟକଙ୍କ ଶରୀରର ଅନେକ ସ୍ଥାନରେ କ୍ଷତ ହୋଇଥିବା ବେଳେ ସ୍ଥାନୀୟ ଲୋକମାନେ ଶ୍ରୀ ସେଠୀଙ୍କୁ ଉଦ୍ଧାର କରି ଆନନ୍ଦପୁର ଡ଼ାକ୍ତରଖାନାକୁ ଆଣିଥିଲେ । ସେଠାରେ ଡ଼ାକ୍ତର ତାଙ୍କର ଚିକିତ୍ସା କରିଥିବା ବେଳେ ଏବେ ସେ ସୁସ୍ଥ ଥିବା ଜଣାପଡିଛି ।

## ପାଇପଲାଇନ କାମ ବେଳେ ବିସ୍ଫୋରଣ, ୨ ମୃତ

### ଇଟାମାଟି ଥାନା ସୁନାଲଟିରେ ପାଇପଲାଇନ କାମ ବେଳେ ବିସ୍ଫୋରଣ

ଭୁବନେଶ୍ୱର,୦୪/୦୨ (ନି.ପ୍ର) : ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ସୁନାଲଟି ନିକଟରେ ଅଘଟଣ । ଗ୍ୟାସ ପାଇପ ନିର୍ମାଣ ବେଳେ ବଡ଼ ଧରଣର ବିସ୍ପୋରଣ ଘଟିଛି । ଫଳରେ କମ୍ପ୍ରେସର ଚାପାରେ ଛିଟିକି ପଡ଼ି ୨ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ଏହି ଅଘଟଣରେ ୩ ଜଣ ଗୁରୁତର ଆହତ ହୋଇଥିବା ବେଳେ ସେମାନଙ୍କୁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଗେଲ ଇଣ୍ଡିଆ ପକ୍ଷରୁ ସୁନାଲଟି ନିକଟରେ ଗ୍ୟାସ ପାଇପ ଲାଇନ ନିର୍ମାଣ ଚାଲିଥିବା ବେଳେ ଆଜି କମ୍ପ୍ରେସର ଯୋଗେ ସେଗୁଡିକୁ ସଫା କରାଯାଉଥିଲା କ୍ଷ ଅଚାନକ କମ୍ପ୍ରେସର ବିସ୍ପୋରଣରେ ୨ ଶ୍ରମିକ ଭିତରେ ଚାପି ହୋଇଯାଇଥିବା ବେଳେ ଅନ୍ୟ ୩ ଜଣ ବାହାରକୁ ଛିଟିକି ପଡ଼ିଥିଲେ । ଦୁର୍ଘଟଣା ପରେ ସମସ୍ତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ୨ ଜଣଙ୍କୁ ମୃତ ଘୋଷଣା କରିଥିଲେ । ମୃତକ ୨ ଜଣ ହେଲେ ସୋନୁ ଓ ବିଜୟ ଗାଙ୍ଗୁଲି । ଘର ମହାରାଷ୍ଟ୍ରରେ । ଆହତମାନେ ମଧ୍ୟ ବାହାର ରାଜ୍ୟର ହୋଇଥିବା ସୂଚନା ମିଳିଛି । ଏକ ଘରୋଇ କମ୍ପାନୀ ପକ୍ଷରୁ ରାଜ୍ୟ ବାହାରର ଶ୍ରମିକଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରାଯାଇଥିବା ବେଳେ ଇଟାମାଟି ପୋଲିସ ଘଟଣାର ତଦନ୍ତ କରୁଛି ।

## ୭୮ ବର୍ଷ ବୟସରେ କଣ୍ଠଶିଳ୍ପୀ ବାଣୀ ଜୟରାମଙ୍କ ଦେହାନ୍ତ



ଭୁବନେଶ୍ୱର,୦୪/୦୨ (ନି.ପ୍ର): ପରଲୋକରେ ପ୍ରସିଦ୍ଧ ପ୍ରଛଦପଟ କଣ୍ଠଶିଳ୍ପୀ ବାଣୀ ଜୟରାମ । ୭୮ ବର୍ଷ ବୟସରେ ତାଙ୍କ ଚେନ୍ନାଇରେ ପରଲୋକ ହୋଇଯାଇଛି । ମୃତ୍ୟୁର କାରଣ ସମ୍ପର୍କରେ ଏ ଯାଏଁ କିଛି ସ୍ପଷ୍ଟ ହୋଇନାହିଁ । ନିକଟରେ ସେ ଜଣେ ସଫଳ ଗାୟିକା ଭାବେ ୫୦ ବର୍ଷ ପୂରଣ କରିଥିଲେ । ତେବେ କଳା କ୍ଷେତ୍ରରେ ଅବଦାନ ପାଇଁ କେନ୍ଦ୍ର ସରକାର ତାଙ୍କୁ ପଦ୍ମଭୂଷଣରେ ସମ୍ମାନିତ କରିଥିଲେ । ମେଘ ବରଷିଲା ଟୁପୁରୁ ଟୁପୁରୁ, ୧୯୭୬ ମସିହାର ଓଡିଆ ଫିଲ୍ମ 'ଶେଷ ଶ୍ରାବଣ'ର ଗୀତ । ସେତେବେବେଳେ ଏହି ଫିଲ୍ମ ଯେଭଳି ହିଟ ହୋଇଥିଲା ଗୀତ ବି ସେଭଳି ହିଟ୍ । ଆଉ ଗୀତକୁ ଗାଇଥିଲେ ଦକ୍ଷିଣର ସୁପ୍ରସିଦ୍ଧ ଗାୟିକା ବାଣୀ ଜୟରାମ । ୭୦ ଓ ୮୦ ଦଶକର ପ୍ରାରମ୍ଭରେ ବାଣୀ ଜୟରାମ ଓଲିଉଡର ଅନେକ ହିଟ ଗୀତରେ କଣ୍ଠଦାନ କରିଥିଲେ । ଚେନ୍ନାଇରେ ରହୁଥିବା ବାଣୀଜୟରାମଙ୍କୁ ସାଧାରଣତନ୍ତ୍ର ଦିବସ ଦିନ କେନ୍ଦ୍ର ସରକାର ସମ୍ମାନଜନକ ପଦ୍ମଭୂଷଣ ଦେବାକୁ ଘୋଷଣା କରିଥିଲେ । ହେଲେ ଆଜି ନିରବୀ ଯାଇଛନ୍ତି କୋକିଳକଣ୍ଠୀ ବାଣୀ ଜୟରାମ । ଓଡିଆରେ ବାଣୀ ଜୟରାମଙ୍କ ଅନେକ ଗୀତ ରହିଛି, ଯାହାକୁ ଆଜି ବି ଲୋକେ ଗୁଣୁଗୁଣାଇଥାନ୍ତି । ତାଙ୍କର ଲୋକପ୍ରିୟ ଗୀତ ମଧ୍ୟରେ ରହିଛି ଶେଷ ଶ୍ରାବଣର ମେଘ ବରଷିଲା ଟୁପୁରୁ ଟାପୁରୁ, ଗୌରୀର ଟାଇଟଲ ଗୀତ, ସତୀ ଅନୁସୟାର ଏଇ ଝିଅଟିର ପାଦଟଳମଳ ଓ ଅଲିଭା ଦାଗର ଆହା କି ବଢିଆ ଯୋଡି ତୋର ମୋର ଭଳି ଗୀତ । ବାଣୀ ଜୟରାମ ଦକ୍ଷିଣ ଭାରତର ବିଭିନ୍ନ ଭାଷା ସହ ହିନ୍ଦୀ ଓ ଓଡିଆରେ ବି ଅନେକ ଗୀତ ଗାଇଛନ୍ତି । ହିନ୍ଦୀ , ଓଡିଆ ସମେତ ଅନେକ ଭାରତୀୟ ଭାଷାରେ ବାଣୀ ଜୟରାମ ୧୦ ହଜାରରୁ ଅଧିକ ଗୀତ ରେକର୍ଡ କରିଥିଲେ ।

## ଧର୍ମପଦ ପୁରସ୍କାର ଓ ଶିଳ୍ପୀ ସମ୍ବର୍ଦ୍ଧନା ପାଇଁ ନାମ ଘୋଷଣା

ଭୁବନେଶ୍ୱର,୦୪/୦୨ (ନି.ପ୍ର) ଓଡିଶା ଲଳିତ କଳା ଏକାଡେମୀ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡିଶାଙ୍କ ଦ୍ୱାରା ୨୦୨୨ ମସିହା ପାଇଁ ଚିତ୍ରକଳା ଓ ସ୍ଥାପତ୍ୟ କଳା କ୍ଷେତ୍ରରେ ସର୍ବୋଚ୍ଚ ସମ୍ମାନ ଧର୍ମପଦ ପୁରସ୍କାର ଓ ଶିଳ୍ପୀ ସମ୍ବର୍ଦ୍ଧନା ପାଇଁ ନାମ ଘୋଷଣା କରାଯାଇଛି । ଓଡିଶା ଲଳିତ କଳା ଏକାଡେମୀ ଦ୍ୱାରା ଚିତ୍ରଶିଳ୍ପୀ ଓ ଭାସ୍କର୍ଯ୍ୟ ଶିଳ୍ପୀଙ୍କ ସମଗ୍ର ଜୀବନର ନିରବଛିନ୍ନ ସାଧନା ନିମନ୍ତେ ଏହି ପୁରସ୍କାର ଓ ସମ୍ବର୍ଦ୍ଧନା ୧୯୮୭ ମସିହାରୁ ପ୍ରଦାନ କରାଯାଇଆସୁଛି । ୯୪ ବର୍ଷୀୟ ବିଶିଷ୍ଟ ଚିତ୍ରଶିଳ୍ପୀ ବଂଶୀଧର ପ୍ରତିହାରୀ ଧର୍ମପଦ ପୁରସ୍କାର ପାଇବା ପାଇଁ ବିବେଚିତ ହୋଇଥିବା ବେଳେ ବିଶିଷ୍ଟ ଭାସ୍କର୍ଯ୍ୟ ଓ ଚିତ୍ରଶିଳ୍ପୀ ଶ୍ରୀ ବ୍ରଜବନ୍ଧୁ ମିଶ୍ର, ବିଶିଷ୍ଟ ତାଳପତ୍ର ଚିତ୍ରଶିଳ୍ପୀ ଶ୍ରୀ ଲକ୍ଷ୍ମୀଧର ସୁବୁଦ୍ଧି,ବିଶିଷ୍ଟ ପାରମ୍ପରିକ ପଟ୍ଟଚିତ୍ର ଶିଳ୍ପୀ ଶ୍ରୀ ଭ୍ରମରବର ନାୟକ, ଚିତ୍ରଶିଳ୍ପୀ ଶ୍ରୀ ରମେଶ କୁମାର ବେହେରା ଓ ବିଶିଷ୍ଟ ପ୍ରସ୍ତର ଶିଳ୍ପୀ ଶ୍ରୀ କେଶବ ଚନ୍ଦ୍ର ମହାରଣା ପ୍ରମୁଖଙ୍କୁ ଶିଳ୍ପୀ ସମ୍ବର୍ଦ୍ଧନା ପାଇଁ ଚୟନ କରାଯାଇଛି । ଧର୍ମପଦ ପୁରସ୍କୃତ ଶିଳ୍ପୀଙ୍କୁ ୫ ଲକ୍ଷ ଟଙ୍କାର ମାନଦେୟ ରାଶି ଏବଂ ସମ୍ବର୍ଦ୍ଧିତ ଶିଳ୍ପୀମାନଙ୍କୁ ୧ ଲକ୍ଷ ଟଙ୍କା ଲେଖାଏଁ ମାନଦେୟ ରାଶି ସହ ତାମ୍ରଫଳକ ଓ ଅଙ୍ଗବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରାଯିବ ବୋଲି ଏକାଡେମୀ ପକ୍ଷରୁ ସୂଚନା ଦିଆଯାଇଛି । ଏହି ପୁରସ୍କାର ଓ ସମ୍ବର୍ଦ୍ଧନା ଆଗାମୀ ଫେବୃୟାରୀ ୬ ତାରିଖ ସୋମବାର ପୂର୍ବାହ୍ନ ୧୧ ଘଟିକା ସମୟରେ ଭୁବନେଶ୍ୱରସ୍ଥିତ ସଂସ୍କୃତି ଭବନ ସମ୍ମିଳନୀ କକ୍ଷ ଠାରେ ଏକ ସ୍ୱତନ୍ତ୍ର ଉତ୍ସବରେ ପ୍ରଦାନ କରାଯିବ ।

# ଦିନିକିଆ ସଚେତନ ଓ ଆଭିମୁଖ୍ୟକରଣ କାର୍ଯ୍ୟକ୍ରମ

ମାଲକାନଗିରି, ୪/୦୨ (ନି.ପ୍ର): ମାଲକାନଗିରି ପୋଲିସ ପ୍ରଶାସନ ଓ ସିଭିଲ ସୋସାଇଟିର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ସରକାରୀ ଇଞ୍ଜିନିୟରିଂ ସ୍କୁଲ ପରିସରରେ ଆଜି ଏକ ଦିନିକିଆ ସଚେତନ ଓ ଆଭିମୁଖ୍ୟକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ଜିଲ୍ଲା ପୋଲିସ ଆରକ୍ଷୀ ଅଧିକ୍ଷକ ନୀତିଶ ଓ୍ୱାଧବାନି ଯୋଗଦେଇ ଅଂଶଗ୍ରହଣକାରି ମାନଙ୍କୁ କଠିନ ପରିଶ୍ରମ କରି ଜୀବନର ଲକ୍ଷ୍ୟ ହାସଲ କରିବା ପାଇଁ ପରାମର୍ଶ ଦେଇଥିଲେ । ଅଧ୍ୟାପକ ଡ଼ଃ. ରଞ୍ଜନ କୁମାର ସ୍ୱାଇଁ ସଭାପତିତ୍ୱ କରିବା ସହ ସମ୍ପୁର୍ଣ୍ଣ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ । ଆଇଟିଡିଏ ପ୍ରଶାସକ ତ୍ରିନାଥ ମାଝୀ ନିଜର ଉଦାହରଣ ଉପସ୍ଥାପନ କରି ପିଲାଙ୍କୁ କଠିନ ପରିଶ୍ରମ ପୂର୍ବକ ନିଜର ଲକ୍ଷ୍ୟ ସ୍ଥଳରେ ପହଁଚିବା ପାଇଁ ପରାମର୍ଶ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ଶିକ୍ଷା ଓ କର୍ମ ଚୟନ ଉପରେ ପ୍ରାଞ୍ଜଳ ଭାବେ ଅବଗତ କରାଇଥିଲେ । ଅନୁଷ୍ଠାନର ଅଧକ୍ଷ ପୋଲିସ ଇଂଟରଭ୍ୟୁ ପାଇଁ ପ୍ରସ୍ତୁତି ହୋଇଥିବା ସମସ୍ତ ଅଂଶଗ୍ରହଣକାରୀଙ୍କୁ ସମସ୍ତ ପ୍ରକାର ସହଯୋଗ ଦେବାର ଘୋଷଣା କରିଥିଲେ । ମାଲକାନଗିରି ଜିଲ୍ଲାର ସାତଟି ବ୍ଲକରୁ ପ୍ରାୟ ଚାରି ଶହରୁ ଉର୍ଦ୍ଧ୍ୱ ଯୁବକ ଓ ଯୁବତୀ ଏଥିରେ ଅଂଶଗ୍ରହଣ କରିଥିଲେ । ଦୁଇଟି ପ୍ରକୋଷ୍ଠରେ ସାଧନ କର୍ମୀ ଭାବେ ରବିନ୍ଦ୍ର କୁମାର ମହାରଣା, ସୀମାଞ୍ଚଳ ପଣ୍ଡା, ଈଶ୍ୱର ରାଓ, ବିପ୍ଳବ ଦେବନାଥ, ରାମପ୍ରସାଦ ପାଢ଼ୀ, ବିଜୟ ମିସ୍ତ୍ରୀ ଓ ଡିଆରସିସି ରାଖେଲ ଦେ୍ୱବ୍ରତ ମହାରଣା ପ୍ରମୁଖ ଶଇକ୍ଷିକ କୌଶଳ ଯୋଗାଇ ଦେଇଥିଲେ । ଏହିଭଳି ମହାନ କାର୍ଯ୍ୟକ୍ରମ ମାଲକାନଗିରି ଜିଲ୍ଲାରେ ପ୍ରଥମ ଥର ପାଇଁ କରାଯାଇଥିବାରୁ ବୁଦ୍ଧିଜୀବୀ ମହଲରେ ଖୁସିର ଲହରୀ ଖେଳିଯାଇଛି ।

ଇଂଜିନିୟରିଂ ସ୍କୁଲର କୌଶିକ ଓ ଅଣ କୌଶିକି କର୍ମଚାରୀ ମାନେ ସମସ୍ତ ସହଯୋଗ ଯୋଗାଇ ଦେଇଥିଲେ । ତଫସିଲଭୁକ୍ତ ଜାତି, ଜନଜାତି, ପଛୁଆବର୍ଗ ତଥା ସାମାଜିକ ଓ ଆର୍ଥିକ ଅନଗ୍ରସର ଯୁବପିଢ଼ି କାର୍ଯ୍ୟକ୍ରମରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ । ରବିନ୍ଦ୍ର ମହାରଣା କାର୍ଯ୍ୟକ୍ରମ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ୬ ଜଣ ପେସାଦାର କୁଚିଆ ମଦ ବେପାରୀଙ୍କୁ ଗିରଫ କଲା ବଲାଙ୍ଗିର ପୁଲିସ

ବଲାଙ୍ଗୀର, ୪/୦୨ (ନି.ପ୍ର): ବଲାଙ୍ଗିର ସହର ମଧ୍ୟରେ ଦିନକୁ ଦିନ ନିଶା ଦ୍ରବ୍ୟ କାରବାର ବୃଦ୍ଧି ପାଉଥିବା ବେଳେ ଅପରାଧ ମଧ୍ୟ ବୃଦ୍ଧି ପାଉଛି । ବଲାଙ୍ଗୀର ସହରରେ ଅପରାଧିମାନଙ୍କ ସଂଖ୍ୟା ଓ କୁଚିଆ ମଦ ବେପାରୀଙ୍କ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି । ଆଜି ଟାଉନ ପୋଲିସ ୬ ଜଣ ପେସାଦାର କୁଚିଆ ମଦ ବେପାରୀଙ୍କୁ ୧୧୦ ଦଫାରେ ଗିରଫ କରି କୋର୍ଟଚାଲାଣ କରିଛି । ଏହି ୬ ଜଣ କୁଚିଆ ମଦ ବେପାରୀ ପୂର୍ବରୁ ମଧ୍ୟ ଗିରଫ ହୋଇ ଜେଲ ଯାଇଥିବା ବେଳେ ଜାମିନରେ ଆସି ନିଜର ପୂର୍ବ ବେପାର ଜାରି ରଖିଥିଲେ । ବାରମ୍ବାର ଗିରଫ ହୋଇ ଜେଲ ଗଲେ ମଧ୍ୟ ଜାମିନରେ ବାହାରି ପୁଣି ମଦ ବେପାର କରୁଥିଲେ । ତେବେ ଏଭଳି କୁଚିଆ ମଦ ବେପାରୀମାନଙ୍କୁ ସାବାଡ କରିବା ପାଇଁ ବଲାଙ୍ଗୀର ଏସପି ନିତିନ କୁଶଲକରଙ୍କ ନିର୍ଦ୍ଦେଶକ୍ରମେ ଏହି ଥର ୧୧୦ ସିଆରପିସି ଦଫାରେ ଗିରଫ କରିଯାଇଛି ବୋଲି ଏସଡିପିଓ ତୋଫାନ ବାଗ ଶୁକ୍ରବାର ଟାଉନ ଥାନାରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଅଭିଯୁକ୍ତ ମାନଙ୍କୁ କୋର୍ଟଚାଲାଣ କରାଯାଇଛି ।

# ଟାଇପ ରାଇଟରର ଯୁଗ ଶେଷ ହେବାକୁ ବସିଲାଣି

ପୁରୀ, ୪/୦୨ (ନି.ପ୍ର): ଆସ୍ତେ ଆସ୍ତେ ହଜି ଯିବାକୁ ବସିଲାଣି ଟାଇପ ରାଇଟର ମେସିନ୍ । କେବଳ ଅଦାଲତ ନିକଟରେ କିଛି ଟାଇପ ରାଇଟର ଦଲିଲ ଦସ୍ତାବିଜ ଓ ଆଫିଟେଫିଟ୍ ଏଗ୍ରୀମେଂଟ ପାଇଁ ବ୍ୟବହାର ହେଉଛି । ସେତେବେଳେ ବଜାରରେ ଓ କଚେରି ନିକଟରେ ଅନେକ ଟାଇପ ରାଇଟର ଦୋକାନ ଦେଖିବାକୁ ମିଳୁଥିଲା । ପୁରୀ ବଳଗଣ୍ଡି ଛକ ଓ ଉପର ନୂଆସାହିରେ ଟାଇପ ରାଇଟର ଶିକ୍ଷା କେନ୍ଦ୍ର ରହିଥିଲା । ତାହା ଏବେ ବନ୍ଦ ହୋଇଗଲାଣି । ମାଟ୍ରିକ ପାସ ପରେ ଚାକିରି ଉଦ୍ଦେଶ୍ୟରେ ଛାତ୍ରଛାତ୍ରୀମାନେ ଷ୍ଟେନୋ ଓ ଟାଇପିଷ୍ଟ୍ ଶିକ୍ଷା ଗ୍ରହଣ କରୁଥିଲେ । ଏବେ ଟାଇପ ରାଇଟର ବଦଳରେ ଛାତ୍ରଛାତ୍ରୀମାନେ ଡ଼ିଟିପି ଶିଖୁଛନ୍ତି । ପୁରୁଣା ସହର ପୁରୀରେ ଅଦାଲତର କାର୍ଯ୍ୟ ପାଇଁ କୋର୍ଟ ଭିତରେ ଟାଇପ ରାଇଟର ରହୁଥିବା ବେଳେ ବିଭିନ୍ନ ଦଲିଲ ଓ ଦସ୍ତାବିଜ୍‌ର ନକଲ ଦେବା ପାଇଁ ଟାଇପ ରାଇଟର ହଲ ରହିଥିଲା । ଏହାବ୍ୟତିତ ଓକିଲମାନେ ବିଭିନ୍ନ କାର୍ଯ୍ୟ ପାଇଁ ବାହାରେ ଥିବା ଟାଇପ୍ ରାଇଟରଙ୍କ ଉପରେ ନିର୍ଭର କରୁଥିଲେ । ଟାଇପ ରାଇଟର ହଲ ହେବା ପରେ ସେଠାରେ ୨୦ରୁ ଉର୍ଦ୍ଧ୍ୱ ଟାଇପିଷ୍ଟ କାର୍ଯ୍ୟ କରୁଥିଲେ । ଏବେ ମାତ୍ର ୭/୮ ଜଣ ଟାଇପିଷ୍ଟ କାର୍ଯ୍ୟ କରୁଛନ୍ତି । କାମ କମି ଯିବାରୁ କେତେକ ବୃତି ବଦଳାଇ ଅନ୍ୟ କାର୍ଯ୍ୟ କଲେଣି । ତଥାପି ଶେଷ ଟାଇପିଷ୍ଟ ହିସାବରେ ଏମାନେ କାର୍ଯ୍ୟ କରୁଥିବା ବେଳେ ନୂଆ ଟାଇପିଷ୍ଟ କେହି ଯୋଗ ଦେଉନାହାନ୍ତି । ଯେଉଁ ଟାଇପିଷ୍ଟ ସ୍ୱର୍ଗବାସ କରୁଛନ୍ତି ତାଙ୍କ ସ୍ଥାନ ଖାଲି ପଡୁଛି । ଗତ ଫନିବାତ୍ୟା ସମୟରେ ଏକମାସରୁ ଉର୍ଦ୍ଧ୍ୱ ବିଦ୍ୟୁତ୍ ସରବରାହ ବନ୍ଦ ଥିବାବେଳେ ଟାଇପର ଗୁରୁତ୍ୱ ବଢିଥିଲା । ଟାଇପିଷ୍ଟଙ୍କ ଘରକୁ ଯାଇ ଅନେକ ବ୍ୟକ୍ତି ଟାଇପ କରି ଆଣୁଥିଲେ । ବିନା ବିଦ୍ୟୁତ୍‌ରେ ଏହା ଲେଖି ହୋଇ ପାରୁଥିବାରୁ ସବୁ ସମୟ ଓ ସବୁ ସ୍ଥାନରେ ମେସିନ୍ ନେଇ କାମ କରିବା ସମ୍ଭବ ହେଉଥିଲା । କମ୍ପ୍ୟୁଟରର ପ୍ରଚଳନ ପରେ ଟାଇପର ବ୍ୟବହାର ଆସ୍ତେ ଆସ୍ତେ କମିବାକୁ ଲାଗିଲା । ୧୮୭୪ ମସିହାରେ ପ୍ରଥମେ ଟାଇପ ରାଇଟର ବ୍ୟବହାର କରାଯାଇଥିଲା । କାଗଜ ଉପରେ ଟାଇପର ଶବ୍ଦ ବହୁବର୍ଷ ପର୍ଯ୍ୟନ୍ତ ଲିପିବଦ୍ଧ ରହୁଥିଲା । ଏବେ କମ୍ପ୍ୟୁଟରର ଅକ୍ଷର କିଛି ବର୍ଷ ପରେ ଫିକା ପଡ଼ି ଯାଉଥବା ଦେଖିବାକୁ ମିଳୁଛି । କିଛି ଟାଇପିଷ୍ଟ ଆଗାମୀ ପିଢି ଟାଇପ ରାଇଟର ମେସିନ କିପରି ଥିଲା ଜାଣିବା ଓ ଦେଖିବା ପାଇଁ ସାଇତି ରଖୁଛନ୍ତି । ବିଜୁବାବୁଙ୍କ ଶାସନ କାଳରେ ସବୁ ସରକାରୀ କାର୍ଯ୍ୟାଳୟରେ ଓଡ଼ିଆ ଭାଷାରେ ଟାଇପ କରିବା ପାଇଁ ଓଡ଼ିଆ ଟାଇପ ରାଇଟର ଯୋଗାଇ ଦିଆଯାଇଥିଲା । ତାହା ଏବେ ନଷ୍ଟ ହୋଇ ଗୋଦାମ ଘରେ ପଡ଼ି ରହିଛି । ଟାଇପ ରାଇଟର ମରାମତି ପାଇଁ ପୁରୀର ଟାଇପ ରାଇଟରମାନେ ଏବେ ଭୁବନେଶ୍ୱରରେ ଥିବା ମେକାନିକ୍ ଉପରେ ନିର୍ଭର କରୁଛନ୍ତି । ସେତେବେଳେ ଟାଇପ ରାଇଟରଙ୍କ ହାତକୁ ଫୁରସତ ନଥିଲା । ଭଲ ରୋଜଗାର ବି ହେଉଥିଲା । ଏବେ କମ୍ପ୍ୟୁଟର ଯୁଗରେ ଟାଇପ ରାଇଟରମାନେ ବଞ୍ଚିବା ପାଇଁ ସଙ୍ଘର୍ଷ କରୁଛନ୍ତି । ଅଦାଲତ ଓ ଓକିଲଖାନା ନିକଟରେ ଟକ ଟାକ୍ ଟାଇପ ମେସିନ ଚାଲୁଥିବା ଦେଖିବାକୁ ମିଳୁଛି । ହର୍ମିସ୍, ରେମିଙ୍ଗଟନ୍, ଗୋଦରେଜ ପ୍ରାଇମର, ଇମ୍ପାରିଆଲ, ଓଲିଭର ଆଦି କମ୍ପାନିର ଟାଇପ ମେସିନ ପ୍ରଚଳନ ହେଉଥିଲା । ଟାଇପ ମେସିନର କି ବୋର୍ଡ଼, କାଳି ଫିତା, କାଗଜ ରୋଲିଂ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଥିବାରୁ ଟାଇପ କରିବା ସୁବିଧା ଜନକ ହେଉଥିଲା । ଟାଇପରେ ଲିପିବଦ୍ଧ ଅକ୍ଷର ଭୁଲ ରହିଲେ ତାହା ରବରରେ ଲିଭାଯାଇ ଠିକ୍ କରାଯାଉଥିଲା । କିନ୍ତୁ କମ୍ପ୍ୟୁଟର ତାହା ସମ୍ଭବ ହେବ ନାହିଁ । ଏବେ ପୁରୀ ଓକିଲ ଖାନା ନିକଟରେ ଥିବା ଟାଇପ ହଲରେ ବଳରାମ ପାଢୀ, କୃପାସିନ୍ଧୁ ନାୟକ, ରମେଶ ଚନ୍ଦ୍ର ପାଢୀ, ବ୍ରଜ ମହାପାତ୍ର, ଅର୍ଜିତ ପଟ୍ଟନାୟକ, ଲିଟୁ ପଟ୍ଟନାୟକ, ରବି ନାରାୟଣ କର, ବିଜୟ କୁମାର ଦାଶ, ବିହାରୀ ସାହୁ ପ୍ରମୁଖ ଟାଇପ ରାଇଟର ଭାବେ କାର୍ଯ୍ୟରତ ଥିବାବେଳେ ସେମାନଙ୍କ ଅନୁଭୂତି ପ୍ରକାଶ କରିଥିଲେ ।

# ଛକୋରମାଲ ପଂଚାୟତ ବାଦିପଡ଼ିଆ ଗ୍ରାମରେ ଜିଲ୍ଲା ପ୍ରଶାସନର ଜନ ସମ୍ପର୍କ ଶିବିର

ସୁବର୍ଣ୍ଣପୁର, ୪/୦୨ (ନି.ପ୍ର): ସୋନପୁର ବ୍ଲକ ଅନ୍ତର୍ଗତ ଛକୋରମାଲ ଗ୍ରାମପଂଚାୟତର ବାଦିପଡିଆ ଗ୍ରାମରେ ଏକ ଜନ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସୁବର୍ଣ୍ଣପୁର ଶ୍ରୀମତୀ ଅବୋଲୀ ସୁନିଲ ନରଓ୍ୱଣେଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ବ୍ଲକ ଅଧକ୍ଷ ପ୍ରହଲ୍ଲାଦ ନାୟକ, ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ, ଛକୋରମାଲ ଗ୍ରାମପଂଚାୟତ ସରପଂଚ ଶ୍ରୀମତୀ ଗାୟତ୍ରୀ ସାଙ୍କ ସମେତ ଜିଲ୍ଲାର ସମସ୍ତ ବିଭାଗର ବରିଷ୍ଠ ଅଧିକାରୀ, କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ତଥା ବ୍ଲକ ପ୍ରଶାସନର ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଜିଲ୍ଲାର ଆଭ୍ୟନ୍ତରୀଣ ଆଦିବାସୀ ବହୁଳ ବାଦିପଡ଼ିଆ ଗ୍ରାମରେ ଜନ ସମ୍ପର୍କ ଶିବିରରେ ଯୋଗଦାନ ପୂର୍ବକ ଜନସାଧାରଣଙ୍କ ଆପତି ଅଭିଯୋଗକୁ ପ୍ରତ୍ୟକ୍ଷ ଭାବେ ଶୁଣିବା ସହ ଜିଲ୍ଲା ସ୍ତରୀୟ ଅଧିକାରୀ ନିଜ ନିଜ ବିଭାଗୀୟ କାର୍ଯ୍ୟକ୍ରମ ସହ ଜନସାଧାରଣଙ୍କ ନିମନ୍ତେ ଥିବା ସରକାରଙ୍କ ସୁବିଧା ସୁଯୋଗ, ଯୋଜନା, କାର୍ଯ୍ୟକ୍ରମ ଉପରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ । ଏହି ଶିବିର ମାଧ୍ୟମରେ ଜିଲ୍ଲା ପ୍ରଶାସନ ଲୋକଙ୍କ ନିକଟକୁ ପହଂଚି ଜନସାଧାରଣ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ପ୍ରତିକାର ପାଇଁ ତ୍ୱରିତ ପଦକ୍ଷେପ ନେବା ସହିତ ଗ୍ରାମର ସବୁ ବର୍ଗରେ ଯୋଗ୍ୟ ହିତାଧିକାରୀଙ୍କୁ ବିଭିନ୍ନ ସରକାରୀ ଯୋଜନାରେ ସାମିଲ କରିବା ଉପରେ ପରାମର୍ଶ ଦେବା ସହିତ ଅଂଚଳର ଜନସାଧାରଣ ଯେପରି ପ୍ରଶାସନ ତରଫରୁ ତ୍ୱରିତ ସେବା ପାଇପାରିବେ ଏବଂ ସେମାନଙ୍କ ଜୀବନ ଜୀବିକାର ଉନ୍ନତି ସହ ସ୍ୱଚ୍ଛ ଓ ସୁସ୍ଥ ରହିବେ ସେଥିପ୍ରତି ଗୁରୁତ୍ୱାରୋପ କରିଛନ୍ତି ଜିଲ୍ଲାପାଳ ଶ୍ରୀମତୀ ନରଓ୍ୱଣେ । ଶିବିରରେ ଜୀବନ ଜୀବିକାର ବିକାଶ ନିମନ୍ତେ ଜିଲ୍ଲା ପ୍ରଶାସନ ତରଫରୁ ଗ୍ରାମର ହିତାଧିକାରୀଙ୍କୁ ବିଭିନ୍ନ ବିଭାଗୀୟ ସହାୟତା ପ୍ରଦାନ କରାଯାଇଛି । ଏହି ପରିପ୍ରେକ୍ଷୀରେ ଓଡିଶା ଜୀବିକା ମିଶନ ତରଫରୁ ଆତ୍ମନିର୍ଭର ତଥା ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ଗ୍ରାମର ସନ୍ତୋଷୀ ଓ ବାରପାହାଡ଼ ମହିଳା ଏସଏଚଜିଙ୍କୁ ଗୋଷ୍ଠୀ ବିନିଯୋଗ ପାଣ୍ଠି ୫୦ ହଜାର ଲେଖାଏଁ ଏବଂ ଶିବାନୀ ମହିଳା ଏସଏଚଜିଙ୍କୁ ୨ୟ ଥର ପାଇଁ ୮୦ ହଜାର ପ୍ରଦାନ କରାଯାଇଛି । ଜିଲ୍ଲା ସମାଜ ମଙ୍ଗଳ ବିଭାଗ ତରଫରୁ ୩ ଜଣଙ୍କୁ ମମତା ଯୋଜନାରେ ପ୍ରଥମ କିସ୍ତିରେ ପ୍ରତ୍ୟେକଙ୍କୁ ୩ ହଜାର ଲେଖାଏଁ ପ୍ରଦାନ କରାଯାଇଥିବା ବେଳେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ୧୦ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ସାମିଲ କରାଯାଇ ମାସକୁ ୫୦୦ ଟଙ୍କା ଲେଖାଏଁ ଭତା ବ୍ୟାଙ୍କ ଯୋଗେ ପାଇବା ପାଇଁ ମଞ୍ଜୁର କରାଯାଇଛି । ଜିଲ୍ଲା ପ୍ରାଣୀଧନ ବିଭାଗ ତରଫରୁ ଗ୍ରାମର ୮ ଜଣ ଯୋଗ୍ୟ ହିତାଧିକାରୀ ପ୍ରତ୍ୟେକଙ୍କୁ ୫୦ ଟି ଲେଖାଏଁ କୁକୁଡ଼ା ଚିଆଁ (୨ ମାସର )ସହ କୁକୁଡ଼ା ଘର ନିମନ୍ତେ ୫୦୦/- ଟଙ୍କାର ଆର୍ଥିକ ସହାୟତାରେ ପୌଲଟ୍ରି ସେଡ ନିର୍ମାଣ ନିମନ୍ତେ ଆବଶ୍ୟକ ସହାୟତା ପ୍ରଦାନ କରାଯାଇଛି । ପୁନଶ୍ଚ ଗ୍ରାମର ୨୦ ଜଣ ହିତାଧିକାରୀଙ୍କୁ କୃଷି ବିଭାଗ ତରଫରୁ ଆତ୍ମା ପ୍ରକଳ୍ପ ଜରିଆରେ ପନିପରିବା ଚାଷ ନିମନ୍ତେ ପନିପରିବା ମଞ୍ଜି କିଟ ପ୍ରଦାନ କରାଯାଇଥିବା ବେଳେ ଜିଲ୍ଲା ଉଦ୍ୟାନ କୃଷି ବିଭାଗ ତରଫରୁ ଗ୍ରାମର ଚାଷୀ ପରିବାରଙ୍କୁ ଫଳ ଗଛ ଚାରା ମାଗଣାରେ ବଂଟନ କରାଯାଇଛି । ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଓ ସିଏଚସି ନାଇକେନପାଲି ଦ୍ୱାରା ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ବଣ୍ଟନ କରାଯାଇଥିଲା । ଶିବିରରେ ଗ୍ରାମର ଜନସାଧାରଣ ଅଂଚଳର ବିଶେଷ ସମସ୍ୟା ସହ ବ୍ୟକ୍ତିଗତ ସମସ୍ୟା ଓ ଅଭିଯୋଗ ଗୁଡିକୁ ଜିଲ୍ଲା ପ୍ରଶାସନ ଆଗରେ ଉପସ୍ଥାପନ କରିଥିଲେ । ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସ୍ତରୀୟ ଅଧିକାରୀ ତଥା ବ୍ଲକ ସ୍ତରୀୟ ଅଧିକାରୀ କର୍ମଚାରୀ ପ୍ରମୁଖ ଅଂଶଗ୍ରହଣ କରଥିଲେ । ପୂର୍ବତନ ସରପଂଚ ଛକୋରମାଲ ଗ୍ରାମପଂଚାୟତ ଶ୍ରୀ ଶଙ୍କର ପ୍ରସାଦ ସା କାର୍ଯ୍ୟକ୍ରମ ସଂଯୋଜନା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ନେସନ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଧର୍ମଶାଳା, ୪/୦୨ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ନେସନ' ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଦେଉଳି ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ରକ୍ତଦାନ ଶିବରକୁ ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ବିଜୟ କୁମାର ଶତପଥୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଅନୁଷ୍ଠାନର ସମ୍ପାଦକ ଅଖିଳ କୁମାର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ୱବଧାନରେ ଏହି ଶିବିରରେ ଯୁବ ସ୍ୱେଚ୍ଛାସେବୀ ଯୋଗ ଦେଇ ରକ୍ତଦାନ କରିଥିଲେ । କଟକସ୍ଥିତ କେନ୍ଦ୍ରୀୟ ରେଡକ୍ରସ ରକ୍ତ ଭଣ୍ଡାରର ବିଶେଷଜ୍ଞ ଯୋଗ ଦେଇ ରକ୍ତ ସଂଗ୍ରହ କରିଥିଲେ । ଏହି ଅନୁଷ୍ଠାନ ଦୀର୍ଘ ୧୯ବର୍ଷ ଧରି ଧର୍ମଶାଳା ଅଂଚଳରେ ରକ୍ତଦାନ ଶିବିର ଆୟୋଜନ କରିବା ସହ ଏ ସମ୍ପର୍କରେ ସଚେତନ ସୃଷ୍ଟି କରିଆସୁଛି । କାର୍ଯ୍ୟକ୍ରମରେ ଧର୍ମଶାଳାର ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଶାନ ପଣ୍ଡା, ବରିଷ୍ଠ ବିଜେପି ନେତା କାହ୍ନୁ ଚରଣ ଦାଶ, କୃଷକ ନେତା ବସନ୍ତ କୁମାର ପରିଡା, ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ, ଆଇନଜୀବୀ ସନ୍ତୋଷ କୁମାର ତରାଇ, ଇଂ କଳ୍ପତରୁ ସାହୁ, ଇନରହୁଇଲ କ୍ଲବର ମାଧୁରୀ ଶତପଥୀ, ମିନତୀ ସାହୁ, ରୋଟାରୀ କ୍ଲବର ସଭାପତି ପ୍ରମୋଦ କୁମାର ସାମଲ ଓ ଧର୍ମଶାଳା ବିକାଶ ପରିଷଦର ସଭାପତି ଶ୍ରୀକାନ୍ତ ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ ।

# ଗଞ୍ଜୁଗୁଡ଼ା ମା' ବରାଳଦେବୀ ପୀଠରେ ୧୭୫ତମ ବାର୍ଷିକ ଉତ୍ସବ ପାଳନ

କନ୍ଧମାଳ, ୪/୦୨ (ନି.ପ୍ର): ଖଜୁରୀପଡ଼ା ଗ୍ରାମପଂଚାୟତ ଗଞ୍ଜୁଗୁଡ଼ା ଠାରେ ତିନି ଦିନ ଧରି ମା ବରାଳଦେବୀଙ୍କ ବାର୍ଷିକ ଉତ୍ସବ ପାଳନ ହୋଇଛି । ପ୍ରତି ବର୍ଷ ଭଳି ଏବର୍ଷ ମାଙ୍କ ପ୍ରଥମ ଦିନରେ ବାର କାର୍ଯ୍ୟକ୍ରମ ଦ୍ୱିତୀୟ ଦିନରେ ମାଙ୍କ ପୂଜା ଧୁମ୍ ଧାମରେ ଅନୁଷ୍ଠିତ ହେବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ମେଲୋଡ଼ି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମେଲୋଡ଼ି ମଂଚରେ ଅତିଥି ଭାବରେ ଖଜୁରୀପଡ଼ା ଜିଲ୍ଲା ପରିଷଦ ସଭ୍ୟା ଉର୍ବଶୀ ଦିଗାଲ, ବ୍ଲକ୍ ଉପାଧକ୍ଷ ଅମିତ୍ ଦିଗାଲ, ସମାଜସେବୀ ଅନନ୍ତ ଦିଗାଲ, ଆୟାନ କଲେଜ୍ ଫୁଲବାଣୀର ଅଧକ୍ଷ ଅନିଲ କୁମାର ବେହେରା, ପ୍ରିନ୍ସିପାଲ୍ ସୁଶାନ୍ତ କୁମାର ସାହୁ, ମନ୍ଦିର କମିଟି ସଭାପତି ସୁବିନ୍ଦ୍ର ମଲିକ, ରବିନ୍ଦ୍ର ମଲିକ ପ୍ରମୁଖ ମଂଚାସୀନ ହୋଇ ଉପସ୍ଥିତ ଭକ୍ତ ଏବଂ ଦର୍ଶକ ମାନଙ୍କୁ ଉତ୍ସାହିତ କରିଥିଲେ । ଆରଏମସି କଲେଜ୍ ଭୁବନେଶ୍ୱର ରାଜକିଶୋର ପାଣିଗ୍ରାହୀ ମୂଖ୍ୟବକ୍ତା ଭାବେ ଯୋଗଦେଇ ମାଆଙ୍କ ଇତିହାସ ଉଦବୋଧନ ମାଧମରେ ବୁଝାଇ ଥିଲେ । ଏହି ପୀଠ ସାତଗୁଡାର ଦେବୀ ହୋଇ ଥିବାରୁ ରବିନ୍ଦ୍ର ମଲିକ ଗଞ୍ଜୁଗୁଡ଼ା, ରଶ୍ମି ରଂଜନ ଦେହୁରୀ ପେନାବାଲି, ନିରଞ୍ଜନ ମଲିକ ଅତୁଲ ଝାକଂର ପିପଲ୍ ପଡ଼ା, ତ୍ରିନାଥ ମଲିକ ସସ୍କେଡି, ହରେକୃଷ୍ଣ ଝାକଂର ଘୋଡ଼ାସାହି, ରଂଜିତ କୁମାର ମଲିକ (ବାପୁ), ସୁରଥ ମଲିକ ଖଜୁରୀପଡ଼ା, ଗୌତମ ମଲିକ ପାଣ୍ଡ୍ରିସୁଗା ପ୍ରମୁଖ ମୁଖିଆ ମାନଙ୍କ ସହିତ ଉକ୍ତ ଗ୍ରାମ ମାନଙ୍କରୁ ଅନ୍ୟମାନେ ଉପସ୍ଥିତ ରହି ପୂଜା ପରିଚାଳନାରେ ସହଯୋଗ କରିଥିଲେ । ଦ୍ୱିତୀୟ ଦିନର ମେଲୋଡ଼ି ମଂଚରେ ମା ବରାଳଦେବୀ ମନ୍ଦିର କମିଟି ଗଠନ ମୂଖ୍ୟ ତଥା ଶତାୟୁ ପୁରୁଷ ଉଷତ ଦେହୁରୀଙ୍କୁ ଯାତ୍ରା କମିଟି ସଭାପତି ଅନିଲ କୁମାର୍ ବେହେରାଙ୍କ ଦ୍ୱାରା ସମ୍ମାନୀତ କରଯାଇଥିଲା । ଆର୍ ନୂଆଗାଁ ପ୍ରଧାନ ଶିକ୍ଷକ ସୁର ପ୍ରସାଦ ନାୟକ ମଂଚ ପରିଚାଳନା କରିଥିବା ବେଳେ ସାମ୍ବାଦିକ ବିକାଶ କୁମାର୍ ଦିଗାଲ ଧନ୍ୟବାଦ୍ ଅର୍ପଣ କରିଥଲେ । ତୃତୀୟ ଦିନ ତଥା ବୁଧବାର ମାଆଙ୍କ ଛତ୍ର ମେଲୋଡ଼ି କାର୍ଯ୍ୟକ୍ରମ ସହିତ ପୌରାଣିକ ରାମ ନାଟକ ଦର୍ଶକ ମାନଙ୍କ ପାଇଁ ପରିବେଷଣ ହୋଇଥିଲା । ଆଡମ୍ବର ସହିତ ଉକ୍ତ ଯାତ୍ରା ପରିଚାଳନା କରିଥିବା ଆୟାନ୍ କଲେଜ୍ ଅଧକ୍ଷ ଅନିଲ କୁମାର ବେହେରାଙ୍କୁ ସାଧାରଣ ଲୋକେ ପ୍ରଶଂସା କରିଛନ୍ତି ।

# ଗୁପ୍ତେଶ୍ୱର ପୀଠର ସମୀକ୍ଷା କଲେ ସଚିବ

ଜୟପୁର, ୪/୦୨ (ନି.ପ୍ର): ଓଡ଼ିଶର ୫ଟି ସଚିବ ଭି.କେ. ପାଣ୍ଡିଆନ ଆଜି ତଥା ଶୁକ୍ରବାର ଦିନ ମଧାହ୍ନରେ ବୈପାରିଗୁଡା ବ୍ଲକର ପ୍ରସିଦ୍ଧ ଶୈବପୀଠ ଗୁପ୍ତେଶ୍ୱର ପୀଠ ଦର୍ଶନ କରିବା ସହିତ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମୀକ୍ଷା କରିଛନ୍ତି କ୍ଷ ପ୍ରଥମେ ସେ ରାମଗିରି ସ୍ଥିତ ଖେଳ ପଡିଆରେ ହେଲିକେପଟର ଯୋଗେ ପହଂଚିଥିଲେ ସେଠାରେ ତାଙ୍କୁ ସ୍ଥାନୀୟ ବିଡ଼ିଓ ଫୁଲ ତୋଳା ଦେଇ ସ୍ୱାଗତଂ କରିଥିଲେ, ପରେ କୋରାପୁଟ ଜିଲ୍ଲାପାଳଙ୍କ ସହିତ ଗୁପ୍ତେଶ୍ୱର ଯାଇ ପରିଦର୍ଶନ କରିଥିଲେ । ବାବା ଗୁପ୍ତେଶ୍ୱରଙ୍କ ଦର୍ଶନ ସାରି ରାସ୍ତା ଏବଂ ଗୃହ ନିର୍ମାଣ ବିଭାଗ ଦ୍ୱାରା ପ୍ରସ୍ତୁତ ଗୁପ୍ତେଶ୍ୱର ପୀଠର ଉନ୍ନତିକରଣ ସଂପର୍କୀୟ ନକ୍ସା ଦେଖିବା ସହ କାର୍ଯ୍ୟର ସମୀକ୍ଷା କରିଥିଲେ ।

# ଦୂଷିତ ଜଳ ନେଉଛି ଜୀବନ : କର୍କଟପାଲି ଗାଁରେ ଦିନକୁ ଦିନ ବଢୁଛି ଚିନ୍ତା

ମାଲକାନଗିରି, ୪/୦୨ (ନି.ପ୍ର): ଦୂଷିତ ଜଳ ନେଉଛି ଜୀବନ, ପାନୀୟ ଜଳର ବ୍ୟବସ୍ଥା ଥାଇ ମଧ ସେଥିରୁ ଦୂଷିତ ପଣି ବାହାରୁ ଥିବାରୁ ଲୋକଙ୍କ ପାଇଁ ଏହା କାଳ ସଜୁଥିବା ଅଭିଯୋଗ ହୋଇଛି । ଏପରି କିଛି ଅଭିଯୋଗ ଆସିଛି ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକ ଚିନ୍ତଲୱାଡା ପଂଚାୟତର କର୍କଟପାଲି ଗାଁରୁ । ଏହି ଗ୍ରାମରେ ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ଗାଁରେ ରହିଛି ୧୪ଟି ନଳକୂପ । ଆଉ ଏହି ୧୪ ନଳକୂପରୁ ଅଧିକାଂଶ ନଳକୂପରେ ଦୂଷିତ ପାଣି ସାଙ୍ଗକୁ ଲୁହା ଗୁଣ୍ଡ ବାହାରୁଥିବା ବେଳେ ଗାଁ ର ଉପର ସାହିର ନଳକୂପ ପାଣି ବ୍ୟବହାର ଅନୁପଯୋଗୀ ବୋଲି ଲୋକେ ଅଭିଯୋଗ କରିଛନ୍ତି । ଏହି ନଳକୂପ ଗୁଡିକରୁ ବାହାରୁଚି ନାଲି ରଙ୍ଗର ପାଣି । ଆଉ ଏହି ପାଣିକୁ ବ୍ୟବହାର କରି ଲୋକେ ନାନା ରୋଗର ଶିକାର ହେଉଥିବା ବେଳେ ମୁଖ୍ୟତ କିଡନୀ ରୋଗରେ ପଡି ୨ବର୍ଷରେ ୮ରୁ ଉର୍ଦ୍ଧ୍ୱ ଲୋକେ ମୃତ୍ୟୁ ମୁଖରେ ପଡିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏବେ ବି ଗାଁରେ ଆଉ ଦୁଇଜଣ ପୁରୁଷଙ୍କ କିଡନୀ ଖରାପ ହୋଇଥିବା ମଧ ଅଭିଯୋଗ ହୋଇଛି । ଦୀର୍ଘ ବର୍ଷରୁ ଉପରସାହି ନଳକୂପରୁ ଲୁହା ଗୁଣ୍ଡ ମିଶା ନାଲି ରଙ୍ଗର ପାଣି ବହରୁଥିବା ବେଳେ ଜଳ ବିଶୋଧନ ପାଇଁ ଆଇରନ ରିମୁଭାଲ ପ୍ଲାଂଟର ବ୍ୟବସ୍ଥା କରାଯାଇଥିଲେ ସୁଦ୍ଧା ତାହା ଦୀର୍ଘ ଦିନ ହେଲା ଖରାପ ହୋଇ ପଡିରହିଥିବା ଗ୍ରାମର ପଦ୍ମା ଖିଲ, ପଦ୍ମା ପାଙ୍ଗି, ଗୁରୁ ଖିଲ, ନରସିଂହ ହନ୍ତାଳ ପ୍ରମୁଖ ଅଭିଯୋଗ କରିଛନ୍ତି । ଲୁହା ଗୁଣ୍ଡ ମିଶା ପାଣି ପିଇ କର୍କଟପାଲି ଗାଁରେ କିଡନୀ ରୋଗର ଆତଙ୍କ ଖେଳି ଯାଇଛି । ତେବେ ଖରାପ ହୋଇ ପଡିଥିବା ଏହି ପ୍ଲାଣ୍ଟକୁ ସଜାଡିବା ପାଇଁ ଗ୍ରାମବାସୀ ସ୍ଥାନୀୟ ସରପଂଚଙ୍କ ଠାରୁ ଆରମ୍ଭ କରି ବହୁ ସ୍ତରରେ ଅଭିଯୋଗ କରିବା ପରେ ଗାଁ କୁ ଗୋଟିଏ ବିଦ୍ୟୁତ ଚଳିତ ଜଳ ବିଶୋଧନ ମେସିନ ଯୋଗାଇ ଦିଆଯାଇଥିଲା କିନ୍ତୁ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇ ନଥିବା ଲୋକେ ପ୍ରକାଶ କରିଛନ୍ତି । ତେବେ ଏନେଇ କାଲିମେଳା ବିଡିଓ ଉମାଶଙ୍କର ଦଳେଇଙ୍କ ସହ ଫୋନ ଯୋଗେ ଯୋଗାଯୋଗ କରିବାରୁ ସେ ପ୍ରକାଶ କରିଥିଲେ ଯେ, ଗାଁର ଉପର ସାହିର ଜଳ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯାଉଛି । ଯଥାଶୀଘ୍ର ଏହାର ସମାଧାନ କରାଯିବ ।

# ରୋଗୀଙ୍କୁ ହସପିଟାଲରୁ ଔଷଧ ମିଳୁନାହିଁ

ଗଞ୍ଜାମ, ୪/୦୨ (ନି.ପ୍ର): ବ୍ରହ୍ମପୁର ସିଟି ହସପିଟାଲ୍ ଉପରେ ବ୍ରହ୍ମପୁର ସହର ସମେତ ଜିଲାର ହଜାର ହଜାର ରୋଗୀ ନିର୍ଭର କରନ୍ତି । କିନ୍ତୁ, ଏଠାରେ ଡାକ୍ତର ଲେଖୁଥିବା ସରକାରୀ ଔଷଧ ରୋଗୀମାନଙ୍କୁ ମିଳୁନଥିବା ଅଭିଯୋଗ ହେଉଛି । ଫଳରେ ରୋଗୀମାନେ ବାହାରୁ ଔଷଧ କିଣିବାକୁ ବାଧ୍ୟ ହେଉଛନ୍ତି । ପ୍ରାୟ ତିନି ମାସ ହେଲା ଉଚ୍ଚ ରକ୍ତଚାପ ଭଳି ଅତ୍ୟାବଶ୍ୟକ ଔଷଧ ବରିଷ୍ଠ ନାଗରିକ ରୋଗୀଙ୍କୁ ଯୋଗାଇ ଦିଆଯାଉନାହିଁ, ବରିଷ୍ଠ ନାଗରିକମାନେ ହସପିଟାଲ ବାହାରୁ କିଣିବାକୁ ବାଧ୍ୟ ହେଉଛନ୍ତି । ଏହି ଘଟଣାକୁ ନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହେବାରେ ଲାଗିଛି । ଗଂଜାମ ଜିଲା ଚିକିତ୍ସାଧିକାରୀ ଘଟଣାର ତଦନ୍ତ କରିବାକୁ ଦାବି ହେଉଛି ।

# ଖୋରଧାରେ ହେବ ରାଜ୍ୟସ୍ତରୀୟ ବିଦ୍ୟାର୍ଥୀ ବିଜ୍ଞାନ ମନ୍ଥନ

ଖୋରଧା, ୪/୦୨ (ନି.ପ୍ର): ଆସନ୍ତା ଫେବୃୟାରୀ ୫ ତାରିଖ ଦିନ ଓଡିଶାର କୃତ୍ତି ବିଜ୍ଞାନ ଛାତ୍ରଛାତ୍ରୀମାନଙ୍କର ଏକ ଏକ ଦିବସୀୟ ମନ୍ଥନ ଶିବିର ବିବେକାନନ୍ଦ ଇନଷ୍ଟିଚ୍ୟୁଟ୍ ଅଫ୍ ଆଡଭାନ୍ସଡ ଏଜୁକେସନାଲ୍ ରିସର୍ଚ୍ଚ ଆଣ୍ଡ୍ ଟେକ୍ନୋଲୋଜି, ଟାଙ୍ଗଆପଡା ଖୋର୍ଦ୍ଧାରେ ଅନୁଷ୍ଠିତ ହେବାକୁ ଯାଉଛି । ଷଷ୍ଠ ଶ୍ରେଣୀରୁ ଏକାଦଶ ଶ୍ରେଣୀ ମଧ୍ୟରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କୁ ନେଇ ନଭେମ୍ବର ମାସ ୩୦ ତାରିଖରେ ଏକ ବିଜ୍ଞାନ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ସାରା ଓଡ଼ିଶାରୁ ଚାରିହଜାର ପାଞ୍ଚଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ କୃତକାର୍ଯ୍ୟ ହୋଇଥିବା ୧୨୩ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆସନ୍ତା ୫ ତାରିଖରେ ଶେଷ ପର୍ଯ୍ୟାୟର ପରୀକ୍ଷା ଅନୁଷ୍ଠିତ ହେବ । ପିଲାମାନେ ବିଜ୍ଞାନର ଲିଖିତ ପରୀକ୍ଷା ଦେବା ସଙ୍ଗେ ସଙ୍ଗେ ମୌଖିକ ଏବଂ ପ୍ରାକ୍ଟିକାଲ ପରୀକ୍ଷା ମଧ ଦେବେ । ସେମାନଙ୍କ ମଧ୍ୟରେ କୃତକାର୍ଯ୍ୟ ହୋଇଥିବା ୧୮ ଜଣ ବିଦ୍ୟାର୍ଥୀମାନଙ୍କୁ ମାନପତ୍ର, ମେମେଣ୍ଟୋ ଏବଂ ଅର୍ଥରାଶି ଦିଆଯାଇ ସମ୍ବର୍ଦ୍ଧିତ କରାଯିବ । ପ୍ରଥମ ଛଅ ଜଣଙ୍କୁ ୫୦୦୦ଟଙ୍କା ଲେଖାଏଁ ଏବଂ ଦ୍ୱିତୀୟ ଛଅ ଜଣଙ୍କୁ ୩୦୦୦ଟଙ୍କା ଲେଖାଏଁ ଏବଂ ତୃତୀୟ ହୋଇଥିବା ଛଅ ଜଣଙ୍କୁ ୨୦୦୦ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରାଯିବ ।

ଓଡ଼ିଶା ବିଜ୍ଞାନ ମଣ୍ଡଳ ଆନୁକୂଲ୍ୟରେ ଏବଂ ବିବେକାନନ୍ଦ ଇନଷ୍ଟିଚ୍ୟୁଟ୍ ଅଫ୍ ଆଡଭାନ୍ସଡ ଏଜୁକେସନାଲ୍ ରିସର୍ଚ୍ଚ ଆଣ୍ଡ୍ ଟେକ୍ନୋଲୋଜିର ସହଯୋଗରେ ବିଜ୍ଞାନ ଭାରତୀର ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଉକ୍ତ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଆଇ ଆଇ ଟିର ଡାଇରେକ୍ଟର ପ୍ରଫେସର ଶ୍ରୀପ୍ରସାଦ କର୍ମାଲକର ମୁଖ୍ୟ ଅତିଥି ଭାବରେ ଯୋଗଦେଇ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିବେ । ନାଇଜରର ରେଜିଷ୍ଟ୍ରାର ଡଃ ଅଭୟ ନାୟକ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିବେ । ବିପିୟୁଟିର ପୂର୍ବତନ ଭିସି ଏବଂ ଓଡ଼ିଶା ବିଜ୍ଞାନ ମଣ୍ଡଳର ସଭାପତି ପ୍ରଫେସର ଚିତ୍ତରଂଜନ ତ୍ରିପାଠୀଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ବିଦ୍ୟାର୍ଥୀ ବିଜ୍ଞାନ ମନ୍ଥନର ରାଜ୍ୟ ସଂଯୋଜକ ଡଃ ଦିବ୍ୟ କିଶୋର ପଣ୍ଡା ଏବଂ ସହସଂଯୋଜକ ଶ୍ରୀ ଲିଙ୍ଗରାଜ ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିବେ । ବିବେକାନନ୍ଦ ଇନଷ୍ଟିଚ୍ୟୁଟର ଅଧ୍ୟାପକମାନେ ପରୀକ୍ଷାର ସଂଚାଳନ କରିବେ । ବିଜ୍ଞାନ ମଣ୍ଡଳର ସଂପାଦକ ଡଃ ବିକାଶ ଜେନା ଏବଂ ସଂଗଠନ ସଂପାଦକ ଇଂ ଅରୁଣ କୁମାର ସାହୁ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଏକଥା ଜଣାଇଛନ୍ତି । ଅଭ୍ୟର୍ଥନା କମିଟିର ଅଧକ୍ଷ ତଥା ବିବେକାନନ୍ଦ ଇନଷ୍ଟିଚ୍ୟୁଟର ଚେୟାରମ୍ୟାନ ଶିକ୍ଷାବିତ୍ ଡକ୍ଟର ଧୀରେନ୍ଦ୍ର ନନ୍ଦ ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରାଇବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି ।

# ତ୍ରିଦିବସୀୟ ଅଖିଳ ଭାରତୀୟ ରୂପକ ମହୋତ୍ସବ

ପୁରୀ, ୪/୦୨ (ନି.ପ୍ର): କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀ ଆନୁକୂଲ୍ୟରେ ଶ୍ରୀ ସଦାଶିବ ପରିସର ଦ୍ୱାରା ପୁରୀ ପୌରସଦନ ଠାରେ ତ୍ରିଦିବସୀୟ ଅଖିଳ ଭାରତୀୟ ରୂପକ ମହୋତ୍ସବର ଦ୍ୱିତୀୟ ଦିବସରେ ବିକ୍ରମ କିଶୋର ଆଦର୍ଶ ସଂସ୍କୃତ ମହାବିଦ୍ୟାଳୟ, କାଲିଆ ଛକ, ପଶ୍ଚିମବଙ୍ଗ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ଲଳିତାମାଧବମ୍, କେନ୍ଦ୍ରିୟ ସଂସ୍କୃତ ବିଶ୍ୱବବିଦ୍ୟାଳୟ ଲକ୍ଷ୍ନୌ ପରିସର ବିର୍ଦ୍ୟାଥୀଙ୍କ ଦ୍ୱାରା ବେଣୀସଂହାର, ଜୟପୁର ପରିସର ଅଧାୟୀଙ୍କ ଦ୍ୱାରା ବାଳଚରିତମ୍, ବେଦବ୍ୟାସ ପରିସର, ହିମାଚଳ ପ୍ରଦେଶ ଅଧାୟୀଙ୍କ ଦ୍ୱାରା କ୍ରିଷ୍ଣଭକ୍ତି ଚନ୍ଦ୍ରିକା, ଶ୍ରୀ ରଣବୀର ପରିସର, ଜମ୍ମୁ ଅଧାୟୀଙ୍କ ଦ୍ୱାରା ଉତରରାମଚରିତମ୍ ଏବଂ ଗୁରୁଭୈର ପରିସର କେରଳଙ୍କ ଦ୍ୱାରା ସୁଭଦ୍ରଧନଞ୍ଜୟମ୍ ଅତ୍ୟନ୍ତ ମନୋରମ ପରିବଶେ ମଧରେ ପରିବେଶିତ ହୋଇଯାଇଛି । ଏହି ରୂପକ ମହୋତ୍ସବରେ, କେନ୍ଦ୍ରିୟ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀର ମାନ୍ୟବର କୁଳପତି ତଥା ଅଖିଳ ଭାରତୀୟ ରୂପକ ମହୋତ୍ସବର ସମନ୍ୱୟକ ପ୍ରଫେସର ଶ୍ରୀନିବାସ ବରଖେଡ଼ି, ଶ୍ରୀ ସଦାଶିବ ପରିସରର ନିର୍ଦ୍ଦେଶକ ଏବଂ ଅଖିଳ ଭାରତୀୟ ରୂପକ ମହୋତ୍ସବର ସଂଯୋଜକ ପ୍ରଫେସର ଖଗେଶ୍ୱର ମିଶ୍ରଙ୍କ ସମେତ ପ୍ରଫେସର ଅତୁଲ କୁମାର ନନ୍ଦ, ପ୍ରଫେସର ବଳଦେବାନନ୍ଦ ସାଗର, ପ୍ରଫେସର ଲୋକମାନ୍ୟ ମିଶ୍ର, ପ୍ରଫେସର ସର୍ବନାରାୟଣ ଝା, ପ୍ରଫେସର ଓ୍ୱାଇ.ଏସ୍. ରମେଶ, ପ୍ରଫେସର ଏସ୍.କେ.ସେନାପତି, ପ୍ରଫେସର ଅଭିରାଜ ରାଜେନ୍ଦ୍ର ମିଶ୍ର, ପ୍ରଫେସର ବନମାଳି ବିଶ୍ୱାଳଙ୍କ ସମେତ ବିଚାରକମଣ୍ଡଳୀଙ୍କ ସହ ବହୁ ମାନ୍ୟଗଣ୍ୟ ବିଦ୍ୱାନଗଣ ଏବଂ ସଦାଶିବ ପରିସରର ସମସ୍ତ ଅଧାପକ ଅଧାପିକା ଓ ଅଧାୟୀମାନେ ଉପସ୍ଥିତ ଥିଲେ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୦୫ ଫେବୃଆରୀ, ୨୦୨୩
email : rabibarachayan2015@gmail.com

ରବିବାର ଚ




ପୃଷ୍ଠା ୩

......ସୁଚୟନ ସୁଚୟନ ସୁଚୟନ......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର


## ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୭ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଭାଗ-୧୦୮

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ଏ କ୍ଷେତ୍ରରେ କଂଗ୍ରେସ ପକ୍ଷର ସଭାପତି ହୋଇଥିବା ଯୋଗୁଁ ସବ୍‌ଡିଭିଜନାଲ୍ ଅଫିସର୍ ବିଚଳିତ ନ ହୋଇ ଯଦି ଅଳ୍ପ କୌଶଳ ପ୍ରୟୋଗ କରିଥାନ୍ତେ, ତାହାହେଲେ ବୋଧହୁଏ ଅଧିକ କାର୍ଯ୍ୟ ହୋଇଥାନ୍ତା । କ୍ଷମତା ତ ତାଙ୍କ ହାତରେ ଥିଲା । ସଭାପତିଙ୍କ ଭାଷଣକୁ ଅପେକ୍ଷା କରିଥାନ୍ତେ ଓ ଯଦି ତାଙ୍କ ଭାଷଣରୁ ଜଣାଯାଇଥାନ୍ତା ଯେ, ସେ ବିରୋଧାତ୍ମକ କୌଣସି କଥା କହୁଛନ୍ତି, ତାଙ୍କୁ ତହିଁରୁ ବିରତ ହେବାକୁ କୁହାଯାଇଥାନ୍ତା ଓ ଯଦି ସେ ତାକୁ ନ ମାନିଥାନ୍ତେ ତାହାହେଲେ ସଭାଭଙ୍ଗର ଆଦେଶ ଦେଇଥାନ୍ତେ । ସବ୍‌ଡିଭିଜନାଲ ଅଫିସରଙ୍କ ଆଚରଣରେ ଜନତା ବିକ୍ଷୁବ୍ଧ ହୋଇଥିଲେ । ସେହି ସମୟରେ ଦେଖାଯାଉଥିଲା, ଏହି ମନୋବୃତ୍ତିବିଶିଷ୍ଟ କେତେକ ସରକାରୀ କର୍ମଚାରୀ ସରକାରଙ୍କ ସ୍ୱାର୍ଥସିଦ୍ଧି ପରିବର୍ତ୍ତରେ ବିରୋଧାତ୍ମକ କାର୍ଯ୍ୟ ସମ୍ପାଦନ କରି ସେମାନଙ୍କ ଏତାଦୃଶ ଅବିମୃଷ୍ୟକାରିତା ଯୋଗୁଁ ଲୋକଙ୍କ ମନରେ କ୍ଷୋଭ ଓ ଘୃଣା ଜାଗ୍ରତ କରାଉଥିଲେ ।

ମୁଁ ମୋର ଚାକିରିରୁ ଅବସର ଗ୍ରହଣ କରିବା ପୂର୍ବେ ତା ୩୦.୦୫.୧୯୪୨ରେ ଚାରିମାସର ଛୁଟି ନେଇ ତା ୧୯.୦୯.୧୯୪୨ରେ କାର୍ଯ୍ୟ ତ୍ୟାଗକଲି । ମୋର ଚାକିରି ଆରମ୍ଭ ହୋଇଥିଲା ୭.୦୧୨.୧୯୦୯ରେ । ସୁତରାଂ ଚାକିରି ତ୍ୟାଗକଲା ଦିନ ଚାକିରି ଜୀବନର ୩୨ବର୍ଷ ୫ମାସ ୨୩ଦିନ ପୂର୍ଣ୍ଣ ହୋଇଥିଲା । ଏହି ଦୀର୍ଘକାଳ ମଧ୍ୟରେ ଜୀବନରେ କେତେ ପ୍ରକାର ଅନୁଭୂତି ସଂଗୃହୀତ ହୋଇଥିଲା । ସେ ସମସ୍ତ ଆଜି ସୁଦ୍ଧା ସ୍ମୃତିପଟରେ ଜାଜ୍ୱଲ୍ୟମାନ ହୋଇ ରହିଥିଲା । ଅବସ୍ଥା ବିପର୍ଯ୍ୟୟ ମଧ୍ୟରେ ଜୀବନ ଆରମ୍ଭ କରିଥିବା ଯୋଗୁଁ ବାଧ ହୋଇ ଚାକିରି ଗ୍ରହଣ କରିବାକୁ ହୋଇଥିଲା । କିନ୍ତୁ ଚାକିରି ଜୀବନରେ କେହି ଯେ ସୁଖରେ କାଳାତିପାତ କରିଛି ତାହା ମନେହେଲା ନାହିଁ । ଦଶ ଓ ଦେଶ ପ୍ରତି ମମତା ପୋଷଣ ସୁଦ୍ଧା ଯେ ଚାକିରି ଜୀବନରେ ସମ୍ଭବ, ଏହା ମଧ୍ୟ ଅତି ଦୂରର କଥା । ମୋର ସର୍ବଦା ମନେ ହେଉଥାଏ, ଅନ୍ୟ ଉପାୟ ଥିଲେ, କୌଣସି ଅଧ୍ୟବସାୟୀ ବ୍ୟକ୍ତି ପକ୍ଷରେ ଚାକିରି ଜୀବନଯାପନର ପ୍ରକୃଷ୍ଟ ପନ୍ଥା ନୁହେଁ, ଏହା ଅର୍ଥକାରୀ ମଧ୍ୟ ନୁହେଁ କିନ୍ତୁ ଏହି ଅବସ୍ଥା ଦେଶର ଓ ସମାଜର ପାରିପାର୍ଶ୍ୱିକ ପରିସ୍ଥିତି ଦ୍ୱାରା ନିୟନ୍ତ୍ରିତ ହୁଏ ।

### ॥ ଚାକିରିରୁ ବିଦାୟ ପରେ ॥

ଚାକିରିରୁ ବିଦାୟ ନେଇ ମୁଁ ମୋର ଚିରବାଞ୍ଛିତ ବାଳିକା ଶିକ୍ଷା ପ୍ରସାର ଓ ସମାଜସଂସ୍କାର ପ୍ରତି ମନୋନିବେଶ କରିବା ସଂକଳ୍ପ କଲି । ୧୯୪୨ ମସିହା ମେ' ମାସ ୩୦ ତାରିଖରେ ତ ମୁଁ କାର୍ଯ୍ୟ ତ୍ୟାଗକଲି । ଜୁନ୍ ମାସ ଆରମ୍ଭରେ ସମ୍ବଲପୁରରେ ତଦାନୀନ୍ତନ ଓଡ଼ିଶା ଶିକ୍ଷା ବିଭାଗର ଡିରେକ୍ଟର ଶ୍ରୀ ଶ୍ୟାମଚନ୍ଦ୍ର ତ୍ରିପାଠୀଙ୍କ ସହିତ ସାକ୍ଷାତ ହେଲା । ତାଙ୍କଠାରୁ ଶୁଣିଲି ଯେ, ସମ୍ବଲପୁରର ଲୋକେ ଯଦି ଦରଖାସ୍ତ କରନ୍ତି ତାହାହେଲେ ସମ୍ବଲପୁର ବାଳିକା ସ୍କୁଲରେ ଦଶମ ଓ ଏକାଦଶ ଶ୍ରେଣୀ ଫିଟାଇବା ପାଇଁ ସେ ଚେଷ୍ଟା କରିବେ । ସେହି ସମୟରେ ହାଇସ୍କୁଲରେ ଅଷ୍ଟମ ଓ ନବମ ଶ୍ରେଣୀ ହୋଇଯାଇଥିଲା । ଦରଖାସ୍ତ ପଠାଇବା ଭାର ମୁଁ ଗ୍ରହଣ କଲି । ସେହି ସମୟରେ ଶିକ୍ଷାମନ୍ତ୍ରୀ ଶ୍ରୀ ଗୋଦାବରୀଶ ମିଶ୍ର ସମ୍ବଲପୁର ଗସ୍ତରେ ଆସିଥିଲେ । ତାଙ୍କ ସଙ୍ଗେ ସାକ୍ଷାତ କଲି ଓ ସ୍ଥାନୀୟ ବାଳିକା ସ୍କୁଲକୁ ପୂର୍ଣ୍ଣାଙ୍ଗ ହାଇସ୍କୁଲରେ ପରିଣତ କରିବା ପାଇଁ ହୁକୁମ ଦେବା ସକାଶେ ଅନୁରୋଧ କଲି । ଯୁଦ୍ଧ ଯୋଗୁଁ ରେଭେନ୍ସା ବାଳିକା ସ୍କୁଲ ବନ୍ଦ ହୋଇଯାଇଥିଲା ଓ ମୋର ଅଷ୍ଟମ ଝିଅ ଉମା ଓ ତାହାର ସହାଧ୍ୟାୟିନୀ କଟକବାସିନୀ ଝୁନୁ (ପ୍ରଭାବତୀ ରାଓ) ଆସି ସମ୍ବଲପୁରରେ ଆମ୍ଭ ଘରେ ରହିଥିଲେ । ଉଭୟେ ମେଟ୍ରିକୁଲେଶନ୍ କ୍ଲାସ୍‌ରେ । ତ୍ରିପାଠୀ ମହାଶୟ କହିଲେ ଯେ, ନିକଟ ଭବିଷ୍ୟତରେ ରେଭେନ୍ସା ବାଳିକା ସ୍କୁଲ୍ ଫିଟିଲେ ମଧ୍ୟ ସ୍କୁଲ ସଂଲଗ୍ନ ହଷ୍ଟେଲ ଫିଟିବ ନାହିଁ । ସୁତରାଂ କଟକ ପ୍ରବାସିନୀ ଛାତ୍ରୀମାନେ ଆଉ କଟକରେ ରହି ପଢ଼ି ପାରିବେ ନାହିଁ । ଗୋଦାବରୀଶ ବାବୁ ଏ ବିଷୟ ବିଚାର କରିବେ ବୋଲି କହିଲେ ।

ଅଭିଳମ୍ବରେ ସମ୍ବଲପୁରର କେତେକ ଭଦ୍ରବ୍ୟକ୍ତିଙ୍କ ସ୍ୱାକ୍ଷରରେ ସେହିବର୍ଷ ଜୁଲାଇମାସ ଆରମ୍ଭରୁ ବାଳିକା ସ୍କୁଲରେ ଦଶମ ଓ ଏକାଦଶ ଶ୍ରେଣୀ ଫିଟାଇବା ସକାଶେ ଦରଖାସ୍ତ ପଠାଇ ଦିଆହେଲା । କିନ୍ତୁ ଜୁଲାଇର ପ୍ରଥମ ସପ୍ତାହ ଚାଲି ଯାଇଥିଲେ ସୁଦ୍ଧା ସେହି ବିଷୟରେ କିଛି ହୁକୁମ ଆସିଲା ନାହିଁ । ଏହାର ଦୁଇଚାରି ଦିନ ପରେ ମୁଁ କଟକ ଗଲି ଓ ଯାଇ ବୁଝିଲି, ତହିଁରୁ ଯେଉଁ ବିଶେଷ କାରଣରୁ ମୁଁ ସମ୍ବଲପୁର ବାଳିକା ସ୍କୁଲରେ ଉଚ୍ଚଶ୍ରେଣୀ ଖୋଲିବା ସକାଶେ ବ୍ୟସ୍ତ ହେଉଥିଲି ତହିଁରୁ ଯେଉଁ ବିଶେଷ କାରଣରୁ ମୁଁ ସମ୍ବଲପୁର ବାଳିକା ସ୍କୁଲରେ ଉଚ୍ଚଶ୍ରେଣୀ ଖୋଲିବା ସକାଶେ ବ୍ୟସ୍ତ ହେଉଥିଲି ତହିଁର ଗୁରୁତ୍ୱ ବହୁ ପରିମାଣରେ ଲଘୁ ହୋଇଯାଇଅଛି । ଏହାର ପ୍ରଧାନ କାରଣ ଥିଲା ଯେ, ରେଭେନ୍ସା ବାଳିକା ସ୍କୁଲ ସଂଲଗ୍ନ ହଷ୍ଟେଲ ଖୋଲା ହେଉନଥିବାରୁ ମଫସଲର ଛାତ୍ରୀମାନଙ୍କ ପକ୍ଷେ କଟକରେ ରହିବା କଷ୍ଟକର । କିନ୍ତୁ ଦେଖିଲି, ହଷ୍ଟେଲ ଖୋଲା ହୋଇଯାଇଅଛି ଓ ବହୁ ସଂଖ୍ୟାରେ ଛାତ୍ରୀମାନେ ଆସି ତହିଁରେ ରହିସାରିଅଛନ୍ତି । ଏ ବିଷୟରେ ତ୍ରିପାଠୀ ମହାଶୟଙ୍କ ସଙ୍ଗେ କଥାବାର୍ତ୍ତା ହେଲା ଓ ତାଙ୍କ ପରାମର୍ଶମତେ ପୁଣି ଯାଇ ମନ୍ତ୍ରୀ ଗୋଦାବରୀଶ ବାବୁଙ୍କୁ କହିଲି । ସେ ବୁଝିବେ ବୋଲି କହିଲେ ।

ରେଭେନ୍ସା ବାଳିକା ସ୍କୁଲର ଲେଡି ପ୍ରିନ୍‌ସିପାଲ ମିସ୍ ନାୟକଙ୍କ ସଙ୍ଗେ ସାକ୍ଷାତ କଲି । ଉମା ମୋ ସଙ୍ଗେ ସ୍କୁଲକୁ ଯାଇଥିଲା । ତାଙ୍କଠାରୁ ଶୁଣିଲି, ସ୍କୁଲ ଓ ହଷ୍ଟେଲ ଫିଟିବ ବୋଲି ପୂର୍ବରୁ ଛାତ୍ରୀମାନଙ୍କ ଅଭିଭାବକମାନଙ୍କଠାକୁ ଲେଖା ହୋଇଥିଲା ଓ ସେହି ପତ୍ର ପାଇ ଛାତ୍ରୀମାନଙ୍କ ଅଭିଭାବକମାନଙ୍କଠାକୁ ଲେଖା ହୋଇଥିଲା ଓ ସେହି ପତ୍ର ପାଇ ଛାତ୍ରୀମାନେ ଆସିଥିଲେ । କିନ୍ତୁ ମୁଁ ଏହି ପତ୍ର ପାଇନଥିଲି । ଅନ୍ୟ ଜଣକଠାରୁ ପତ୍ର ପାଇ ଉମାକୁ ସଙ୍ଗରେ ଆଣିଥିଲି ।

ମିସ୍ ନାୟକ ମୋତେ ହତୋତ୍ସାହଜନକ କେତେକ କଥା କହିଲେ । ସ୍ଥୂଳତଃ ତାଙ୍କଠାରୁ ବୁଝିଲି ଯେ ଛାତ୍ରୀମାନେ ଆସିଥିଲେ ମଧ୍ୟ କର୍ତ୍ତୃପକ୍ଷ ସେମାନଙ୍କ ସମ୍ବନ୍ଧରେ କୌଣସି ଦାୟିତ୍ୱ ନେବେ ନାହିଁ । ସେମାନେ ନିଜ ନିଜ ଅଭିଭାବକମାନଙ୍କ ଦାୟିତ୍ୱରେ ରହିବେନ୍ତ କେତେବେଳେ କେଉଁ ଘଟଣା ଘଟିବ ସେ କହିପାରିବେ ନାହିଁ । ହୁଏତ ଘଣ୍ଟାକ ମଧ୍ୟରେ କହିବା ମାତ୍ରକେ ହଷ୍ଟଲ ତ୍ୟାଗକରି ସେମାନଙ୍କୁ ଯିବାକୁ ହେବ । ଯୁଦ୍ଧ ଯୋଗୁଁ ସୈନ୍ୟମାନେ ଆସି ସ୍କୁଲ ଓ ହଷ୍ଟେଲକୁ ମୁହୂର୍ତ୍ତ ମଧ୍ୟରେ ଦଖଲ କରିବସିଲେ ଛାତ୍ରୀମାନଙ୍କ ରହିବା ପାଇଁ ଅନ୍ୟ ସ୍ଥାନ ନଥିବ । ଯଦି ରେଲ୍ ଯାତାୟତ ବନ୍ଦ ହୋଇଯାଏ ତାହାହେଲେ କଟକ ଚତୁର୍ଦ୍ଦିଗରେ ନଦୀଦ୍ୱାରା ବେଷ୍ଟିତ ହୋଇଥିବା ଯୋଗୁଁ କଟକରୁ ପଳାଇବା ସକାଶେ ମଧ୍ୟ ବାଟ ନଥିବା ଇତ୍ୟାଦି ଇତ୍ୟାଦି କଥା । ସ୍ଥୂଳତଃ ଉମାକୁ ଫେରାଇ ନେବା ସକାଶେ ପରାମର୍ଶ ଦେଲେ । ଦେଖିଲି ଉମାର ମଧ୍ୟ ସେହି ଇଚ୍ଛା । ତାହାର ଏଠାରେ ରହିବା ଇଚ୍ଛା ନାହିଁ । କାରଣ ତାହାର ଅନୁପସ୍ଥିତିରେ ପାଠପଢ଼ା ହୋଇଯାଇଅଛି । ସ୍କୁଲ ପ୍ରାୟ ୬ ମାସ କାଳ ବନ୍ଦ ହୋଇଥିବାରୁ ଅନେକ ବିଷୟ ପଢ଼ାପଢ଼ି ହୋଇ ନଥିବା ଯୋଗୁଁ ସବୁ ବିଷୟ କ୍ଲାସରେ ଚଞ୍ଚଳ ଶେଷ କରିବାରେ ଲାଗିବେ । ପ୍ରକୃତ ପଢ଼ା ହେବନାହିଁ । ପୁଣି ହଷ୍ଟେଲରେ ଖାଇବାପିଇବା ବଡ଼ କଷ୍ଟକର । ମୋର କିନ୍ତୁ ଇଚ୍ଛା, ସେ ସ୍କୁଲରେ ରହି ପଢ଼ା ଶେଷ କରିବ । ସମ୍ବଲପୁର ଜିଲ୍ଲା ସ୍କୁଲରେ ବାଳକ ଛାତ୍ରମାନଙ୍କ ସଙ୍ଗେ ପଢ଼ିବ । ଏହା ମୋର ଇଚ୍ଛା ନୁହେଁ । କଟକରୁ ଚାଲିଆସିଲେ ଏହି ସ୍କୁଲ ଛଡ଼ା ଅନ୍ୟ କୌଣସିଠାରେ ପଢ଼ିବା ସୁବିଧା ନାହିଁ । ମୋର ଅନିଚ୍ଛାର ମୂଳ କାରଣ, ସମ୍ବଲପୁରରେ ମୋର ବନ୍ଧୁବାନ୍ଧବମାନେ ସୁଦ୍ଧା ମୋ ପ୍ରତି ଛାଡ଼, ମୋର ପୁଅଝିଅଙ୍କ ପ୍ରତି ସୁଦ୍ଧା ଉଦାର ବ୍ୟବହାର କରିପାରୁନାହାନ୍ତି, କେବଳ ମୁଁ ଝିଅମାନଙ୍କୁ ଉଚ୍ଚଶିକ୍ଷା ଦେଇଥିବା ଯୋଗୁଁ । ଯାହାହେଉ ପଛକେ ଉମାକୁ କଟକରେ ହଷ୍ଟେଲରେ ରଖିଦେବା ସ୍ଥିରକଲି ।

(କ୍ରମଶଃ)

# ସାହିତ୍ୟରେ ଶ୍ରଦ୍ଧା ଏବଂ ସାମ୍ପ୍ରତିକ ସାହିତ୍ୟ - ଏକ ଦୃଷ୍ଟିପାତ

**କାଳିକିଙ୍କର**



(ପୂର୍ବ ପ୍ରକାଶିତ ଉତ୍ତାରୁ) ପୃଥିବୀରେ ଆଜିଯାଏଁ ଅନେକ ବହି ଛପାହୋଇ ଆତ୍ମପ୍ରକାଶ କରିଛି କିନ୍ତୁ ସବୁ ବହି ବଂଚି ରହିନାହିଁ । କାଳକ୍ରମେ ସେ କେଉଁ ଅନ୍ଧକାରରେ ଅଣନିଃଶ୍ୱାସୀ ହୋଇ ଅଦୃଶ୍ୟ ହୋଇଯାଇଛି । କବି ଉଆଲଟ ହୁଇଟ୍‌ମେନ କହିଥିଲେ- **"Comrade, this is no book, who touches this, touches a man."**

ଆଜି ବହିର ପ୍ରଚାରପ୍ରସାର ଉତ୍ସାହଜନକ ନୁହେଁ । ଆଗକାଳରେ ରାଜା ମହାରାଜାମାନେ କବି ଓ ଲେଖକମାନଙ୍କୁ ପୃଷ୍ଠପୋଷକତା ଦେଉଥିଲେ । ତାଙ୍କର ସୃଷ୍ଟିର ପ୍ରଚାର ପ୍ରସାର କରୁଥିଲେ । ଇତିହାସରେ ଅନେକ ଶାସକଙ୍କ ରାଜଦରବାରରେ କବି ଓ ଲେଖକମାନେ ରହୁଥିବାର ପ୍ରମାଣ ମିଳେ ।

ସାହିତ୍ୟ ଜଗତରେ ପୁସ୍ତକପ୍ରେମର ଅନେକ କାହାଣୀ ମଧ୍ୟ ଶୁଣିବାପାଇଁ ମିଳେ । ଷ୍ଟିଫେନ ବ୍ଲୁମ୍‌ବର୍ଗ ଲାଇବ୍ରେରୀ ବା ବହିଦୋକାନମାନଙ୍କରୁ ବହି ଲୁଣ୍ଠନ କରିବାର କାହାଣୀ ମଧ୍ୟ ଶୁଣାଯାଏ । ଶୁଣାଯାଏ ଯେ ସେ କାଳେ ୩୨୭ଟି ଲାଇବ୍ରେରୀରୁ ୨୨୦୦୦ରୁ ଅଧିକ ବିରଳ ପୁସ୍ତକ ଚୋରି କରିଥିଲେ ଯାହାର ମୂଲ୍ୟ ଚାରିକୋଟିରୁ ଅଧିକ । ସେ କିନ୍ତୁ ଏହି ବହିଚୋରିକୁ ଚୋରିବୋଲି କହୁ ନ ଥିଲେ । ତାଙ୍କ ଚୋରି ଲୋକଲୋଚନରେ ଥିଲା । ସେ ମୋକଦ୍ଦମାର ମଧ୍ୟ ସମ୍ମୁଖୀନ ହୋଇଥିଲେ କିନ୍ତୁ ସେ କହିଥିଲେ ଯେ ବହି ସଂଗ୍ରହ କରିବା ହେଲା ମହତ୍ କର୍ମ । ମୋ ପାଖରେ ବହି କିଣିବାର ସାମର୍ଥ୍ୟ ନ ଥିଲା ତେଣୁ ମୁଁ ବହିଚୋରି କଲି । ବହିଛଡା କ'ଣ ମୁଁ କାହାର କିଛି କେବେ ଚୋରି କରିଛି ?

ସେହିପରି ଆଉ ଜଣେ ଥିଲେ ଇସ୍‌ଲାମୀୟ ପଣ୍ଡିତ ସୟିଦ୍ ସାଫଦର ଅଲ୍ଲୀ ବକ୍‌ରୀ । ସେ ଦିନରେ ଉଚ୍ଚକୋଟୀର ବହିର ସନ୍ଧାନରେ ବିଭିନ୍ନ ଲାଇବ୍ରେରୀ ଘୁରି ବୁଲୁଥିଲେ ଓ ରାତିରେ ସେ ବହି ଚୋରିକରି ନେଇ ଆସୁଥିଲେ । କୁହାଯାଏ ଯେ ହାଇଦ୍ରାବାଦ୍ର କେନ୍ଦ୍ରୀୟ ଲାଇବ୍ରେରୀରୁ ବହିଚୋରିକରୁଥିବାବେଳେ ସେ ଧରାପଡିଥିଲେ । ସେମିତି ବିହାରର ପାଟନାରେ ଥିବା ପ୍ରସିଦ୍ଧ ଖୁଦାବକ୍‌ସ ଲାଇବ୍ରେରୀ ସମ୍ପର୍କରେ କିଛି ରୋଚକ କଥା ଶୁଣିବାକୁ ମିଳେ । ସେଠାରେ ଅନେକ ବିରଳ ପୁସ୍ତକ କେଉଁଠୁ କେମିତି ଆସିଲା ତାର କୌଣସି ତଥ୍ୟ ଏଯାଏଁ କେହି ଦେଇପାରନ୍ତି ନାହିଁ । ତେଣୁ ସନ୍ଦେହ କରାଯାଏ ଯେ ଖୁଦାବକ୍ସ ମହୋଦୟ ନିଜେ ଏ ବହି କେଉଁଠାରୁ ଚୋରାଇ ଆଣି ରଖିଛନ୍ତି । ଖୁଦାବକ୍‌ସ ନିଜେ ଶିକ୍ଷିତ ଲୋକମାନଙ୍କ ମଧ୍ୟରେ ତିନିପ୍ରକାର ମୂର୍ଖଙ୍କ କଥା କହୁଥିଲେ । ସେ କହୁଥିଲେ ଯେ ଭଲବହିଟିଏ ପାଖରେପାଇ ଯିଏ ତାକୁ ପଢ଼େନାହିଁ ବା ସେ ବହିକୁ ଚିହ୍ନିପାରେ ନାହିଁ ସେ ହେଲା ପ୍ରଥମ ନମ୍ବରର ମୂର୍ଖ । ଦ୍ୱିତୀୟରେ ଯିଏ ନିଜପାଖରେ ଥିବା ମୂଲ୍ୟବାନ ବହିଗୁଡିକୁ ଅନ୍ୟକୁ ପଢ଼ିବାକୁ ଦିଏ ସେ ଦ୍ୱିତୀୟ ନମ୍ବରର ମୂର୍ଖ । ତେବେ ତୃତୀୟ ନମ୍ବରର ମୂର୍ଖଙ୍କର କଥା ମଧ୍ୟ କହିଛନ୍ତି ସେ ହେଲା ଯିଏ ପୁସ୍ତକ ପଢ଼ିବାପାଇଁ ମାଗିନେଇ ସେ ବହିକୁ ଫେରାଇଦିଏ ।

ଓଡିଶାର ବିଶିଷ୍ଟ କବି ଡ. ବ୍ରଜନାଥ ରଥଙ୍କ ସମ୍ପର୍କରେ ମଧ୍ୟ ଏକ ରୋଚକ କଥା ଶୁଣିବାକୁ ମିଳେ । ସେ ତାଙ୍କ ବାପା ବିଶ୍ୱନାଥ ରଥ ଯେଉଁ ସ୍କୁଲରେ ଚାକିରୀ କରୁଥିଲେ ସେହି ସ୍କୁଲରୁ ବହିନେଇ ସ୍କୁଲରେ ପଢ଼ିବାକୁ ଦେଇଥିଲେ କିନ୍ତୁ ବହିଟି ସେଦିନର ବାଳକ ବ୍ରଜନାଥଙ୍କୁ ଏମିତି ମୋହାଚ୍ଛନ୍ନ କଲା ଯେ ସେ ବହିଟି ନେଇ ଘରକୁ ଆସିଥିଲେ ଓ ଫେରାଇ ନ ଥିଲେ । ଅବଶ୍ୟ ଏହି ମହାନ କବି ନିଜର ଆୟ ଉପାର୍ଜନରୁ ନିଜେ ଓଡିଶାର ଏକ ବିଶାଳ ଲାଇବ୍ରେରୀ ବିଶ୍ୱତାରା ଓଡିଆ ଗବେଷଣା ଗ୍ରନ୍ଥାଗାର କରି ଯାଇଛନ୍ତି । ଏହି ବହିଚୋରିକୁ ବିଶେଷଭାବରେ ବହିକୁ ବିଶେଷଭାବରେ ଭଲପାଇବାର ଦୋଷବୋଲି କେତେଜଣ କହନ୍ତି । ତେବେ ଯେମିତି ମହୀଶୂର ବିଶ୍ୱବିଦ୍ୟାଳୟର ଦ୍ୱାରଦେଶରେ ଲେଖାଯାଇଛି ଯେ, 'ଜ୍ଞାନ ଲୁଣ୍ଠନ ନୁହେଁ ଅପରାଧ କିନ୍ତୁ ବହି ଲୁଣ୍ଠନ ଯେ ନିଶ୍ଚିତ ଅପରାଧ' ଏକଥାକୁ ଏଡାଇ ଦିଆଯାଇ ନ ପାରେ ।

ବହିପ୍ରତି ଶ୍ରଦ୍ଧାଭାବକୁ ସାମ୍ପ୍ରତିକ ପରିସ୍ଥିତିରେ ବିଚାରକଲାବେଳେ ଏହାର ଜନ୍ମବୃତ୍ତାନ୍ତ ଉପରେ ସାମାନ୍ୟ ଧ୍ୟାନଦେବା ବିଧେୟ । ଇଂଲଣ୍ଡରେ ବାର୍ଚ ନାମକ ଏକ ଗଛ ଦେଖିବାକୁ ମିଳେ ଯାହାର ବକ୍କଳ ଖୁବ୍ ଚିକ୍କଣଓ ଧଳା । ତା ଉପରେ ଖୁବ୍ ସୁନ୍ଦର ଉପରେ ଲେଖାଲେଖି କରାଯାଇପାରେ । ବାର୍ଚ ଗଛର ସ୍ୟାକ୍‌ସନି ନାମଟି ହେଉଛି ବୋକ୍ ଯାହାପରବର୍ତ୍ତୀ କାଳରେ ବୁକ୍ ବା ବହିବୋଲି ପରିଚିତ ହୋଇଛି । ସେମିତି ଲାଟିନ ଭାଷାରେ ବହିକୁ ଲିବାର୍ ବୋଲି ମଧ୍ୟ କୁହାଯାଏ ଏବଂ ଏହି ଲିବାର ଶବ୍ଦରୁ ଲାଇବ୍ରେରୀ ହୋଇଛି ବୋଲି ସ୍ୱୀକାର କରାଯାଏ । ଆମେ ଯେଉଁ ବହିକୁ ପୁସ୍ତକ ବୋଲି କହୁ ତାହାର ମୂଳ ସଂସ୍କୃତ ଶବ୍ଦହେଲା ପୁସ୍ତ୍ ଅର୍ଥାତ୍ ବନ୍ଧନ । ପୁସ୍ତୀ ନାମକ ସଂସ୍କୃତ ଶବ୍ଦରୁ ପୋଥୀ ହୋଇଛି ବୋଲି କୁହାଯାଏ ।

ସାମ୍ପ୍ରତିକ ପରିସ୍ଥିତିରେ ଆମେ ଏବେ ଆଲୋଚନା କରିବା ଯେ ବହି ବା ପୁସ୍ତକପ୍ରତି, ପତ୍ରପତ୍ରିକା ପ୍ରତି ତଥା କବି ଲେଖକମାନଙ୍କ ପ୍ରତି ଶ୍ରଦ୍ଧା କମିକମି ଯାଉଛି । ଏହାର କାରଣ କ'ଣ ବୋଲି ଆଲୋଚନା କରିବା । ପ୍ରଥମେ ଲେଖକମାନେ ଯେଉଁ ଲେଖା ଲେଖୁଛନ୍ତି ତାହା ସମାଜର ସ୍ଥିତି ପରିସ୍ଥିତିକୁ ଉପସ୍ଥାପିତ କରିପାରୁ ନାହିଁ । ତାହା ରସୋଚ୍ଛଳ ହେଉନାହିଁ, ଏମିତିକି ଭଲ ଲେଖା ପାଠକ ପାଖରେ ପହଂଚି ପାରୁନାହିଁ । ଦ୍ୱିତୀୟ କାରଣ ହେଉଛି ଲେଖକ ବା କବି ଆଧୁନିକତା ନାମରେ ଏମିତି କବିତା ବା ଗଳ୍ପ ଲେଖୁଛନ୍ତି ତାହା ସାଧାରଣ ପାଠକକୁ ବୋଧଗମ୍ୟ ହେଉନାହିଁ । ସେ ବୁଝିପାରୁନାହିଁ ଯେ କବି ବା ଲେଖକ କ'ଣ ଲେଖିଛନ୍ତି । ଲାଗୁଛି ଯେମିତି କବି, ଗାଳ୍ପିକ ଇତ୍ୟାଦି ମଧ୍ୟ ଆଜି ଦିଗହରା । ସେମାନେ ମଧ୍ୟ ଯେମିତି ପାଠକ କ'ଣ ପଢ଼ିବାକୁ ପସନ୍ଦ କରୁଛି ବୁଝିବାକୁ ଅସମର୍ଥ । ଆଜିକାଲି ଯେତେ ବହି ପ୍ରକାଶିତ ହେଉଛି ସେ ସମସ୍ତ ବହି ଗୁଣାତ୍ମକ ହୋଇପାରୁ ନାହିଁ । ପ୍ରକାଶକମାନେ ଆଜି କେବଳ ଟଙ୍କା ଯିଏ ଦେଲା ତା'ର ବହି ସାଧାରଣରେ ପ୍ରକାଶ କରୁଛନ୍ତି । ବହି ଛପା ଆଜି ଏକ ବ୍ୟାପାର ପାଲଟି ଯାଉଛି । ଜଣେ ଭଲ ଲେଖକ ବା କବି ଅର୍ଥାଭାବରୁ ନା ତା'ର ପୁସ୍ତକକୁ ପ୍ରକାଶ କରିପାରୁଛି ନା କେହି ପତ୍ରପତ୍ରିକା ମଧ୍ୟ ତାଙ୍କ ଲେଖା ଛାପୁଛନ୍ତି । ପତ୍ରିକାଙ୍କର ଅବସ୍ଥା ମଧ୍ୟ ସେହି ସ୍ତରକୁ ଗଲାଣି । ପତ୍ରିକାର ମାଲିକ ଓ ସମ୍ପାଦକମାନେ ଟଙ୍କା ପଇସା ଆଦି ନେଇ ଲେଖା ଛାପୁଛନ୍ତି । ଏମିତି କି ସାହିତ୍ୟ ଆଜି ଯୌନ ସମ୍ପଦର ମଧ୍ୟ ଅଧୀନ ହେବାର ଲାଗୁଛି । ଏ କଥା ଶୁଣିବାକୁ ଭଲ ଲାଗୁ ନ ଥିଲେ ମଧ୍ୟ ଅସତ୍ୟ ନୁହେଁ ।

ଆଜିକାଲି ଏମିତି ମଧ୍ୟ ପତ୍ରପତ୍ରିକା ବାହାରୁଛି ସେମାନେ ସାହିତ୍ୟ କମ୍ ରୂପଚର୍ଚ୍ଚା ଭିତରେ ବେଶୀ ମସ୍‌ଗୁଲ ରହୁଛନ୍ତି । ଚଳଚିତ୍ର ପ୍ରଚ୍ଛଦ ଭଳି ସୁନ୍ଦରୀ ଝିଅଙ୍କର ଫଟୋ ନ ହେଲେ ପତ୍ରିକା ବାହାରୁ ନାହିଁ । ଏମିତି କି ପତ୍ରିକାମାନଙ୍କର ପ୍ରଚାରପ୍ରସାରପାଇଁ ମଧ୍ୟ ସମାନ ଆଚରଣ ପ୍ରଦର୍ଶନ କରୁଛନ୍ତି । ଏସବୁ ଦେଖିଲେ ଲାଗେ ସାମ୍ପ୍ରତିକ ସାହିତ୍ୟ ଆଜି କେଉଁ ସ୍ତରରେ ପହଂଚିଲାଣି । ସରକାରୀ ସ୍ତରରେ ମଧ୍ୟ ଆଜିକାଲି କବି, ଲେଖକ, ପ୍ରକାଶକ, ସମ୍ପାଦକଙ୍କ ପ୍ରତି କୌଣସି ସହାଯ୍ୟ ସହାନୁଭୂତି ନାହିଁ । ତେଣୁ ସାହିତ୍ୟ କ୍ଷେତ୍ରରେ ଶ୍ରଦ୍ଧା ଯେ କମି କମି ଯାଉଛି ଏଥିରେ ସନ୍ଦେହ ନାହିଁ ।

(ସମାପ୍ତ)


♥ ସୌଭାଗିନୀ ନିବାସ, ରଟିଲୋ, ରେଂଚ,
ପୁରୀ-୭୫୨୧୧୪, (ମୋ) ୮୨୪୯୨୧୬୦୬୭


## ଆମ ସମୟର କବିତା.....

### ॥ ଖରା ଛାଇ ॥

**ଦେବଯାନୀ ରାୟ**



ଆସ ଖରାକୁ ପିଠି କରି ଗଢ଼ିବା ଆମ୍ର କୁଞ୍ଜ
କୋଇଲି କୁହୁତାନେ ଚିତ୍ରେଇବା ସ୍ୱପ୍ନ ପୁଞ୍ଜ ।

ମହାବାତ୍ୟା ଭୋଗି ସାରିଥିବା ଡେଣାମାନଙ୍କୁ
ଦେଇଦେବା ଗୋଟେ ଗୋଟେ କୁହୁକ ସ୍ପର୍ଶ
ଅସଜଡା ଜୀବନକୁ ସଜେଇବା ଧାଡ଼ିକରି
ନିଜ ଇଚ୍ଛାରେ ଭରିଦେବା ସବୁଜ ଉଲ୍ଲାସ ।

ଆସ, ବିକଳ ବିବର୍ଣ୍ଣ ଦିଶୁଥିବା
ବକ୍ଷଦେଶୁ ପୋଛିଦେବା ନିଦାଘ ନିର୍ଜନି
ଛାତିସାରା ବିଂଚିଦେବା ପ୍ରେମ ଝଙ୍କାର,
ଏପ୍ରିଲ୍‌ର ଇଦ୍ ଜହ୍ନ
ପିଆଲା ମଧୁଶାଳାର ବିମୁଗ୍ଧ ମୁହାଣ
ଲେଉଟାଣି ସମୟରେ ରାତିର ବଗିଚାରୁ

ତୋଳି ନେବା ଶବ୍ଦର ତାରାଫୁଲ,
ଜହ୍ନ ଜୋଛନାର ଯୁକ୍ତାକ୍ଷର
ପବନର ବଂଶୀସ୍ୱନ
ବିବିଧବର୍ଣ୍ଣର ଆକାଶରୁ
ପରସ୍ପର ଖୋଜିନେବା
ଦେହର ମହାକାବ୍ୟ, ପ୍ରେମ ପ୍ରଭଞ୍ଜନ....।

ସମୁଦ୍ରେ ସିମାହୀନ ଆହ୍ଲାଦ ସହ ଭୁଲିଯିବା
ନିରାନନ୍ଦ ଦୁଃସ୍ୱପ୍ନଙ୍କ ଧୂଳି ଝଡ଼, ବ୍ରଜ, ବିଜୁଳି
ଯେତେ ସମ୍ମୋହନ .., ମଧୁର ମୂର୍ଚ୍ଛନା...,
ତତଲା ଦୀର୍ଘଶ୍ୱାସ ସହ
ସ୍ନାୟୁରେ ସ୍ନାୟୁରେ ଭରିଦେବା
ତରଳ ଲାଭା ପରି ଅଜସ୍ର ଲଳିତ ଉନ୍ମାଦନା

ଦେହର ନିର୍ଦ୍ଦିଷ୍ଟ ବିନ୍ଦୁରେ
ଅୟୁତ କାମନା ।

ଯେଉଁଠି ଋତୁ ସହ ବାଟ ହୁଡେ
ମନର ଉଦାସୀନ ଅଭିଳାଷ
ବୁନ୍ଦାଏ ପ୍ରେମର ନିର୍ବାଣ ବାସ୍ନାରେ ମହକି ଉଠେ
ସଂସାରୀର ଲାଜବତୀ ହସ ।
ଆସ, ଖରାକୁ ପିଠି କରି ପୁଣି ଥରେ ସାଉଁଟିବା
ମରୁରେ ହଜି ଥିବା ଚମତ୍କାରୀ ଚୋରାବାଲିର
ନୀଳ ନିବିଡ଼ ଶୋଷ ...।


♥ ଜଟଣୀ, ଖୋର୍ଦ୍ଧା
(ମୋ) ୯୪୩୭୪୧୩୩୧୪


### ॥ ମୁଁ ସେଇଠି ଥାଏ ॥

**ପ୍ରିୟଙ୍କା ପ୍ରିୟଦର୍ଶନୀ ଦାସ୍**



ମୁଁ ସେଇଠି ଥାଏ
ଯୋଉଠି ମାଟି ଫାଟି କଅଁଳେ ପିଲାଦିନ,
ପ୍ରଜାପତି ପରି ଏ ଫୁଲରୁ ସେ ଫୁଲକୁ
ଉଡ଼ି ବୁଲୁଥାଏ ମନ ।
ଯୋଉଠି ଏବର ଏଲ୍.ଇ.ଡି ଷ୍ଟ୍ରିଟ୍ ଲାଇଟ୍
ସ୍ୱପ୍ନ ପରି ଦିଶେ,
ଲଣ୍ଠନର ଛାଇ ଆଲୁଅରେ ପଢ଼ା ହୁଏ
ଜହ୍ନମାମୁଁ ଗପ ।

ମୁଁ ତ ସେଇମିତି ଠିଆ ହେଇଥାଏ
ଗାଁ ମୁଣ୍ଡ ବୁଢ଼ା ବରଗଛ ଭଳି
ସ୍ଥିର ନିଶ୍ଚଳ ହେଇ,
ରେଳଗାଡ଼ି ପରି
ଅହର୍ନିଶ ଧାଉଁଥିବା ସହରର
ହାନି ଲାଭ କଥାରେ
ମୋର ବା କଣ୍ ଯାଏ ?

ମୁଁ ସେଇଠି ଥାଏ ଯୋଉଠି
ସମୟର ପ୍ରତିକୂଳତାକୁ
ବେଖାତିର୍ କରି
ତା ନିଜ ଢ଼ଙ୍ଗରେ
ବୋହିଯାଏ ନଈ,
ସମ୍ଭାବନାର ଗୀତ ଗାଇ ଗାଇ ।

ମୁଁ ସେଇଠି ଥାଏ ଯୋଉଠି
ପବନର ପାନିଆରେ ବେଣୀ ବାନ୍ଧେ
କାଶତଣ୍ଡି ଫୁଲର ବହର,
ଅରତୁରେ ବି
ବିଞ୍ଚି ହେଇଯାଏ ବାସ୍ନାୟିତ
ଫୁଲର ମହକ,
କୃତ୍ରିମତାରେ ଖୁନ୍ଦି ହେଇଥିବା
ଏଇ କଂକ୍ରିଟ ସହର ସହ
ମୋର ନଥାଏ ସମ୍ପର୍କ ।

ମୁଁ ସେଇଠି ଗୋଟାପଣେ ଲାଖିଥାଏ,
ଯେଉଁଠି
ଫି' ଥର ଜହ୍ନ ରାତିରେ ରେଡିଓରୁ ଶୁଭୁଥାଏ
ଖୋକା ଭାଇର ଗୀତ ।
ଯେଉଁ ଶୀତ ରାତିରୁ ଭାସି ଆସେ
ନିଆଁ ପୁଉଁଥିବା ପଲ୍ଲୀର ଦୃଶ୍ୟ ।
ମିଛ କନିଆରେ ବୋହୂଚୋରି ଖେଳିବାର ମଜା,
ସେଇଠି ହିଁ ମୁଁ ଯତ୍ନ କରି ବାନ୍ଧୁଥାଏ ବସା ।

ଦେଖିଯାଅ ଆସି ନିରୋଳାରେ
ସେ ଜୀବନଟା ପାଇଁ ମୁଁ କେତେ ଝୁରିମରେ !
ଦେହ ସିନା ଥାଇପାରେ !
ମୁଁ କିନ୍ତୁ ନଥାଏ ଏଇ ମନୁଷ୍ୟକୃତ ସହରରେ,
ମୁଁ ଥାଏ ସେ ପୁରୁଣା ଦିନର ମାଟିରେ,
ପାଣିରେ ଆଉ ପବନରେ ।


♥ ସହଦେବଖୁଣ୍ଟା, ବାଲେଶ୍ୱର-୧
(ମୋ) ୭୭୮୮୯୭୭୨୭୬


### ॥ କାଳୀ ଝିଅର ମାଆ ॥

**ଡ. ମମତା ସାହୁ**



ସେ ହୋଇପାରେ ଲୁହର ଗୋଟେ ନାଁ
ସବୁ ଅପ୍ରେମ ଉପେକ୍ଷା ଅଲୋଡାପଣକୁ
ଗର୍ଭସ୍ଥ କରିପାରୁଥିବା ନରମ ଧାସର ଛୁଆଁ
ଆଖିର ଥାଳରେ ଲୁହ ଲୁଚାଇ
ଓଠ ପିଆଲାରୁ ହସ ବାଣ୍ଟି
ସବୁ ଅସାଧର ସାଧନ ପାଇଁ
ବହୁଥାଏ ପାହାନ୍ତିରୁ ରାତି ।

ଶୃଙ୍ଖଳାର ପୁଟମାଟି ଦେଇ
ପବିତ୍ରତାର ପାଣିଛିଞ୍ଚି
ସେ ବଢାଇଥାଏ ନିଜ ପଦ୍ମବନ
ମୂଳରେ ଥାଏ ଇନ୍ଦ୍ରିୟଙ୍କ କଠୋର ସାଧନ
ଡାଳରେ ବାଜେ ଶତ କୁହୁତାନ
ତା ପଦ୍ମ ସ୍ୱର୍ଗ ଅପସରି
ନାକ ଶୁକଚଞ୍ଚୁ, ଆଖି ଢଳଢଳ
ସତେକି କୃଷ୍ଣା ନ ହେଲେ ଦ୍ୱିତୀୟ ଈଶ୍ୱରୀ
ଈଶ୍ୱରୀର ଭଲ ମନ୍ଦ
ସବୁ ମାଆ ପଣତରେ
କେହି ବୁଝନ୍ତିନି ଈଶ୍ୱର ବି ନୁହେଁ
କେମିତି ଲୁହର ନଦୀଟେ ବହୁଥାଏ ତା
ଗାଲ ଚଟାଣରେ
ତଥାପି ସେ ବଞ୍ଚେ
ଝିଙ୍ଗାସର ବିତାନରେ ସିଝି ସିଝି
ନାକଛିଞ୍ଚଡା ପାଣିରେ ମୁହଁକୁ ପଖାଳି
କେହି ଜଣେ ଆଗନ୍ତୁକର ସ୍ୱପ୍ନ ଦେଖୁଥାଏ
ଯିଏ ସଞ୍ଜର ଶେଷ ରେଳରେ ଆସି
ଈଶ୍ୱରୀକୁ ନିଜର କରିବ
ତା ଅହଲ୍ୟା ହଲ୍ୟା ପାଲଟିବ
ପଥର ଦେହରେ ସିନ୍ଦୁର ଦେଲେ
ସେ ଦେବୀ ପରି ଦିଶିବ ।


♥ ଅଧ୍ୟାପିକା ସମାଜ ବିଜ୍ଞାନ
ଜମ୍ବୁବତୀ ନିବାସ
କଲେଜ ଛକ, ଭଦ୍ରକ

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୦୫ ଫେବୃଆରୀ, ୨୦୨୩




## ପ୍ରେମରେ ପ୍ରେମରେ ଗୀତି ....(୭୮)



### ॥ ବାଡୁଅ ଦିନର ପାପ ॥


■ ବିପିନ ମହାନ୍ତି

ଏଇତ ସେ ରାତି ଯେଉଁ ରାତି ପାଇଁ
ଜାଳିଥିଲ ତୁମେ ଦୀପ,
ଜଳିଯିବା ଦୁହେଁ ଜାଳିଦେଇ ଆମ
ବାଡୁଆ ଦିନର ପାପ ।

ନିରୋଳା ରାତିର ଶେଷ ପହରରେ
ନିରବର କୋଳାହଳ,
ବେଢ଼ିଥିଲା ତୁମ ବାହୁର କଙ୍କଣ
ବିଦାୟ ନେବାର ବେଳ,
ନ ପାହୁ ଏ ରାତି ନ ସରୁ ଏ ପ୍ରୀତି
କରୁଥିଲ ଅନୁତାପ ।

ଲାଜେଇ ସକାଳ ଖୋଜୁଥିଲା ତୁମ
ନିବିରେ ନଖର କ୍ଷତ,
ବାନ୍ଧୁଥିଲ ତୁମେ ମୁକୁଳା ଜୁଡ଼ାକୁ
ବେଳ ହେଲା ରତରତ,
ଏ ରାତି କାହାଣୀ ରହିଗଲା ପୁଣି
ହୋଇ ଅଧାଲେଖା ଗପ ।


♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨ (ମୋ) ୯୮୬୧୧୪୯୯୧


## ପ ର ମ୍ପ ରା..

## ମାଘ ପୂର୍ଣ୍ଣିମା

■ ଜୟଶ୍ରୀ ପଟ୍ଟନାୟକ



ପୌଷମାସ ପରେ ମାଘ ମାସ ଆରମ୍ଭ ହୋଇଥାଏ । ହିନ୍ଦୁ କ୍ୟାଲେଣ୍ଡର ଅନୁଯାୟୀ ବର୍ଷର ୧୧ ତମ ଚନ୍ଦ୍ରମାସ ଓ ୧୦ମ ସୌରମାସରେ ପଡ଼େ ମାଘ ମାସ । ଜାନୁଆରୀ, ଫେବୃୟାରୀ ମାସରେ ପଡ଼େ ମାଘ ମାସ । ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ ମାଘ ମାସରେ ମଘା ନକ୍ଷତ୍ର ଯୁକ୍ତ ପୂର୍ଣ୍ଣିମା ପଡୁଥିବାରୁ ମାସର ନାମ ମାଘ ହୋଇଛି । କୁହାଯାଏ ଯେ, ଏହି ମାସରେ ପବିତ୍ର ନଦୀରେ ସ୍ନାନ କରିବା ଦ୍ୱାରା ପାପମୁକ୍ତ ହୋଇ ସ୍ୱର୍ଗଲୋକକୁ ଯାଆନ୍ତି । ପଦ୍ମପୁରାଣର ଉତରାଖଣ୍ଡରେ ମାଘମାସର ମହାତ୍ମ୍ୟ ବର୍ଣ୍ଣନା କରାଯାଇଛି । ମାଘ ପୂର୍ଣ୍ଣିମାରେ ସ୍ୱୟଂ ବିଷ୍ଣୁ ଗଙ୍ଗାଜଳରେ ବାସ କରନ୍ତି ତେଣୁ ଏହା ପୁଣ୍ୟର ସମୟ । ଗଙ୍ଗାଜଳ ସ୍ପର୍ଶ ମାତ୍ରକେ ପାପ ଖଣ୍ଡନ ହୁଏ ବୋଲି ବିଶ୍ୱାସ ରହିଛି । ଏଣୁ ସ୍ୱର୍ଗଲାଭ, ପାପମୁକ୍ତି ଏବଂ ଭଗବାନ ବାସୁଦେବଙ୍କ କୃପା ଲାଭ କରିବାକୁ ଚାହିଁଥିବା । ମନୁଷ୍ୟ ମାଘସ୍ନାନ କରିବା ଉଚିତ୍ । ଏହି ସମୟରେ ବିଭିନ୍ନ ଆଡୁ ଅସିଥିବା ସାଧୁ ସନ୍ଥ ମାନଙ୍କର ମେଳା ଲାଗିଥାଏ । ଏହା ଏକ ବାର୍ଷିକ ପର୍ବ । ନଦୀକୂଳରେ ହିନ୍ଦୁ ମନ୍ଦିର ମାନଙ୍କ ପବିତ୍ର ସ୍ଥାନରେ ଅନୁଷ୍ଠିତ ହୁଏ । ମାଘ ମାସରେ ଭଗବାନ ମାଧବଙ୍କୁ ପୂଜାକରି ନଦୀରେ ସ୍ନାନ କରିବା ଦ୍ୱାରା ସ୍ୱର୍ଗଲୋକ ପ୍ରାପ୍ତ ହୋଇଥାଏ । ଅନନ୍ତକାଳ ସ୍ୱର୍ଗଲୋକରେ ରହିବାକୁ ଇଚ୍ଛା କରୁଥିବା ବ୍ୟକ୍ତି ମାଘମାସରେ ଯେତେବେଳେ ସୂର୍ଯ୍ୟ ମକର ରାଶିରେ ଥିବା ସମୟରେ ପବିତ୍ର ନଦୀରେ ପ୍ରାତଃ ସ୍ନାନ କରିବା ବିଧେୟ । ମାଘ ପୂର୍ଣ୍ଣିମାର ପବିତ୍ର ତିଥିରେ କୁମ୍ଭମେଳା ମଧ୍ୟ ଅନୁଷ୍ଠିତ ହୁଏ । ଏହି ମେଳା ୧୨ ବର୍ଷରେ ଥରେ ଅନୁଷ୍ଠିତ ହୋଇଥାଏ । ଜ୍ୟୋତିଷ ଶାସ୍ତ୍ର ଅନୂଯାୟୀ ଯେତେବେଳେ ସୂର୍ଯ୍ୟ, ଚନ୍ଦ୍ର ଓ ବୃହସ୍ପତିଙ୍କର ପବିତ୍ର ଅବସ୍ଥାନ ହୁଏ ସେତେବେଳେ କୁମ୍ଭମେଳା ଅନୁଷ୍ଠିତ ହୁଏ । ଏହି କୁମ୍ଭମେଳା ଆଲାହାବାଦ, ଦକ୍ଷିଣରେ ମହାମହମ ନଦୀ ନିକଟସ୍ଥ କୁମ୍ଭକୋଣମ, ପୂର୍ବରେ ପଶ୍ଚିମବଙ୍ଗର ସାଗର ଦ୍ୱୀପରେ ଏବଂ କୋଣାର୍କ ନିକଟସ୍ଥ ଚନ୍ଦ୍ରଭାଗାରେ ଅନଷ୍ଠିତ ହୁଏ । ଏହିଦିନ ଚନ୍ଦ୍ରମାର ପ୍ରଭାବ ବୃକ୍ଷ, ନଦୀ, ଜଳାଶୟ ଏବଂ ବନସ୍ପତିରେ ପଡି ଆରୋଗ୍ୟଦାୟକ ଗୁଣ ଉତ୍ପନ୍ନ ହୁଏ । ଧାର୍ମିକ ମତାନୁସାରେ ମାଘ ପୂର୍ଣ୍ଣିମାରେ ଦାନଧର୍ମ ସ୍ନାନ କରିବା ଦ୍ୱାରା ସୂର୍ଯ୍ୟ ଓ ଚନ୍ଦ୍ର ଦୋଷରୁ ମୁକ୍ତି ମିଳେ । ମକର ରାଶିରେ ସୂର୍ଯ୍ୟଙ୍କର ପ୍ରବେଶ ଏବଂ କର୍କଟରେ ଚନ୍ଦ୍ରଙ୍କର ପ୍ରବେଶ ସମୟକୁ ମାଘ ପୂର୍ଣ୍ଣିମାର ପୂର୍ଣ୍ଣଯୋଗ ହୁଏ । ଏହିଦିନ ସବୁ ତୀର୍ଥର ଦେବତାମାନେ ପ୍ରୟାଗ ତଥା ଅନ୍ୟ ତୀର୍ଥ ମାନଙ୍କରେ ପ୍ରତୀୟମାନ ହୁଅନ୍ତି । ତେଣୁ ଆଲାହାବାଦର ପ୍ରୟାଗ ସଙ୍ଗମରେ ମାଘପୂର୍ଣ୍ଣିମା ଦିନ ବୁଡ଼ ପକାଇବା ଦ୍ୱାରା ପୁଣ୍ୟ ଅର୍ଜନ ହୁଏ ବୋଲି କଥିତ ଅଛି ।

ମାଘମାସରେ ପ୍ରତ୍ୟେକ ମନୁଷ୍ୟ କମ୍ ସେ କମ୍ ଗୋଟିଏ ଥର ପବିତ୍ର ନଦୀରେ ସ୍ନାନ କରିବା ଦ୍ୱାରା ପାପ କ୍ଷୟ ହୋଇ ପୁଣ୍ୟ ଅର୍ଜନ ହୁଏ । କୁହାଯାଏ ଯେ , ଏହି ମାସରେ ନଦୀ ମାନଙ୍କରେ ସ୍ନାନ କରିବା ଦ୍ୱାରା ଶରୀରକୁ ବିଭିନ୍ନ ରୋଗ ଦାଉରୁ ବଂଚେଇ ହୁଏ । ସୂର୍ଯ୍ୟପୂଜା ଦ୍ୱାରା ଅନେକ ସମସ୍ୟାରୁ ମୁକ୍ତି ମିଳେ । ଏହା ଅତୀତର ଭୂଲପାଇଁ ପ୍ରାୟଶ୍ଚିତ ବା ଅନୁତାପ କରିବାର ଏକ ପ୍ରକୃଷ୍ଟ ମାଧ୍ୟମ ଏବଂ ପୂନର୍ଜନ୍ମରୁ ମୁକ୍ତି ମିଳେ ବୋଲି ବିଶ୍ୱାସ ରହିଛି । ମାଘରେ ଶୀତଋତୁ ସରିଥାଏ । ବସନ୍ତ ଋତୁର ପ୍ରାରମ୍ଭ ହୋଇଥାଏ । ଋତୁ ପରିବର୍ତନ ସ୍ୱାସ୍ଥ୍ୟ ପ୍ରତି ଅନୁକୂଳ ହୋଇଥାଏ । ସକାଳୁ ପ୍ରତିଦିନ ସ୍ନାନଦ୍ୱାରା ଶରୀର ସୁସ୍ଥ ରହେ । ବ୍ରହ୍ମବୈବର୍ତ ପୁରାଣରେ ଉଲ୍ଲେଖ ରହିଛି କି ମାଘ ପୂର୍ଣ୍ଣମାରେ ଭଗବାନ ବିଷ୍ଣୁ ଗଙ୍ଗାଜଳରେ ନିବାସ କରନ୍ତି ତେଣୁ ଏହି ସମୟରେ ଗଙ୍ଗାଜଳ ସ୍ପର୍ଶ ମାତ୍ରକେ ସ୍ୱର୍ଗପ୍ରାପ୍ତି ହୁଏ । ପଦ୍ମ ପୁରାଣ ଅନୁସାରେ ଭଗବାନ ବିଷ୍ଣୁ ବ୍ରତ ଉପବାସ ଦାନ ଧର୍ମ ଦ୍ୱାରା ଯେତିକି ପ୍ରସନ୍ନ ହୁଅନ୍ତିନି ସେତିକି ପ୍ରସନ୍ନ ହୁଅନ୍ତି ମାଘସ୍ନାନ କରିବା ଦ୍ୱାରା ।

ମହାଭାରତରେ କୁହାଯାଇଛି ଯେ ଏହିଦିନ ଅନେକ ତୀର୍ଥର ସମାଗମ ହୁଏ । ଏହା ଏକ ମହାନ୍ ସାଂସ୍କୃତିକ ମେଳା । ମାଘମେଳା ହେଉଛି ନଦୀପର୍ବର ଏକ ଅଂଶ । ବୃହସ୍ପତି ବର୍ଷସାରା ବିଭିନ୍ନ ରାଶିକୁ ଚଳନ କରେ । ନଦୀ ଗୁଡିକ ବିଭିନ୍ନ ସମୟରେ ଭାରତର ପ୍ରମୁଖ ନଦୀ କୂଳରେ ଘାଟ ଏବଂ ମନ୍ଦିରକୁ ଘୂର୍ଣ୍ଣନ କରିଥାନ୍ତି । ନଦୀକୁ ତୀର୍ଥସ୍ଥଳୀ ବୋଲି ମଧ୍ୟ ବିବେଚନା କରାଯାଏ । ତେଣୁ, ବାର୍ଷିକ ମାଘ ମେଳା ବା ସାଂସ୍କୃତିକ ମେଳାରେ ନାରାୟଣଙ୍କୁ ପ୍ରାପ୍ତି ପାଇଁ ମାଘ ପୂର୍ଣ୍ଣିମାରେ ନଦୀର ସଙ୍ଗମ ସ୍ଥଳୀରେ ସ୍ନାନକୁ ପୁଣ୍ୟରେ ଯୋଡାଯାଇଛି । ଭୃଗୁଋଷିଙ୍କ କଥାନୁସାରେ ବ୍ୟାଘ୍ରମୁଖୀ ବିଦ୍ୟାଧର ଓ ଗୌତମ ଋଷିଦ୍ୱାରା ଅଭିଶପ୍ତ ଇନ୍ଦ୍ର ମାଘ ସ୍ନାନ ଦ୍ୱାରା ଶାପମୁକ୍ତ ହୋଇଥିଲେ ।

ଏହିଦିନ ଯଜ୍ଞ ତପ ଓ ଦାନର ବିଶେଷ ମହତ୍ୱ ରହିଛି । । ମାଘ ପୂର୍ଣ୍ଣିମାର ସକାଳେ ସୂର୍ଯ୍ୟୋଦୟ ପୂର୍ବରୁ ପବିତ୍ର ନଦୀରେ ସ୍ନାନପୂର୍ବକ ଭଗବାନ ମଧୁସୂଦନଙ୍କ ପୂଜା କରିବା ବିଧେୟ । ଏହି ମାସରେ ପୂର୍ବପୁରୁଷଙ୍କୁ ତିଳଦାନ କରିବାର ବିଶେଷ ମହତ୍ୱ ରହିଛି । ମାଘ ମାସରେ କଳା ରାଶିରେ ଯଜ୍ଞ ଓ ପିତୃ ତର୍ପଣ କରିବା ଦ୍ୱାରା ପାପକ୍ଷୟ ହୁଏ ।

ମତ୍ସ୍ୟପୁରାଣ ଅନୁସାରେ ମାଘମାସ ପୂର୍ଣ୍ଣିମା ଦିନ ଯୋଉ ବ୍ୟକ୍ତି ବ୍ରାହ୍ମଣକୁ ଦାନ କରେ ତାର ବ୍ରହ୍ମଲୋକ ପ୍ରାପ୍ତି ହୁଏ । ଏହିଦିନ ଜପ, ତପ, ଦାନ ଧର୍ମ ସହିତ ଗରୀବଙ୍କୁ ଭୋଜନ. ଶୀତବସ୍ତ୍ର ଆଦି ଦାନ କରିବା ଦ୍ୱାରା ପୁଣ୍ୟ ହୋଇଥାଏ । ଏହା କରିବା ଦ୍ୱାରା ଦେବୀ ଦେବତା ମାନେ ଆଶିର୍ବାଦ କରନ୍ତି । ମାଘ ମାସରେ ଗଙ୍ଗା ସ୍ନାନର ବଡ଼ ମହତ୍ୱ ରହିଛି ହରିଦ୍ୱାରରେ ଅନୁଷ୍ଠିତ ହୁଏ ୧୨ ବର୍ଷରେ ଥରେ କୁମ୍ଭମେଳା । ଏହିଦିନ ସ୍ନାନକରି ଗଙ୍ଗାଜଳ ମିଶାଇ ଗଙ୍ଗାମାତା ଧ୍ୟାନ କରିବା ଏବଂ ଦାନ ଧର୍ମ କରିବା ଦ୍ୱାରା ପୁଣ୍ୟ ମିଳିଥାଏ । ମାଘ ପୂର୍ଣ୍ଣମୀ ଦିନ ଅଗ୍ନିକୁ ସନ୍ତୁଷ୍ଟ କରିବା ପାଇଁ ପରିବାର ଲୋକଙ୍କର ସ୍ୱାସ୍ଥ୍ୟ ଭଲ ରହିବା ପାଇଁ ଫସଲ ଭଲ ହେବାପାଇଁ ପତ୍ର, ନଡା, କୁଟା ଗଦା କରି ନିଆଁ ଜଳାଯାଏ ସେଥିରେ ନଡିଆ, ବାଇଗଣ, ଆଳୁ ଆଦି ପରିବା ପକାଇ ପ୍ରସାଦ ରୂପେ ଖିଆଯାଏ । ବିଶ୍ୱର ମଙ୍ଗଳ ପାଇଁ ଅଗ୍ନି ବା ଅଗିଜଳା ପୁନେଇଁ ପାଳନ କରାଯାଏ । ଶୀତକୁ ବିଦାୟ ଦିଆଯାଏ ।


♥ ଭୁବନେଶ୍ୱର, ୭୯୭୮୧୧୦୪୭୪


## ଧାରାବାହିକ ଉପନ୍ୟାସ

# ମାଟିର ପ୍ରହରୀମାନେ


ପୁଷ୍ପାଞ୍ଜଳି ନାୟକ ♥ ଜେଲରୋଡ, ବାଲେଶ୍ୱର-୧ (ମୋ) ୯୨୩୭୯୫୯୯୭୩




ଏ ଉପନ୍ୟାସର ରଚନାକାଳ ପ୍ରାୟ ୧୫/୧୬ ବର୍ଷ ତଳେ ଯେତେବେଳେ ବାଲିଆପାଳରେ ଘାଟୀ-ବିରୋଧି ଆନ୍ଦୋଳନ ତୀବ୍ର ରୂପ ଧାରଣ କରିଥିଲା । କିନ୍ତୁ ଦୁର୍ଭାଗ୍ୟକ୍ରମେ ଏ ଉପନ୍ୟାସଟି ପ୍ରକାଶିତ ହେବା ବହୁତ ଡେରି ହୋଇଗଲା । ତେବେ ଏ ସୌଭାଗ୍ୟର କଥା ଯେ ଯାହା ମୁଁ ଉପନ୍ୟାସରେ ଉଚ୍ଚାରଣ କରିଥିଲି, ତା ସତ ହୋଇଗଲା । ମା ପାଖରେ ପୁଅ ହାର ମାନିବା ଭଳି ମାଟି ପାଖରେ ଘାଟୀ ହାର ମାନିଲା । ଏ ଉପନ୍ୟାସ ଘାଟୀ ଆନ୍ଦୋଳନର ସଂପୂର୍ଣ୍ଣ ବିବରଣୀ ନୁହେଁକିମ୍ବା ସମ୍ପୂର୍ଣ୍ଣ ତଥ୍ୟାଶ୍ରୟୀ ନୁହେଁ । ଅନେକ କ୍ଷେତ୍ରରେ ମୁଁ କଳ୍ପନାର ଆଶ୍ରୟ ନେଇଛି । ଯେଉଁମାନେ ଦୀର୍ଘ ଚାରିବର୍ଷ ଧରି ମାଟିକୁ ଅତନ୍ଦ୍ର ପହରା ଦେଇ ଇତିହାସର ଗତିକୁ ବଦଳାଇଦେଲେ, ସେଇ ବାଲିଆପାଳବାସୀଙ୍କୁ ଏ ଉପନ୍ୟାସ ଅର୍ପଣ କରୁଛି । -ଲେଖିକା

ଶେଷଭାଗ

(ପୂର୍ବ ପ୍ରକାଶିତ ଉତ୍ତାରୁ..)

ସମସ୍ତେ ତାକୁ ସମର୍ଥନ କରି ଏକ ସଙ୍ଗରେ କହିଲେ, ଏ ଆମ ମାଟି । ଏଠି ଘାଟୀ ହେବ ନାହିଁ ।

ଭୋଳାରାମ ସାର୍ ଅବସ୍ଥାକୁ ଆୟତ୍ତ କରିବାକୁ ଯାଇ କହିଲେ, ନା ନା, ଘାଟୀ ହେବ ନାହିଁ । ହେବ ବୋଲି ସରକାରଙ୍କର ପ୍ରସ୍ତାବ ଥିଲା । ପିଲାଲୋକଟାର କଥା ଧର ନାହିଁ ।

ଅଞ୍ଜଳି ଓ ସୁଧା ହତଚକିତ ହୋଇ ଯାଇଥିଲେ ।

ଲୋକଟି ଏଥର ଆହୁରି କର୍କଶ କଣ୍ଠରେ କହିଲା, ସେଇଆ କୁହ ! ଘାଟୀ ହେବ ନାହିଁ ।

ନା ନା ! ଘାଟୀ ହେବ ନାହିଁ । ତିନିହେଁ ସ୍ୱଗତୋକ୍ତି କଲା ଭଳି ଉଚ୍ଚରଣ କଲେ ।

ସେଇ ଲୋକମାନେ ନିଜ ଭିତରେ ଭୁଟୁରୁଭାଟର ହେଉଥିଲେ । ଜଣେ ଏଥର ଆଗକୁ ଆସି କହିଲା, ତମେ ସରକାରୀ ଲୋକ ନୁହଁ ତ ?

ଭୋଳାରାମ ସାର୍ଙ୍କୁ କିଛି କିଛି ଲୋକ ଚିହ୍ନନ୍ତି । ସେମାନଙ୍କର ଅବିଶ୍ୱାସ ଅଞ୍ଜଳି ଓ ସୁଧାକୁ ନେଇ ।

ଅଂଜଳି ବାପାଙ୍କ ନା ଶୁଣି ଜଣେ କିଏ ବୁଢ଼ା ଚିହ୍ନିଲେ । କହିଲେ, ବାଟ ଛାଡିଦିଅ । ଏ ଝିଅର ବାପା ଏଠି ତହସିଲଦାର ଥିଲେ ।

ଗେଟ୍ ଉଠିଲା ।

ଠେଲା ରିକ୍ସା ଭିତରକୁ ପଶିଲା ।

ଅଂଜଳି ଅନ୍ୟମନସ୍କ ହୋଇଯାଇଥିଲା । ସେ ଭାବିଥିଲା, ଉଦ୍‌ବାସ୍ତୁ ହେବାକୁ ଥିବା ଲୋକଙ୍କ ସହ ମିଶି ସେମାନଙ୍କ ମତାମତ ଉପରେ ଏକ ସର୍ଭେ ନେବ । ସେମାନଙ୍କର ପୁର୍ନବାସ ଓ ପୁର୍ନବସତିର ସମସ୍ୟା ନେଇ ଆଲୋଚନା କରିବ । ହେଲେ ସେ ପ୍ରଶ୍ନ କାହିଁ ? ମୂଳରୁ ଘାଟୀ ହେବା କଥାଟି ସେମାନଙ୍କ ପାଖେ ଅସହ୍ୟ । ତାପରେ ପ୍ରଶ୍ନ କାହିଁ ?

ତିନିହେଁ ଯେମିତି ବିସ୍ମୟ ଘେରରେ ଥିଲେ । କେତେ ସମୟ ପରେ ରିକ୍ସାବାଲା ପାଟିକରି ଉଠିଲା, ଆଉ ଗାଡି ଯିବନି । ଆଗରେ ସମୁଦ୍ର !

ଆଗରେ ସମୁଦ୍ର !

ଏ ଆଉ ଏକ ଅପରୂପ ଦୃଶ୍ୟ ।

ନିର୍ଜନ ଶାନ୍ତ ବେଳାଭୂମି । ପ୍ରଶାନ୍ତ ଆକାଶ । କେବଳ ତରଙ୍ଗରାଶି ହିଁ ସେଠାରେ ଯେମିତି ମୁଖର । ରାଶି ରାଶି ସେଇ ନୀଳ ଉତ୍ତାଳ ତରଙ୍ଗ ବେଳାଭୂମିରେ କି ପ୍ରଚଣ୍ଡ ଆବେଗରେ ମଥାପିଟି ଯାଉଛି । ସମୁଦ୍ର କୂଳରେ ମାଇଲ ମାଇଲ ବ୍ୟାପୀ ଝାଉଁବଣ ଲମ୍ବି ଯାଇଛି, କାହିଁ କେତେ ଦୂରକୁ । ଆଉ ଅସଂଖ୍ୟ ଉଇକାଲିପଟାସ ଗଛ । ସାରା ସମୁଦ୍ରକୂଳରେ ରାଶି ରାଶି ଶାମୁକା । ବିଭିନ୍ନ ରଂଗର, ବିଭିନ୍ନ ଚିତ୍ରବିଚିତ୍ର ଶାମୁକା । ଆଉ ଅଜସ୍ର ନାଲି କଙ୍କଡା । କିଏ ବାଲିରେ ଚାଲୁଛି ତ କିଏ ଗାତରେ ପଶି ଯାଉଛି । ଦୂରରୁ ଲାଗୁଛି ଯେମିତି ସମୁଦ୍ରବାଲିରେ ଅଜସ୍ର ନାଲି ଫୁଲ ଫୁଟିଛି ।

ଦୂରରେ, ଖୁବ୍ ଦୂରରେ ଅସଂଖ୍ୟ ନୌକାର ପାଲ ଦିଶୁଛି । କୂଳରେ ବି ଅସଂଖ୍ୟ ନୌକା । କେଉଁଠି ଜାଲ ପଡିଛି ତ କେଉଁଠି କେଉଟମାନେ ଜାଲ ଟାଣୁଛନ୍ତି । ଟିକେ ଦୂରରେ ଗୋଟିଏ ଜାଗାରେ ଖୁବ୍ ଭିଡ । ଜାଲରୁ ସେମାନେ ମାଛ ଅଜାଡୁଛନ୍ତି ।

ଏଇ ପ୍ରଚଣ୍ଡ, ପ୍ରକାଣ୍ଡ ଜଳରାଶି, ଏଇ ଜୁଆର ଭଟ୍ଟାର ଖେଳ, ଏଇ ସୀମାହୀନ ସମୁଦ୍ର, ଅସୀମ ନୀଳ ଆକାଶ... ସବୁ ଯେମିତି ପ୍ରକୃତିର ସେଇ ଅଜେୟ, ରହସ୍ୟମୟ ସତ୍ତା ସମ୍ବନ୍ଧରେ ସଚେତନ କରି ଦେଉଛି । ତାର ବିଶାଳ ରୂପ, ବିରାଟ ଶକ୍ତି ଆଉ ସର୍ବମୟ ସତ୍ତା ନିକଟରେ ମନୁଷ୍ୟ କେତେ ତୁଚ୍ଛ, କେତେ ନଗଣ୍ୟ !

ସାର୍ କହିଉଠିଲେ, ସେଇ ଯେଉଁଠି ଝାଉଁବଣ ସରିଛି, ସେଇଟା ମୁହାଣ । ସୁବର୍ଣ୍ଣରେଖା ସେଠି ସମୁଦ୍ରରେ ମିଶିଛି । ସେଇଠି ପ୍ରକୃତରେ ଘାଟୀ ହେବ । ସେଠୁ କ୍ଷେପଣାସ୍ତ୍ର ଉତ୍‌କ୍ଷେପଣ କରାହେବ ।

ଘାଟୀ ହେବନାହିଁ । ସୁଧା କହିଉଠିଲା ।

ନା ନା, ଘାଟୀ ହେବ ନାହିଁ ।

ସେମାନେ ମନ୍ତ୍ରୋଚ୍ଚାରଣ କଲାଭଳି ଏକ ସାଙ୍ଗରେ କହିଉଠିଲେ ।

॥ ପଚିଶି ॥

କାଳୁପଦା ଗେଟ୍ ଲୋକାରଣ୍ୟ ।

ବାଲିଆପାଳର ସେଇ ଚାଷୀ, ବରିଜିଆ, କେଉଟଙ୍କର ସମସ୍ତ ପ୍ରତିବାଦ ବ୍ୟର୍ଥ ହୋଇଯାଇଛି । ସରକାରଙ୍କର ନିର୍ଦ୍ଦେଶ ନେଇ ଜିଲ୍ଲାପାଳ ଆଜି ଘାଟୀ ଅଞ୍ଚଳ ଭିତରକୁ ପ୍ରବେଶ କରିବେ ।

କାଲିଠାରୁ ଶହ ଶହ ଗାଡ଼ି ଛୁଟୁଛି । ଶହ ଶହ ବନ୍ଧୁକଧାରୀ ପୋଲିସ୍ ଆସି ଚେକ୍‌ଗେଟ୍ ନିକଟରେ ପହଞ୍ଚୁଛନ୍ତି ।

ଭୀମପୁରା, ପାଟପୁରା, କଣ୍ଡେଇପୁର, ଗଡ଼ ମୁକୁନ୍ଦପୁର ଆଦି ଗାଆଁର ଘରେ ଘରେ କାଲିଠୁଁ ଚୂଲୀ ଜଳିନି । ପ୍ରତିଟି ଘରର ଝିଅବୋହୂ, ପିଲାପିଲି, ବୁଢ଼ା ଟୋକା ସମସ୍ତେ ଘରୁ ବାହାରି ଆସିଛନ୍ତି ।

ଆଜି ସେମାନଙ୍କର ଜୀବନମରଣ ସମସ୍ୟା । ଘାଟୀ ନା ମାଟି ?

ଜିଲ୍ଲାପାଳ, ଡି.ଆଇ.ଜି., ଏସ୍.ପି. ଆଦି ସରକାରୀ କର୍ମକର୍ତ୍ତାଙ୍କର ଗାଡ଼ି କ୍ରମଶଃ ଲମ୍ବିଚାଲିଛି ।

ଚେକ୍‌ଗେଟ୍ ପାଖରେ ପ୍ରତିରୋଧ ପ୍ରତିଜ୍ଞା ନେଇ ଛୁଟିଆସିଥିବା ସେଇ ମାଟିର ମଣିଷମାନଙ୍କର ସଂଖ୍ୟା ବି ବଢ଼ିଚାଲିଛି । ସେମାନେ ସମ୍ମିଳିତ ଭାବରେ ଧ୍ୱନି ଦେଉଛନ୍ତି, ଏ ମାଟି ଆମର, ଏ ସମୁଦ୍ର ଆମର...

ଜିଲ୍ଲାପାଳ ଗାଡ଼ିରୁ ଓହ୍ଲାଇଲେ ।

ପଛରେ ଶହ ଶହ ବନ୍ଧୁକଧାରୀ ଉଦ୍ୟତ ପୋଲିସ । ଜିଲ୍ଲାପାଳଙ୍କର ଗୋଟିଏ ନିର୍ଦ୍ଦେଶକୁ ଅପେକ୍ଷା କରି ରହିଛନ୍ତି ।

ସେମାନଙ୍କୁ ପୂର୍ବରୁ ନିର୍ଦ୍ଦେଶ ଦିଆଯାଇଛି, ଜିଲ୍ଲାପାଳ ପ୍ରବେଶ କଲାମାତ୍ରେ ସାମାନ୍ୟ ପ୍ରତିରୋଧର ଉତ୍ତରରେ ବନ୍ଧୁକ ଫୁଟିଉଠିବ । ରକ୍ତର ସ୍ରୋତ ଛୁଟିଲେ ମଧ ଜିଲ୍ଲାପାଳ ଆଜି ଘାଟୀ ଅଞ୍ଚଳ ଭିତରକୁ ପ୍ରବେଶ କରିବେ । ଉତ୍ତେଜନାରେ ବାୟୁମଣ୍ଡଳ ଭରିଯାଇଛି ।

ଗଗନପବନ ଭେଦି ଧ୍ୱନି ଉଠୁଛି, ଏ ମାଟି ଆମର, ଏ ସମୁଦ୍ର ଆମର ।

ଜିଲ୍ଲାପାଳ ଆଗେଇ ଚାଲିଛନ୍ତି । ଆଉ ଗୋଟାଏ ପାଦ ପରେ ଚେକ୍‌ଗେଟ୍ ।

ଗେଟ୍ ଆରପଟେ ସହସ୍ର ସହସ୍ର ନିରସ୍ତ୍ର ଜନତା । ମୃତ୍ୟୁ ଲାଗି ସେମାନେ ଆଜି ପ୍ରସ୍ତୁତ ।

ଗେଟ୍ ଉଠାଅ । ଜିଲ୍ଲାପାଳଙ୍କର କଣ୍ଠ ବଜ୍ର ଭଳି କଠୋର ।

ସମ୍ମିଳିତ ଜନତା ପୁଣି ଥରେ ଧ୍ୱନି ଦେଇ ଉଠିଲା, ଏ ମାଟି ଆମର, ଏ ସମୁଦ୍ର ଆମର...

ଉତ୍କଣ୍ଠାରେ ବାୟୁମଣ୍ଡଳ ଥମ୍‌ଥମ୍ ।

ମୁହୂର୍ତ୍ତ ଅଟକି ଯାଇଛି ।

ଜିଲ୍ଲାପାଳଙ୍କର ଗୋଟାଏ ତର୍ଜନୀ ନିର୍ଦ୍ଦେଶରେ ଗୁଡୁମ, ଗୁହୁମ କରି ବନ୍ଧୁକ ଫୁଟି ଉଠିବ । ମାଟିକୁ ରକ୍ଷା କରିବାର ଆଗ୍ନେୟ ଶପଥ ନେଇ ଠୁଳ ହୋଇଥିବା ସେଇ ଚାଷୀ, ବରଜିଆଙ୍କର ରକ୍ତରେ ଏ ମାଟି ଭାସିଯିବ । ଲକ୍ଷେ ତିରିଶ ହଜାର ଜୀବନ ଆଜି ମାଟିରକ୍ଷା ଯଜ୍ଞରେ ଆହୁତି ହୋଇଯିବେ ।

ପୋଲିସ୍ ବାହିନୀ ଉଦ୍ୟତ ହୋଇ ରହିଛନ୍ତି ।

ଇତିହାସ ମଧ ଅଟକି ଯାଇଛି ।

ସମ୍ମିଳିତ ସହସ୍ର ସହସ୍ର ଜନତାଙ୍କ ଚକ୍ଷୁ ଆଜି ଅଶ୍ରୁହୀନ । ସେମାନେ ଆଜି ଲୌହ ଭଳି ନିଷ୍ପନ୍ଦ, ଅବିଚଳିତ । ସମସ୍ତେ ସେଇ ଚରମ ମୁହୂର୍ତ୍ତଟିକୁ ଅପେକ୍ଷା କରି ରହିଛନ୍ତି ।

ହଠାତ୍ ସେଇ ଜନଗହଳି ଠେଲି ବୁଢ଼ୀଟିଏ ଆଗେଇ ଆସିଲା । ସମସ୍ତେ ଚିହ୍ନିଲେ, ସପନୀବୁଢ଼ୀ ।

ବୁଢ଼ୀ ହାତ ହଲାଇ କିଛି କହିବାକୁ ଚାହୁଁଛି । ଜିଲ୍ଲାପାଳ ଅଟକିଗଲେ ।

ବାପ, ତୋର ମାଆ ଅଛି ?

ଜିଲ୍ଲାପାଳ ଚମକିଗଲେ ।

ଆଗରେ ଛିଡ଼ା ହୋଇଥିବା ପିଲାମାନଙ୍କୁ ଦେଖାଇ ପୁଣି ବୁଢ଼ୀ ପଚାରିଲା, ଏମିତି ଛୋଟ ପୁଅଝିଅ ଅଛନ୍ତି ?

ଅଛନ୍ତି ! ଜିଲ୍ଲାପାଳଙ୍କର କଣ୍ଠ କ୍ଷୀଣ ।

ତେବେ ଦେ ବାପ, ଚାପି ଦେଇ ଯା

ଏତିକି କହି ବୁଢ଼ୀ ଚେକ୍‌ଗେଟ୍ ଆଗରେ ଶୋଇ ପଡ଼ିଲା । ତା ସଙ୍ଗେ ସଙ୍ଗେ ଶହ ଶହ ପିଲା । ସତେ ଅବା ସେମାନେ ବୁଢ଼ୀର ନିର୍ଦ୍ଦେଶକୁ ଅପେକ୍ଷା କରି ରହିଥିଲେ ।

ଜିଲ୍ଲାପାଳଙ୍କର ଦେହ କି ଏକ ଆବେଗରେ ଶିହରି ଉଠିଲା ।

ଏଇ ବୁଢ଼ୀ ତାଙ୍କ ମା' ନୁହେଁ ? ଏଇ ଛୋଟ ଛୋଟ ପୁଅଝିଅ ତାଙ୍କ ପୁଅଝିଅଙ୍କଠାରୁ ଅଲଗା ?

ଜିଲ୍ଲାପାଳ ଅଟକିଯାଇଛନ୍ତି ।

ଅଟକି ଯାଇଛି ଇତିହାସ । ନିଜ ମା ଉପରେ, ନିଜ ପୁଅ ଉପରେ କିଏ ଗାଡ଼ି ଚଳାଇ ପାରିବ ?

ଆଉ ସେଇସବୁ ଅଶିକ୍ଷିତ ଚାଷୀ, ବରଜିଆଙ୍କ ଲାଗି ଜନମମାଟି ତ ମାଆ ବା ପୁଅଠାରୁ ଅଲଗା କିଛି ନୁହେଁ । କେଉଁ ବାପ ଆପଣା ମା, ପୁଅଙ୍କ ଉପରେ ବୁଲଡୋଜର ଚାପି ଯିବାକୁ ଛାଡ଼ିଦେବ ?

ଶଙ୍ଖଧ୍ୱନିରେ ବାୟୁମଣ୍ଡଳ କମ୍ପୁଛି । ସମ୍ମିଳିତ ଧ୍ୱନିରେ ବସୁଧା ଦୁଲୁକୁଛି ।

ଜିଲ୍ଲାପାଳ ଅଟକି ଯାଇଛନ୍ତି ।

ଦଶମାସ ଗର୍ଭରେ ଧରି, ଦଶନାଡ଼ ଛିଡ଼ାଇ ଯେଉଁ ମା' ତାଙ୍କୁ ଜନ୍ମ ଦେଇଛି, ସେଇ ମା ଉପରେ ସେ ଗାଡ଼ି ଚଳାଇ ପାରିବେ ?

କେଉଁ ଦୂର ଗାଆଁରେ ଛାଡ଼ି ଆସିଥିବା ମାଆର ମମତାମୟୀ ମୂର୍ତ୍ତି ତାଙ୍କ ଆଗରେ ନାଚି ଯାଉଛି । ସେଇ ମାଆ, ସପନୀବୁଢ଼ୀ ଆଉ ଏଇ ମାଟି ଯେମିତି କେଉଁ ଅଦୃଶ୍ୟ ବିନ୍ଦୁରେ ଏକାକାର ହୋଇଯାଇଛନ୍ତି ।

ବୁଢ଼ୀ ହସୁଛି । ବିଜୟିନୀର ହସ ।

ଜିଲ୍ଲାପାଳଙ୍କର ମୁଣ୍ଡ ନଇଁ ରହିଛି । ଲଜ୍ଜାରେ, କୁଣ୍ଠାରେ । ତାଙ୍କ ସହିତ ଆସିଥିବା ସମସ୍ତ ସରକାରୀ କର୍ମକର୍ତ୍ତା ଆଉ ପୋଲିସଙ୍କ ମୁଣ୍ଡ ମଧ୍ୟ ଅବନତ ହୋଇଯାଉଛି ।

ଆଗରେ ମାଆ ଛାତି ପତାଇ ଦେଇଛି ।

ଏ ଯେମିତି ସପନୀବୁଢ଼ୀ ନୁହେଁ, ମାତୃସ୍ୱରୂପିଣୀ ମାଟି ଆଜି ଛାତି ପତାଇ ଆଗରେ ଶୋଇ ଯାଇଛି ।

ଯେଉଁ ଛାତିର କ୍ଷୀରରେ ସେମାନେ ଏଡୁଟିରୁ ଏଡୁଟିଏ ହୋଇଛନ୍ତି, ସେଇ ଛାତି ଉପରେ ଗାଡ଼ି ଚଳାଇଦେବ, ଏଡ଼େବଡ଼ ଛାତି କେଉଁ ପୁଅର ଅଛି ?

ଜିଲ୍ଲାପାଳଙ୍କର କଠୋର ହୃଦୟ କୋମଳ ହୋଇଯାଉଛି । ସବୁ ଅହଂକାର, ସବୁ ଔଦ୍ଧତ୍ୟ ସବୁ ଧୂଳିରେ ମିଶିଯାଉଛି । ଏଇ ମାତୃମୂର୍ତ୍ତି ଆଗରେ ନିଜକୁ ଧୂଳିଆ ପିଲାବକଟେ ଭଳି ଲାଗୁଛି ।

ବୁଢ଼ୀ ହସୁଛି । ବିଜୟିନୀର ହସ ।

ଜିଲ୍ଲାପାଳ ଫେରିଯାଉଛନ୍ତି । ସରକାରୀ କର୍ମକର୍ତ୍ତାଗଣ ଫେରିଯାଉଛନ୍ତି । ଇତିହାସ ପଛକୁ ଫେରିଯାଉଛି ।

ମାଆ ପାଖରେ ପୁଅ ଆଜି ହାର୍ ମାନିଛି ।

ମାଟି ପାଖରେ ଘାଟୀ ଆଜି ହାର୍ ମାନିଛି ।

(ସମାପ୍ତ)

♥

## ଛୋଟ ଗପ

## ଗଛ ଆମର ଭାଇ



ଗୀତାରାଣୀ ସାହୁ

ଅଗନା ଅଗନି ବନସ୍ତ । ତା ମଧ୍ୟରେ ଗୋଟିଏ କୁଡିଆ । ସେଇଠି ରହୁଥିଲେ ଜଣେ ବୃଦ୍ଧା । ବୟସ ୭୦ ପାଖାପାଖି । ଜଙ୍ଗଲର ଗଛଲତା, ପଶୁପକ୍ଷୀ ତାର ପରିବାର । ସେ ସଂଜହେଲେ କୁଡିଆ ପାଖରେ ବଡ ବଡ କାଠ ଗଣ୍ଡିକୁ ଏକାଠି କରି ନିଆଁ ଜଳାଏ । ଜଙ୍ଗଲର ଭାଲୁ , ବାଘ, ସିଂହ, ଗୁଣ୍ଡୁଚି, କୁଟୁରା ସମସ୍ତେ ଆସି ନିଆଁ ପୁଆଁନ୍ତି । ସେମାନଙ୍କ ମଧ୍ୟରେ ଭାରି ମମତା । ସେମାନେ ତାଙ୍କ ଅବ୍ୟକ୍ତ ଭାଷାରେ ସତେ ଯେମିତି ବୁଢା ସହିତ କଥାବାର୍ତ୍ତା କରନ୍ତି । ବୁଢା ଖୁବ୍ ଆନନ୍ଦିତ ସେମାନଙ୍କ ସାଥିରେ ରହି । ଗଛର ଫଳ ମୂଳ ସଂଗ୍ରହ କରିବା ବୁଢାର ନିତିଦିନର କାମ । ସେ ଫଳ ମୂଳ ସଂଗ୍ରହ କରି ପାଖ ହାଟକୁ ବିକ୍ରି କରିବାକୁ ନିଏ । ପ୍ରତି ସପ୍ତାହର ମଙ୍ଗଳବାର ଦିନ ହାଟ ବସେ ।

ଦିନେ ହାଟରୁ ଫେରି ବୁଢା ମନଦୁଃଖରେ ବସିଥାଏ । ସବୁ ପଶୁପକ୍ଷୀ ଏକାଠି ଆସି ରୁଣ୍ଡ ହେଲେ । ଦେଖିଲେ ବୁଢା ମନ ଭାରୀ ଦୁଃଖ । ସେ ଦିନ ସମସ୍ତେ ଚିଂାରେ ପଡିଗଲେ । ଏତେ ହସ ଖୁସିରେ ସ୍ନେହ ଆଦର କରୁଥିବା ଲୋକଟା କାହିଁକି ଆଜି ଚୁପ୍ ହୋଇଯାଇଛି । ଯେତେ ପଚାରିଲେ ବି ତା ପାଟିରୁ କଥା ବାହାରୁ ନାହିଁ । କେତେ ପଚାରିବା ପରେ ବୁଢା କାନ୍ଦି କାନ୍ଦି କହିଲା - ହେ ପିଲାମାନେ , ତୁମ ପାଇଁ ମୁଁ ଦୁଃଖ କରୁଛିରେ । ଆଜି ହାଟରେ ଲୋକମାନେ କଥାବାର୍ତ୍ତା ହେଉଥିଲେ , କଣ ଗୋଟିଏ ବଡ କାରଖାନା ଏଇଠି ବସିବ । ତେଣୁ ପୁରା ଜଙ୍ଗଲକୁ କାଟି ସେମାନେ ସଫା କରିଦେବେ । ତେବେ ଆମେ ଏବେ କରିବା କଣ ? ସମସ୍ତଙ୍କ ମନରେ ଭାଳେଣି ପଡିଗଲା । ଜଙ୍ଗଲ ସଫା ହୋଇଗଲେ ସେମାନେ ଯିବେ କୁଆଡେ ? ଆଉ ଖାଇବେ କଣ ? ସେମାନଙ୍କ ମଧ୍ୟରେ ବିଲୁଆ ବହୁତ ଚତୁର । ତେଣୁ ସେ କହିଲା ।

ଭାଇମାନେ ହେ ଭାଇମାନେ
ଉପାୟ ରହିଛି ମୋ ମନେ ।

ତା ପରେ ସମସ୍ତେ ଆଶ୍ୱସ୍ତି ପାଇଲେ । ବିଲୁଆର ଉପାୟ କଥା ଜାଣିବାକୁ ବିବ୍ରତ ହେଲେ । କହିଲେ -

ବିଲୁଆ ଭାଇହେ ବିଲୁଆ ଭାଇ
ଉପାୟ କୁହହେ ନ କରି ଡେରି ।

ବିଲୁଆ କହିଲା-

କରିଛି ଯୋଜନା ମୁହିଁ
ଅଧିକାର ଆମ ଅଛିରେ ଭାଇ,
ଏଇ ଜଙ୍ଗଲରେ ରହିବା ପାଇଁ
ମେଳିବାନ୍ଧି ଆମେ ଯିବା ସହରକୁ
ଅଭିଯୋଗ ଦେବା ହାକିମ ବାବୁଙ୍କୁ ।

ବିଲୁଆର ଯୋଜନା ସମସ୍ତଙ୍କ ମନକୁ ପାଇଲା । ସମସ୍ତେ ବିଲୁଆ କଥାରେ ବାହାରିଲେ ସହରକୁ । ଆଗେ ଆଗେ ବୁଢା ଚାଲିଥାଏ । ମୁଣ୍ଡରେ ଥାଏ ପଗଡି । କାନ୍ଧରେ ଟାଙ୍ଗିଆ । ତା ପଛକୁ ବିଲୁଆ, ତା ପଛରେ ହାତୀ, ବାଘ , ସିଂହ , ଭାଲୁ , ହରିଣ ଇତ୍ୟାଦି ପଶୁ ଓ ତା ପରେ ପକ୍ଷୀ ମାନେ । ବିରାଟ ପଟୁଆରରେ ଆସୁଥାନ୍ତି । ଏହା ଦେଖି ସହରର ସବୁଲୋକ ଭୟରେ ଯିଏ ଯୁଆଡେ ଦୌଡିବାକୁ ଲାଗିଲେ । ଯାଇ ପହଂଚିଲେ ଜଙ୍ଗଲ ବିଭାଗର ହାକିମ ବାବୁଙ୍କ ସରକାରୀ ବାସ ଗୃହ ସାମନାରେ । ସମସ୍ତେ ଯାଇ ଆଣ୍ଠୁମାଡି ବସିଲେ । ଏହା ଦେଖି ହାକିମ ତାଟକା । ଆରେ ! ତୁମେ ମାନେ କାହିଁକି ଆସିଛ ? ତା ପରେ ବିଲୁଆ ହାତ ଯୋଡି କହିଲା-

'ହାକିମ ବାବୁ ହେ ହାକିମ ବାବୁ
ତୁମରି ପାଖକୁ ଆସିଛୁ ସବୁ,
କାରଖାନା କଥା ଶୁଣିଲୁ ଯେବେ
ଭାଳେଣୀ ପଡିଲା ଭୟରେ ସର୍ବେ ।'
ଜଙ୍ଗଲ ଅଟଇ ଆମରି ଘର
ଘର ଭାଙ୍ଗି କାରଖାନା ନ କର ॥

ହାକିମ କହିଲେ - ଆରେ ତୁମେ ରହିବ ବୋଲି କଳକାରଖାନା ନ ହେଲେ ଚଳିବ କେମିତି ? ଲୋକ ସଂଖ୍ୟା ବଢିଲାଣି । ସେମାନେ ବଂଚିବେ କେମିତି ?

ବୁଢା ଠିଆ ହୋଇ ହାତ ଯୋଡି କହିଲା- ହଜୁର ! ଜଙ୍ଗଲର ପଶୁପକ୍ଷୀ ବଂଚିଲେ ତ ମଣିଷ ବଂଚିବେ । ଯଦି ଜଙ୍ଗଲ ନଷ୍ଟ ହୋଇଯିବ ତେବେ ଆମ ସମସ୍ତଙ୍କର କ୍ଷତି ହେବ । ସମସ୍ତଙ୍କ ସାହା ଭରସା ବୁଡି ଯିବ । ଆପଣ ଆମ ଉପରେ ଦୟା କରନ୍ତୁ । ଆମ କଥା ଟିକେ ବୁଝିବାକୁ ଚେଷ୍ଟା କରନ୍ତୁ । ଦେଖନ୍ତୁ ସବୁ ପଶୁ ପକ୍ଷୀଙ୍କ ଆଖିରୁ ଲୁହ ଗଡୁଛି । ସେମାନେ କାରଖାନା ବସିବା କଥା ଶୁଣି ଖାଇବା ପିଇବା ଛାଡି ଦେଇଛନ୍ତି । ଦୟା କରନ୍ତୁ ହଜୁର୍ !

କିଛି ସମୟ ଚିନ୍ତାକଲା ପରେ ହାକିମ ସେମାନଙ୍କୁ ଆଶ୍ୱାସନା ଦେଲେ ଆଉ ପଠାଇଦେଲେ । ତା ପରେ ସମସ୍ତେ ଖୁସିରେ ଜଙ୍ଗଲକୁ ଫେରିଗଲେ । ତା ପରେ ସେମାନେ ଖୁସିହୋଇ ଏକ ବଡ ପାର୍ଟିର ଅୟୋଜନ କଲେ । ନାଚଗୀତ ସାଙ୍ଗକୁ ଖାଇବା । ତେଣୁ ବୁଢା ମଉସା ସମସ୍ତଙ୍କୁ ଦାୟିତ୍ୱ ବଣ୍ଟନ କଲେ । ବିଲୁଆକୁ ଦେଲେ ତଦାରଖ ଦାୟିତ୍ୱ । ବାଘକୁ ଜିନିଷ ପତ୍ର ଯୋଗାଡ ଦାୟିତ୍ୱ ଓ ସିଂହ ଥାଏ ଭୋଜି ରନ୍ଧା ଦାୟିତ୍ୱରେ । ଭାଲୁ ଢୋଲ ଓ ହରିଣ ମହୁରୀ ବଜାଇବା ଦାୟିତ୍ୱ । କୋଇଲି, କଜଳପାତି ଏମାନଙ୍କୁ ସଙ୍ଗୀତ ପରିଚାଳନାର ଦାୟିତ୍ୱ । ଆଉ ଯେତେ ସବୁ ଜୀବ ଜନ୍ତୁ ସମସ୍ତେ ସମସ୍ତଙ୍କୁ ସହଯୋଗ କଲେ । ଖୁସିରେ ସେମାନେ ରାତି ସାରା ନାଚିଲେ ଓ ଗାଇଲେ ।

ଗଛ ଆମର ଭାଇରେ
ଗଛ ଆମର ଭାଇ
ତା ଫଳ ଫୁଲ ଦେଇତ ସିଏ
ଆନନ୍ଦ ପାଇଥାଏ ହେ,
ଗଛ ଆମର ଭାଇ ।
ସିଏ ବଂଚିଲେ ଆମେ ବଂଚିବା
ଏ କଥା ମିଛ ନୋହିରେ
ଗଛ ଆମର ଭାଇ । ♥


♥ ଶିକ୍ଷୟତ୍ରୀ, ସା-ଗୋଧିଡିପ, ପୋ-ସରାପାଲି ଭାୟା-ରେଢାଖୋଲ , ଜି-ସମ୍ବଲପୁର, ପିନ୍-୭୬୮୧୦୬, ମୋ-୭୨୦୫୨୦୯୩୮୩

# ବିଶ୍ୱ ପ୍ରସିଦ୍ଧ ଯୋରନ୍ଦା ମହିମା ମେଳା



**ଅଲେଖ ଚନ୍ଦ୍ର ସାମଲ**

ବିଶ୍ୱ ପ୍ରସିଦ୍ଧ ଯୋରନ୍ଦା ମହିମା ମେଳା । ମାନବଧର୍ମର ମହୋତ୍ସବ କୁହାଯାଉଥିବା ଏହି ଯୋରନ୍ଦା ମହିମା ମେଳାରେ ଲକ୍ଷ ଲକ୍ଷ ସନ୍ନ୍ୟାସୀ, ଭକ୍ତ ଓ ଯାତ୍ରୀଙ୍କ ସମାଗମ ହୋଇଥାଏ । ମହିମା ମେଳା ଅବସରରେ ସମାଧି ମନ୍ଦିର ନିକଟରେ ସୁନା ଓ ରୂପାର ଛାତ୍ରୀ, ତରାସ, ଚାମର, ଢ଼ାଲ, ଗଡୁ, ଲୋଟା, ଥାଳି ଆଦି ଯାତ୍ରୀମାନଙ୍କ ଦର୍ଶନ ନିମନ୍ତେ ସୁସଜ୍ଜିତ କରାଯାଇଥାଏ । ମନ୍ଦିର ପରିସରରେ ଦଳ ଦଳ ହୋଇ ମହିମା ସାଧୁସନ୍ଥମାନଙ୍କ ଖଞ୍ଜଣି ଭଜନ ଗାନ ଆଧ୍ୟାତ୍ମିକ ପରିବେଶକୁ ଆହୁରି ଗଭୀର କରିଥାଏ । ମନ୍ଦିରର ଅଖଣ୍ଡ ଧୁନିରେ ବିଶ୍ୱକଲ୍ୟାଣ ଶାନ୍ତି କାମନା ନିମନ୍ତେ ମହିମା ସାଧୁସନ୍ଥମାନଙ୍କ ଦ୍ୱାରା ଘୃତାହୁତି ଦିଆଯାଇଥାଏ । ସଭାଗୃହ ଠାରେ ମହିମା ସାଧୁ ସମ୍ମିଳନୀ ଓ ଧର୍ମ ଆଲୋଚନା ଆଦି ହୋଇଥାଏ । ମହିମା ମେଳା ତିନି ଦିନ ଧରି ଅନୁଷ୍ଠିତ ହୁଏ । ଗତ କିଛି ବର୍ଷ ହେଲା ୭-୮ ଦିନ ଧରି ମହିମା ମେଳା ଅନୁଷ୍ଠିତ ହୋଇ ଆସୁଛି । ଯାତ୍ରା ପାର୍ଟି, ଅପେରା, ସର୍କସ, ମ୍ୟାଜିକ୍, ଦୋଳି, କଣ୍ଢେଇ ନାଚ, ବାଲୁକା କୃତୀ ଏବଂ ପ୍ରଦର୍ଶନୀ ମେଳାକୁ କୋଳାହଳମୟ କରିଥାଏ । ବିଶ୍ୱପ୍ରସିଦ୍ଧ ଏହି ମହିମା ମେଳା ଦେଖିବାକୁ ଦେଶ ବିଦେଶରୁ ଲକ୍ଷ ଲକ୍ଷ ସାଧୁ ସନ୍ନ୍ୟାସୀ, ଭକ୍ତ ଓ ଯାତ୍ରୀ ଦୌଡ଼ି ଆସିଥାନ୍ତି ଢ଼େଙ୍କାନାଳ ଜିଲ୍ଲାର ଏହି ଯୋରନ୍ଦାକୁ ।

ଉନ୍ନବିଂଶ ଶତାବ୍ଦୀରେ ପାଶ୍ଚାତ୍ୟ ଧର୍ମ ଓ ସଂସ୍କୃତିର ପ୍ରଭାବରେ ଭାରତୀୟ ଆଧ୍ୟାତ୍ମିକ ଚେତନା ଏକ ଆତ୍ମିକ ସନନ୍ଦ ରୂପେ ପ୍ରତିଭାତ ହୋଇଥିଲା । ସେ ସମୟରେ ଭାରତୀୟ ଧାର୍ମିକ ଚିନ୍ତାଧାରାରେ ଏକ ବିଶେଷ ପରିବର୍ତ୍ତନ ପ୍ରକ୍ରିୟା ଅନୁଭୂତ ହୋଇଥିଲା । ପବିତ୍ର ଉତ୍କଳ ଭୂମିରେ ସାଧୁ ସୁନ୍ଦର ଦାସ ଓ ଅରକ୍ଷିତ ଦାସ ମହାତ୍ମାଙ୍କ ସମେତ ପୂଜ୍ୟ ମହିମା ସ୍ୱାମୀ ଆର୍ବିଭାବ ହୋଇଥିଲେ । ମହିମା ସ୍ୱାମୀଙ୍କର ପ୍ରକୃତ ପରିଚୟ, ଜୀବନଚର୍ଯ୍ୟା ତଥା ଜନ୍ମ ସମ୍ପର୍କରେ ଠୋସ୍ ପ୍ରମାଣ କାହା ପାଖରେ ନଥିବା ବେଳେ ମହିମାଧର୍ମାବଲମ୍ବୀଙ୍କ ମତରେ ସେ ଅଲେଖ ପରଂବ୍ରହ୍ମଙ୍କ ଅବତାରରେ ଏବଂ ଧର୍ମସଂସ୍ଥାପନାର୍ଥେ ସ୍ୱମହିମାରେ ଆର୍ବିଭୂତ ହୋଇଥିଲେ । ୧୭୩୨ ଖ୍ରୀଷ୍ଟାବ୍ଦରେ ମହିମା ସ୍ୱାମୀଙ୍କର ଆର୍ବିଭାବ, ଦୀର୍ଘ ୧୪୪ ବର୍ଷ ମହିମାଲୀଳା ସଂରଚନା କରିବା ପରେ ୧୮୭୬ ଖ୍ରୀଷ୍ଟାବ୍ଦରେ ତିରୋଧାନ କରିଥିଲେ ବୋଲି ମହିମାଧର୍ମୀ କହନ୍ତି । ମହିମା ସ୍ୱାମୀଙ୍କର ପ୍ରକୃତ ଆର୍ବିଭାବ କାଳର ପ୍ରାମଣିକ ତଥ୍ୟ ମିଳିନଥିଲେ ସୁଦ୍ଧା ୧୮୨୬ ମସିହାରେ ସେ ପୁରୀରେ ଅଲେଖ ମଣ୍ଡଳ ପ୍ରତିଷ୍ଠା କରିଥିବାର ଇତିହାସରେ ସୂଚନା ରହିଛି । ୧୮୨୬ ମସିହା ଠାରୁ ୧୮୩୮ ମସିହା ପର୍ଯ୍ୟନ୍ତ ଦୀର୍ଘ ୧୨ ବର୍ଷ ସେ ଖଣ୍ଡଗିରି ଗୁମ୍ଫାରେ କେବଳ ଜଳପାନ ପୂର୍ବକ ସମାଧି ଯୋଗ ଅବଲମ୍ବନ କରିଥିଲେ । ୧୮୩୮ ମସିହାରେ ମହିମା ସ୍ୱାମୀ ପୁରାଣ ପ୍ରସିଦ୍ଧ କପିଳାସ ପର୍ବତର ପଶ୍ଚିମ ପାର୍ଶ୍ୱରେ ସମାଧିସ୍ଥ ହେଲେ । ଏହି ପବିତ୍ର ତପସ୍ୟା ପୀଠ ସଂପ୍ରତି ତପୋବନ ଆଶ୍ରମ ନାମରେ ପରିଚିତ ।

କପିଳାସ ତପୋବନ ଆଶ୍ରମରେ ମହିମା ସ୍ୱାମୀ ୧୮୬୨ ମସିହାରେ ମହିମା ଦର୍ଶନର ଦିବ୍ୟପ୍ରାପ୍ତି ହେଲେ । ସେହି ମହିମା ଦର୍ଶନର ସାରସତ୍ତା ହେଉଛି ଅଲେଖ ପରଂବ୍ରହ୍ମଙ୍କ ଠାରୁ ଆତ୍ମାକ୍ଷରିତ । ତାଙ୍କରିଠାରେ ଅର୍ପିତ ଏବଂ ଶେଷରେ ତାଙ୍କରି ଶରଣ ଦର୍ଶନରେ ମୁକ୍ତି । ଏହି ଦର୍ଶନକୁ ଭିତ୍ତି କରି ପୂଜ୍ୟ ମହିମା ସ୍ୱାମୀ ମହିମା ଧର୍ମର ଉନ୍ମେଷ ଘଟାଇଥିଲେ । ଏକ ନୂତନ ଧର୍ମର ପ୍ରତିଷ୍ଠା କରିଥିବାରୁ ଏବଂ ଧର୍ମର ନାମ ମହିମାଧର୍ମ ହୋଇଥିବାରୁ ପରବର୍ତ୍ତୀ ସମୟ ଠାରୁ ସେ ମହିମା ଗୋସାଇଁ ଭାବେ ପରିଚିତ ହୋଇଥିଲେ । ମହିମା ଧର୍ମ ହିଁ ବେଦାନ୍ତ ଦର୍ଶନ ବିଚାରରେ ମାନବ ଧର୍ମ । ଦିବ୍ୟ ଦୃଷ୍ଟିରେ ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ, ଉପାସନା, ଭାଷା, ବେଶଭୂଷାର ଭିନ୍ନତା ସତ୍ତ୍ୱେ ସକଳ ମାନବ ଏକ ପରମେଶ୍ୱରଙ୍କ ସନ୍ତାନ ବୋଲି ମହିମା ଧର୍ମର ପ୍ରତିଷ୍ଠା ମହିମା ସ୍ୱାମୀ ସାମାଜିକ ସଂସ୍କାରର ମହତ୍ତ୍ୱପୂର୍ଣ୍ଣ ଲକ୍ଷ୍ୟରେ କହିଥିଲେ ।

ମହିମା ସ୍ୱାମୀଙ୍କର ଗୋବିନ୍ଦ ବାବା ହେଉଛନ୍ତି ପ୍ରଥମ ଶିଷ୍ୟ । ଆଉ ପ୍ରମୁଖ ଶିଷ୍ୟ ହେଉଛନ୍ତି ସନ୍ଥକବି ଭୀମଭୋଇ । ପ୍ରାତଃସ୍ମରଣୀୟ ମହିମା ସ୍ୱାମୀ ପୁରପଲ୍ଲୀରେ ସର୍ବତ୍ର ପରିଭ୍ରମଣ କରି ୬୪ଜଣଙ୍କୁ ସନ୍ନ୍ୟାସ ଦୀକ୍ଷା ପ୍ରଦାନ କରିଥିଲେ ଏବଂ ଲୋକମାନଙ୍କୁ ମହିମା ଧର୍ମରେ ଦୀକ୍ଷିତ ହେବା ନିମନ୍ତେ ବହୁ ସ୍ଥାନରେ ଟୁଙ୍ଗୀ ବା ଆଶ୍ରମ ପ୍ରତିଷ୍ଠା କରିଥିଲେ । ସେଥିମଧ୍ୟରୁ ଯୋରନ୍ଦା ଟୁଙ୍ଗୀ ହିଁ ଥିଲା ମୁଖ୍ୟ । କିମ୍ବଦନ୍ତୀ ଅନୁଯାୟୀ ମହିମା ସ୍ୱାମୀ ଧର୍ମ ପ୍ରଚାର ସମୟରେ ଅନେକ ଆଲୋକିକ ଲୀଳା ଦର୍ଶାଇ ଜନମାନସକୁ ବିଶେଷ ଭାବେ ପ୍ରଭାବିତ କରି ପାରିଥିଲେ । ୧୮୬୨ରୁ ୧୮୭୬ ମସିହା ପର୍ଯ୍ୟନ୍ତ ଦୀର୍ଘ ୧୪ବର୍ଷ ମହିମା ଧର୍ମ ପ୍ରଚାର କରି ମହିମା ସ୍ୱାମୀ ୧୯୭୬ ମସିହା ଫାଲଗୁନ୍ କୃଷ୍ଣ ଏକାଦଶୀ ତିଥିରେ ଢ଼େଙ୍କାନାଳ ଜିଲ୍ଲାର ଯୋରନ୍ଦା ଗ୍ରାମସ୍ଥିତ ମହିମା ଟୁଙ୍ଗୀରେ ମହାସମାଧିରେ ପ୍ରବେଶ କରିଥିଲେ । ସଂପ୍ରତି ତାଙ୍କର ସମାଧି ପୀଠ ମହିମା ଗାଦିରେ ପ୍ରସିଦ୍ଧ ଲାଭ କରିଛି । ମହିମା ସ୍ୱାମୀଙ୍କ ତିରୋଧାନ ପରେ ତାଙ୍କର ଚାରି ହାତର ସମାଧି ଉପରେ ଗାଦି ମନ୍ଦିର ନିର୍ମାଣ କରାଯାଇଛି । ତା'ପରେ ଶୂନ୍ୟ ମନ୍ଦିର, ଧ୍ୱନି ମନ୍ଦିର, ସଭାଗୃହ, ପୁସ୍ତକାଳୟ, ବହୁ ମଠ ଓ ଆଶ୍ରମ ନିର୍ମାଣ ହୋଇଛି । ବର୍ତ୍ତମାନ ଦେଶ ଓ ବିଦେଶରେ ମଧ୍ୟ ଅଗଣିତ ମହିମା ସନ୍ନ୍ୟାସୀ ମହିମାଗାଦିର ବିଭିନ୍ନ ମଠ ଓ ଆଶ୍ରମରେ ରହି ଧର୍ମ ପ୍ରଚାର ଚଳାଇଛନ୍ତି । ହେଲେ ମହିମା ଧର୍ମର ମୁଖ୍ୟ କାର୍ଯ୍ୟାଳୟ ଏହି ଯୋରନ୍ଦା ଠାରେ ରହି ଆସିଛି । ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତରେ ଅଷ୍ଟାଙ୍ଗ ପ୍ରଣାମ ପୂର୍ବକ ଅଲେଖ ପରଂବ୍ରହ୍ମଙ୍କର ଶରଣାପନ୍ନ ହେବା ହିଁ ମହିମା ସ୍ୱାମୀଙ୍କ ପ୍ରବର୍ତ୍ତିତ ନିତ୍ୟ ଉପାସନା । ସମ୍ପୂର୍ଣ୍ଣ ସରଳ ଓ ନିରାଡ଼ମ୍ବର ଜୀବନଯାପନ ହିଁ ମହିମା ଧର୍ମର ସନ୍ଦେଶ । ମହିମାଧର୍ମୀ ସାଧୁସନ୍ଥ ଓ ଗୃହୀମାନେ ସତ୍ୟବାଦୀ, ନିରାଡ଼ମ୍ବର, ମିଷ୍ଟଭାଷୀ ଏବଂ ସଦା ପ୍ରସନ୍ନମନା । ସନ୍ନ୍ୟାସୀମାନେ ବଳକର ବା କୌପୀନି ଆଉ ଗୃହୀମାନେ ଗେରୁଆବସ୍ତ୍ର ପରିଧାନ କରିଥାନ୍ତି । ସୂର୍ଯ୍ୟାସ୍ତ ପୂର୍ବରୁ ମୁକ୍ତାକାଶ ତଳେ ନୂତନ ମାଟି ପାତ୍ର ବା ପତ୍ରରେ ଶାକାନ୍ନ ଭୋଜନ ହିଁ ମହିମା ଧର୍ମର ଶ୍ରେଷ୍ଠ ଆଚରଣ । ସନ୍ନ୍ୟାସୀମାନେ କୌଣସି ଟୁଙ୍ଗୀରେ ଏକ ରାତିରୁ ଅଧିକ ସମୟ ନିବାସ ନ କରିବା ମଧ୍ୟ ମହିମା ଧର୍ମରେ ନିୟମ ରହିଛି ।



ମହିମା ସ୍ୱାମୀ ମହିମା ଧର୍ମ ସମ୍ବନ୍ଧୀୟ କୌଣସି ସାହିତ୍ୟ ରଚନା କରି ନଥିଲେ । ପରବର୍ତ୍ତୀ ସମୟରେ ମହିମା ଧର୍ମ ସମ୍ବନ୍ଧୀୟ ପ୍ରମୁଖ ସାହିତ୍ୟ ସନ୍ଥ କବି ଭୀମଭୋଇ ରଚନା କରି ମହିମା ଧର୍ମକୁ ଅଧିକରୁ ଅଧିକ ପ୍ରଚାର ଓ ପ୍ରସାର କରି ପାରିଥିଲେ । ପରବର୍ତ୍ତୀ କାଳରେ ଅଗଣିତ ସାଧୁସନ୍ଥ, ମହାତ୍ମା ଓ ବିଜ୍ଞ ପ୍ରାଜ୍ଞମାନେ ମହିମା ଧର୍ମ ସମ୍ବନ୍ଧୀୟ ବହୁ ରଚନା କରିଥିଲେ । ଯେଉଁ ମହିମା ସନ୍ନ୍ୟାସୀମାନେ ଦେଶ ଓ ବିଦେଶରେ ରହି ଧର୍ମ ପ୍ରଚାର କରୁଛନ୍ତି ସେମାନେ ଏକତ୍ରିତ ହେବା, ଗୃହୀ ଭକ୍ତଙ୍କର ସମାଗମ ତଥା ମହିମା ସନ୍ଦେଶ ପ୍ରଦାନ ଉଦ୍ଦେଶ୍ୟରେ ମହିମା ସ୍ୱାମୀ ମାଘ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ଯୋରନ୍ଦା ଟୁଙ୍ଗୀ ନିକଟରେ ମହିମା ମେଳା ଆରମ୍ଭ କରିଥିଲେ । ଆରମ୍ଭରୁ ଏହି ମହିମା ମେଳା ଛୋଟ ଆକାରରେ ହେଉଥିବା ବେଳେ କ୍ରମଶଃ ବୃଦ୍ଧି ପାଇ ବିଶ୍ୱ ପ୍ରସିଦ୍ଧ ମହିମା ମେଳାରେ ପରିଣତ ହୋଇଛି । ସଂପ୍ରତି ଏହି ମହିମା ମେଳାରେ ପାଖାପାଖି ୧୦ ଲକ୍ଷ ସନ୍ନ୍ୟାସୀ, ଭକ୍ତ ଓ ଯାତ୍ରୀଙ୍କା ସମାଗମ ହେଉଛି ।

♥ ଓଏଫଏସ-୧ (ଏସ୍.ବି.), ପୂର୍ବତନ ଡିଏଫଓ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର, (ମୋ): ୯୪୩୭୨୫୭୧୨୩

# ଗାଁ ଗୀତ

**(ମାଟି ଅଗଣାର ବିରହ ବିଧୁର ଗାଥା... ମୋ' ଗାଁର କଥା)**

**ଭାଗ-୪୨**

ପ୍ରାୟ ପ୍ରତ୍ୟେକ ସୃଜନଶୀଳ ମଣିଷ ଭିତରେ ଗାଁ ଟିଏ ଥାଏ । ରାଜଦୁଲାଳୀ ପଣତ ଅତର ମହକ ପରି ସେଇ ଗାଁର ବାସ୍ନା । ତାକୁ ଏମିତି ଅଥୟ କରେ ଯେ ଛାଡ଼ି ଆସିଥିବା ପିଛିଲା ଦିନର ପାଦଚିହ୍ନ ତା' ଭିତରେ ଥିବା କବିକୁ ଉସୁକାଏ- ଲେଖ୍...ଲେଖ୍...ଲେଖ୍‌ରେ ମୋ କଥା । ସେଇ ଉହୁଁକାପଣର ଦାୟରେ ଏଇଠି ମାଟି ଅଗଣାର ବିରହ ବିଧୁର ଗାଥା... ମୋ ଗାଁର କଥା... ।



**ଉମାକାନ୍ତ ରାଉତ(ଅରୂପ)**

♥ ପ୍ଲଟ ନମ୍ବର-୭୬୨, ପ୍ରଥମ ମହଲା, ନିଳାଦ୍ରି ବିହାର, ସେକ୍ଟର-୩, ଭୁବନେଶ୍ୱର-୨୧ ମୋ: ୯୪୩୭୨୬୭୧୨୫

ବରଗଛର ଉଚ୍ଚା ଡାଳରୁ
ମାମୁଁଙ୍କ ଗାଆଁ ଦିଶେ
ତାଙ୍କ ଗାଆଁରୁ ମାଳତୀ ନିତି
ପରିବା ବିକି ଆସେ । ୪୩୬ ।

ନଈ ସେପଟ ମଶାଣି ଘରେ
ରଂଗ ନାନୀର ଘର
ଏକେଲା କେବେ ଯାଇ ପାରେନା
ମାଡ଼େ ବହୁତ ଡର । ୪୩୭ ।

ତାଆସ ମାଡ଼ ବାଗୁଡ଼ି ଖେଳ
ବରଗଛର ଛାଇ
ସହରେ ସଜା ଷ୍ଟାଡିୟମରେ
ସେ ମଜା ମିଳେ କାହିଁ? ।୪୩୮ ।

ନମ୍ର କମ୍ର ମନ୍ଦ୍ର ସ୍ୱରେ
ବହେ ଝରଣାଟିଏ
ଝରଣା ନୁହେଁ ଅମୃତ ଧାର
ଗାଆଁର ପ୍ରାଣ ସିଏ । ୪୩୯ ।

ଜହ୍ନ ଢ଼ାଳେ ଗାଁ ଦାଣ୍ଡରେ
ସତେ ରଜତ ମାୟା
ସ୍ୱପ୍ନ ଦେଖେ ଗ୍ରାମ୍ୟ ବଧୂ
କେତେ ଯେ ନୂଆ ନୂଆ । ୪୪୦ ।

ଗାଆଁର ଶିଶୁ ବାଲି ଉପରେ
ରାଜା ନଅର ତୋଳେ
କଅଁଳ ତା'ର କୁସୁମ ମନ
ଗାଆଁ ଧୂଳିରେ ଖେଳେ । ୪୪୧ ।

ବିଲୁଆ ଦଳ ହୁକେ ହୁଆରେ
ଗାଆଁ ସୂରୁଜ ଉଠେ
ଗାଆଁ ପୋଖରୀ ଭରା ଜଳରେ
ରକ୍ତ କଇଁ ଫୁଟେ । ୪୪୨ ।

ତା' ରକ୍ତ କଇଁ ମଳୟ ଛନ୍ଦେ
ଗାଆଁର ଗୀତ ଗାଏ
ସଭିଙ୍କ ଦୁଃଖ ଛାତି ଦରଜ
ପାଣିରେ ଧୋଇ ଦିଏ । ୪୪୩ ।

ଫକିରା ଦାଦି ଆଂଚ ଧୂଆଁରେ
ଗାଆଁର ନିଦ ତୁଟେ
ଗାଆଁ ରାସ୍ତାରେ ଗାଡ଼ି ମଟର
ସହର ଆଡ଼େ ଛୁଟେ । ୪୪୪ ।

ଲହରି ପରି ଧାନ ବିଲରେ
ପବନ ଯାଏ ମାଡ଼ି
ଗାଆଁର ଶୋଭା ପଡ଼ିଆ ମୁଣ୍ଡ
ତାଳ ଗଛଙ୍କ ଧାଡ଼ି । ୪୪୫ ।

(କ୍ରମଶଃ)



କଲମ ଆଜ୍ ଉନକୀ ଜୟ ବୋଲ୍
ଯୋ ଚଢ଼ ଗୟେ ପୁଣ୍ୟ ବେଦୀ ପର୍
ଲିୟେ ବିନା ଗରଦନ୍ କା ମୋଲ୍,
ସାକ୍ଷୀ ହେଁ ଜିନକୀ ମହିମା କେ
ସୂର୍ଯ୍ୟ, ଚନ୍ଦ୍ର, ଭୂଗୋଲ୍, ଖଗୋଲ୍
କଲମ ଆଜ୍ ଉନକୀ ଜୟ ବୋଲ୍ ...

- ରାଷ୍ଟ୍ରକବି ଶ୍ରୀ ରାମଧାରୀ ସିଂହ 'ଦିନକର'

# ବମ୍ ତୁଲ୍ ବୁଖାରା







**ଦୀପକ ରଂଜନ ମିଶ୍ର**

## ॥ ବଟୁକେଶ୍ୱର ଦତ୍ତ-୨ ॥

କାକୋରୀ ଟ୍ରେନ୍ ଲୁଟ୍‌ର ଅଭିଯୁକ୍ତ ପଣ୍ଡିତ ରାମପ୍ରସାଦ ବିସ୍ମିଲ୍, ଅଶ୍‌ଫାକ୍ ଉଲ୍ଲା ଖାନ୍, ରୋଶନ୍ ସିଂହ ଓ ରାଜେନ୍ଦ୍ର ଲାହିଡ଼ୀଙ୍କୁ ଫାଶୀ ହୋଇଯିବାରୁ ସରଦାର୍ ଭଗତ୍ ସିଂହ ଖୁବ୍ ଭାଙ୍ଗି ପଡ଼ିବା ସହ ଆଗକୁ କ'ଣ କରାଯିବ ସେ ବିଷୟରେ କିଛି ସ୍ଥିର କରି ପାରନ୍ତି ନାହିଁ । ସାଥୀ କ୍ରାନ୍ତିକାରୀଙ୍କ ସହିତ ଅନେକ ବିଚାର ବିମର୍ଶ ପରେ ମନସ୍ଥ କରାଯାଏ ଦେଶର ଚାଷୀ ଓ ଶ୍ରମିକମାନଙ୍କ ପାଇଁ କିଛି କରିବାକୁ । ସେତେବେଳେ ବମ୍ବେର ମିଲ୍ ଶ୍ରମିକମାନେ ନିଜ ଦାବି ଉତ୍‌ଥାପନ କରି ହରତାଳ କରୁଥାନ୍ତି । ସରକାର ତାଙ୍କ କଥା ଆଦୌ ବିଚାରକୁ ନେଉ ନଥିବାରୁ ଆସ୍ତେ ଆସ୍ତେ ହରତାଳ ହିଂସାତ୍ମକ ହେବାକୁ ଆରମ୍ଭ କରିଥାଏ । ଶ୍ରମିକଙ୍କ ହରତାଳ ରୋକିବା ପରିବର୍ତ୍ତେ ସରକାର ସେମାନଙ୍କୁ ଦୃଢ଼ହସ୍ତରେ ଦମନ କରିବାର ଉଦ୍ଦେଶ୍ୟରେ ମିଲ୍ ମାଲିକମାନଙ୍କୁ ସୁହାଇବା ଭଳି ବ୍ୟବସ୍ଥା କରିବାକୁ ଯାଇ ଏସେମ୍ବ୍ଲିରେ ଟ୍ରେଡ୍ ଡିସ୍‌ପ୍ୟୁଟ୍ ବିଲ୍ ଆଣନ୍ତି । ତା ସହିତ ବ୍ୟକ୍ତିଗତ ସ୍ୱାଧୀନତା ହନନ ଉଦ୍ଦେଶ୍ୟରେ ଆସେ ପବ୍ଲିକ୍ ସେଫ୍‌ଟି ବିଲ୍ । ଏଇ ଦୁଇ ବିଲ୍‌ର ଖୁବ୍ ବିରୋଧ କରୁଥାନ୍ତି କ୍ରାନ୍ତିକାରୀମାନେ । ଭଗତ୍ ସିଂହଙ୍କ ମୁଣ୍ଡରେ ଏକ ଯୋଜନା ଉଙ୍କିମାରେ । ଯେତେଦିନ ଯାଏ ବଳିଦାନ ଦିଆ ନହୋଇଛି ସେତେଦିନ ଯାଏ ଦେଶର ସାଧାରଣ ଜନତାଙ୍କ ମନରେ କ୍ରାନ୍ତିକାରୀଙ୍କ ପ୍ରତି ଥିବା ଭୟ ଦୂର ହୋଇ ପାରିବନି ତଥା ବ୍ରିଟିଶ୍‌ଙ୍କ ଜନବିରୋଧୀ ନୀତି ବିଷୟରେ ମଧ୍ୟ ସେମାନେ ଅବଗତ ହେବେନାହିଁ । ତେଣୁ କିଛି କ୍ରାନ୍ତିକାରୀଙ୍କ ବଳିଦାନ ନିହାତି ଆବଶ୍ୟକ । ବୈଠକରେ ଏଇ କଥା କହିବାରୁ ଚନ୍ଦ୍ରଶେଖର ଆଜାଦ୍ ସେଇ ବଳିଦାନ ବିଷୟରେ ଜାଣିବାକୁ ଆଗ୍ରହ ପ୍ରକାଶ କରିବାରୁ ଭଗତ୍ ସିଂହ ତାଙ୍କୁ ଫରାସୀ କ୍ରାନ୍ତିକାରୀ ଅଗଷ୍ଟେ ବେଲିୟନ୍‌ଙ୍କ ବିଷୟରେ କହିବା ଆରମ୍ଭ କରନ୍ତି । ସେ 'ବେଲାଁ' ନାମରେ ବିଶ୍ୱ ବିଖ୍ୟାତ । ପେରିସ୍‌ର ପେଲେସ୍ ବର୍ବୋର୍ଣ୍ଣରେ ସଭା ଚାଲିଥିବା ବେଳେ ଦର୍ଶକ ଗ୍ୟାଲେରୀରୁ ଆପଣା ବିରୋଧ ପ୍ରଦର୍ଶନ କରିବା ଉଦ୍ଦେଶ୍ୟରେ ସେ ବୋମା ଫିଙ୍ଗିଥିଲେ ଓ ସେଠାରୁ ପଳାୟନ ନକରି ନିଜେ ଧରା ଦେଇଥିଲେ ପୋଲିସ୍ ହାତରେ । ତାଙ୍କ ବିରୁଦ୍ଧରେ କୋର୍ଟରେ ବିଚାର ଚାଲିଲା ବେଳେ ସେଇ କାଠଗଡ଼ାକୁ ହିଁ ଆପଣା ଅଭିବ୍ୟକ୍ତିର ମଞ୍ଚ ରୂପେ ବ୍ୟବହାର କରି ସେ ନିଜ ଆଭିମୁଖ୍ୟ ପ୍ରକାଶ କରିଥିଲେ ସମସ୍ତଙ୍କ ସମ୍ମୁଖରେ । ତାଙ୍କ ବିଷୟରେ ପଢ଼ିବା ପରେ ଭଗତ୍ ସିଂହ ମନେ ମନେ ଭାବନ୍ତି ବ୍ରିଟିଶ୍ ସରକାରକୁ ଦେଶରୁ ବିତାଡ଼ିତ କରିବା ପାଇଁ ଏସେମ୍ବ୍ଲିରେ ସେଇଭଳି ବୋମା ବିସ୍ଫୋରଣ ନିହାତି ଆବଶ୍ୟକ । ଶୋଇଥିବା ରାଷ୍ଟ୍ରର ସ୍ୱାଭିମାନକୁ ଜାଗ୍ରତ କରିବା ପାଇଁ, ସମଗ୍ର ଦେଶରେ କ୍ରାନ୍ତିର ନିଆଁ ଜଳାଇ କଂଗ୍ରେସ୍‌ର ଚାଟୁକାରୀ ନୀତିକୁ ଧ୍ୱସ୍ତ କରିବା ପାଇଁ ତଥା ଇଂରେଜ ସରକାରର ମନୋବଳକୁ ଭାଙ୍ଗିବା ପାଇଁ ଏହାଠାରୁ ଅଧିକ ପ୍ରଭାବଶାଳୀ ଆଉ କୌଣସି ଉପାୟ ହିଁ ନାହିଁ । କଲିକତା ପ୍ରବାସ ସମୟରେ ଭଗତ୍ ସିଂ ପ୍ରଥମେ ଏଇ ବିଷୟରେ ଆଲୋଚନା କରିଥିଲେ ଅନୁଶୀଳନ ସମିତିର ପ୍ରମୁଖ ନେତା ପ୍ରତୁଲ୍ ଚନ୍ଦ୍ର ଗାଙ୍ଗୁଲିଙ୍କ ସହିତ । ଗାଙ୍ଗୁଲି ଏଇ ଯୋଜନା ଖୁବ୍ ପସନ୍ଦ କରିବା ସହ ସେଇ ଉଦ୍ଦେଶ୍ୟରେ କଲିକତାରୁ କିଛି ବୋମା ଯୋଗାଇ ଦେବାକୁ ଆଶ୍ୱାସନା ମଧ୍ୟ ଦେଇଥାନ୍ତି ।

ହିନ୍ଦୁସ୍ଥାନ ସମାଜବାଦୀ ପ୍ରଜାତାନ୍ତ୍ରିକ ସେନାର କେନ୍ଦ୍ରୀୟ ସମିତିରେ ଭଗତ୍ ସିଂହଙ୍କ ଏଇ ଯୋଜନା ବହୁମତରେ ପାଶ୍ ହୋଇଯାଏ । ହେଲେ ସମସ୍ତଙ୍କର ସେଇ ଗୋଟିଏ ପ୍ରଶ୍ନ ଯେ ଏସେମ୍ବ୍ଲି ଭିତରେ ବୋମା ପକାଇବାକୁ ଯିବ କିଏ ? ଅନେକ ସାଥୀ ସେଇ କାମ ପାଇଁ ଆଗଭର ହୁଅନ୍ତି । କିନ୍ତୁ ଭଗତ୍ ସିଂହଙ୍କର ଏକା ଯିଦ୍ ସେ ନିଜେ ଯିବେ ବୋଲି । କେବଳ ଏସେମ୍ବ୍ଲିର ସଭାକକ୍ଷରେ ବୋମା ଫିଙ୍ଗିଦେଲେ ତ ହେବ ନାହିଁ । ଫିଙ୍ଗି ସାରିବା ପରେ ପୋଲିସ୍ ହାତରେ ଧରା ଦେଇ ନିଜ ଦଳର ଆଭିମୁଖ୍ୟକୁ ସମସ୍ତଙ୍କ ଅବଗତି ନିମନ୍ତେ କୋର୍ଟରେ କହିବାକୁ ପଡ଼ିବ । ସେଇ କାମ ଭଗତ୍ ସିଂହଙ୍କ ଛଡ଼ା ଆଉ କେହି ସୂଚାରୁ ରୂପେ କରିବାକୁ ଅସମର୍ଥ । ହେଲେ ଦଳର ମୁଖ୍ୟ, ଚନ୍ଦ୍ରଶେଖର ଆଜାଦ୍ ଚାହୁଁ ନଥାନ୍ତି ସେଇ କାମ ଭଗତ୍ ସିଂହ କରନ୍ତୁ ବୋଲି । ଗିରଫ୍ ହେବା ମାତ୍ରେ ପୋଲିସ୍ ଲାହୋରର ସାଣ୍ଡାର୍ସ ହତ୍ୟାକାଣ୍ଡ ସହିତ ତାଙ୍କୁ ସମ୍ପୃକ୍ତ କରି ଖୋଳତାଡ଼୍ କରିବ ଓ ଶେଷରେ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିବା ସୁନିଶ୍ଚିତ । କିନ୍ତୁ ଭଗତ୍ ସିଂହ ସେଇ ସମାନ କଥା କହିଚାଲିଥାନ୍ତି ଯେ ଯେବେ ଯାଏ କ୍ରାନ୍ତିକାରୀ ଆତ୍ମ ବଳିଦାନ ନଦେଇଛି ସେବେଯାଏ ଦେଶବାସୀ ଜାଗ୍ରତ ହେବା ଅସମ୍ଭବ । କଥାର ଗମ୍ଭୀରତା ଅନୁଭବ କରି ଶେଷକୁ ଆଜାଦ୍ ଆପଣା ସମ୍ମତି ଜଣାନ୍ତି । ତେବେ ଭଗତ୍ ସିଂହଙ୍କ ସହ ଆଉ ଜଣେ କିଏ ଯିବ ?




ସମସ୍ତେ ଆଗଭର ମାତୃଭୂମି ପାଇଁ ଆପଣାକୁ ବଳି ଚଢ଼ାଇବାକୁ । ଅନ୍ୟମାନଙ୍କ ନାଁ ବିଚାରକୁ ଆସିବାରୁ ବଟୁକେଶ୍ୱର ଖୁବ୍ ନିରାଶ ହୋଇଯାଆନ୍ତି । କ୍ରାନ୍ତି ସଂଗଠନର ଜଣେ ପୁରୁଣା କର୍ମକର୍ତ୍ତା ହୋଇଥିଲେ ସୁଦ୍ଧା ତାଙ୍କୁ ସେତେବେଳ ଯାଏଁ କୌଣସି ଏକ୍ସନ୍‌ରେ ଭାଗ ନେବାର ସୁଯୋଗ ଦିଆ ହୋଇ ନଥାଏ । ଯଦି ତାଙ୍କୁ ଏଥର ମଧ ସୁଯୋଗ ଦିଆ ନଯାଏ ତେବେ ସେ ସବୁକିଛି ଛାଡ଼ି କଲିକତା ଚାଲିଯିବେ ଓ ଗଙ୍ଗାକୂଳରେ ବସି ରାମନାମ ଜପିବା ଆରମ୍ଭ କରିବେ ବୋଲି କହନ୍ତି । ଅନେକ ବିଚାର ଆଲୋଚନା ପରେ ଭଗତ୍ ସିଂହ ଓ ବଟୁକେଶ୍ୱର ଦତ୍ତ ବୋମା ଫିଙ୍ଗିବାକୁ ଏସେମ୍ବ୍ଲି ଭିତରକୁ ଯିବାର ସ୍ଥିର ହୁଏ । ସେମାନେ ବୋମା ଫିଙ୍ଗିବା ପରେ ଜାଣି ଜାଣି ପୋଲିସ୍ ହାତରେ ଧରାଦେବେ ଓ ନ୍ୟାୟାଳୟକୁ ମଞ୍ଚ ବନାଇ ଆପଣା ଆଭିମୁଖ୍ୟ ସର୍ବସମକ୍ଷରେ ରଖିବେ । ଆଜାଦ ସବୁ ବ୍ୟବସ୍ଥାର ଦାୟିତ୍ୱ ନିଜେ ନିଅନ୍ତି। ତାଙ୍କୁ ସହଯୋଗ କରିବା ପାଇଁ ଶିବବର୍ମା ଓ ଜୟଦେବ କପୁର ରହନ୍ତି ଦିଲ୍ଲୀରେ । ଅନ୍ୟ ସମସ୍ତଙ୍କୁ ଅନ୍ୟତ୍ର ଚାଲିଯିବା ପାଇଁ ହୁକୁମ୍ ଦିଆଯାଏ । 'କୂଚା ଘାଷିରାମ'ର 'ବନ୍ତା ଆଶ୍ରମ'ରେ ଗୋଟାଏ ଘର ଭଡ଼ା ନେଇ ସେଠାରେ ରହି ସବୁ ବ୍ୟବସ୍ଥା କରାଯାଏ । ମାରୱାଡ଼ି ହାଇସ୍କୁଲର ଡ୍ରିଲ୍ ମାଷ୍ଟର ରାଜବଲୀ ସିଂହଙ୍କ ସହାୟତାରେ ଜୟଦେବ ଏକ ଟାଇପ୍ ମେସିନ୍ ଯୋଗାଡ଼ କରନ୍ତି । ବୋମା ବିସ୍ଫୋରଣ ପରେ ଏସେମ୍ବ୍ଲି ହଲ୍ ଭିତରେ ଚାରିଆଡ଼କୁ ଫିଙ୍ଗିବା ପାଇଁ ଗୋଲାପୀ ରଙ୍ଗର କାଗଜରେ ୩୦/୪୦ ଖଣ୍ଡ ପ୍ରଚାରପତ୍ର ଟାଇପ୍ କରାଯାଏ ସେଇ ମେସିନ୍‌ରେ । ଜୟଦେବଙ୍କ ସ୍ୱଜାତୀୟ ଦେବେନ୍ଦ୍ରନାଥ ଟଣ୍ଡନ୍ ଏସେମ୍ବ୍ଲି ଭବନର ସୁରକ୍ଷା ବିଭାଗରେ କାର୍ଯ୍ୟରତ ଥାଆନ୍ତି । ଜାତୀୟ ଆଧାରରେ ସେ ତାଙ୍କସହ ବନ୍ଧୁତା କରି ନିଜର ପରିଚୟ ଦିଅନ୍ତି ଦିଲ୍ଲୀ କଲେଜ୍‌ର ତୃତୀୟ ବର୍ଷର ରାଜନୀତି ଶାସ୍ତ୍ରର ଛାତ୍ର ଭାବେ । ଏସେମ୍ବ୍ଲିର ପୁସ୍ତକାଳୟରେ ଥିବା ଭଲ ଭଲ ପୁସ୍ତକ ତାଙ୍କର ପଢ଼ିବାକୁ ଭାରି ଇଚ୍ଛା ବୋଲି କହିବାରୁ ଦେବେନ୍ଦ୍ରନାଥ ତାଙ୍କ ପାଇଁ ପାସ୍‌ର ବ୍ୟବସ୍ଥା କରି ଦିଅନ୍ତି । ନିୟମିତ ପାଠାଗାରକୁ ଯାଇ ପଢ଼ାପଢ଼ି କରିବା ସହ ସେଠାରେ ଜୟଦେବ କିଛି କଂଗ୍ରେସ୍ କର୍ମୀଙ୍କ ସହିତ ବନ୍ଧୁତା ସ୍ଥାପନ ମଧ୍ୟ କରନ୍ତି । ନିଜେ ଯିବାସହ ସାଙ୍ଗରେ ଜଣେ ଦୁଇଜଣ ସାଥୀଙ୍କ ପାଇଁ ମଧ୍ୟ ପାସ୍ ଯୋଗାଡ଼ କରି ସେମାନଙ୍କୁ ଭିତରୁ ନେଇ ବୁଲାଇ ଆଣିବାରେ ମଧ୍ୟ କିଛି ଅସୁବିଧା ହୁଏନି । ସେଠି ଜଣେ ସିକ୍ୟୁରିଟି ଅଫିସରଙ୍କ ସହିତ ତାଙ୍କର ଖୁବ୍ ଭାବଦୋସ୍ତି ହୋଇଯାଏ । ଅଫିସର ଜଣକ ଥାଆନ୍ତି କବି ପ୍ରକୃତିର । ଜୟଦେବ ତାଙ୍କପାଖରେ ସାଜନ୍ତି ଜଣେ ଧୈର୍ଯ୍ୟବାନ ଶ୍ରୋତା । ଜଣେ ଶ୍ରୋତାଙ୍କୁ ପାଖରେ ପାଇ ଗଦ୍‌ଗଦ୍ ହୋଇ କବି ତାଙ୍କ ସମ୍ମୁଖରେ ସ୍ୱରଚିତ କବିତା ପାଠ କରିବାକୁ ଲାଗିପଡ଼ନ୍ତି । ସେଇ କବିଙ୍କ ସହାୟତାରେ ଏମାନଙ୍କୁ ଆଉ କୌଣସି ପ୍ରବେଶ ପତ୍ର ଦେଖାଇବାକୁ ପଡ଼େନି ଭିତରକୁ ଗଲାବେଳେ । ଜୟଦେବ ନିୟମିତ ଆପଣା ସାଥୀଙ୍କୁ ସାଙ୍ଗରେ ନେଇ ଭିତରକୁ ଯାଆନ୍ତି । ଥରେ ତାଙ୍କସହ ଛଦ୍ମବେଶରେ ଚନ୍ଦ୍ରଶେଖର ଆଜାଦ୍ ବି ଯାଆନ୍ତି ଆସେମ୍ବ୍ଲି ଭିତରକୁ । କୋଉଠି ଦର୍ଶକଙ୍କ ଗହଣରେ ବସିଲେ ବୋମା ଫିଙ୍ଗିବାକୁ ସୁବିଧା ହେବ; କୋଉଠି ବୋମା ଫିଙ୍ଗିଲେ କେହି ମୃତାହତ ହେବେନାହିଁ; କୋଉବାଟରେ ସେଠାରୁ କାମ ସାରି ଖସି ଚାଲିଆସିବାକୁ ସୁବିଧା ହେବ ତଥା ଗେଟ୍ ବାହାରେ କୋଉଠି କାର୍ ରଖିଲେ ସେଠାରୁ ଆଖି ପିଛୁଳାକେ ସେମାନେ ଫେରାର୍ ହୋଇପାରିବେ ସେଇ ସବୁ ଉପରେ ବିସ୍ତାରରେ ବିଚାର କରାଯାଏ । ଭଗତ୍ ସିଂହ କିନ୍ତୁ ବୋମା ବିସ୍ଫୋରଣ ପରେ ପଳାଇବାକୁ ଆଦୌ ରାଜି ହେଉ ନଥାନ୍ତି । ତାଙ୍କ ଯିଦ୍ ଆଗରେ ବାଧ ହୋଇ ଆଜାଦ୍‌ଙ୍କୁ ମୁଣ୍ଡ ନୁଆଁଇବାକୁ ପଡ଼େ ।

ଭଗତ୍ ସିଂହ ଓ ବଟୁକେଶ୍ୱର ଏପ୍ରିଲ୍ ୩ ଓ ୬ ତାରିଖରେ ଏସେମ୍ବ୍ଲି ଭବନ ଭିତରକୁ ଯାଇ ପ୍ରତ୍ୟେକ ସ୍ଥାନ ନିରୀକ୍ଷଣ କରି ଆଗାମୀ ଏକ୍ସନ୍ ପାଇଁ ବ୍ୟୁହ ରଚନା କରନ୍ତି । କୋଉ ସଦସ୍ୟ କୋଉଠି ବସନ୍ତି, କୋଉଠି ବସିଲେ ସୁବିଧାରେ ବୋମା ଫିଙ୍ଗି ହେବ ତଥା ବୋମା କେମିତି ଭିତରକୁ ନିଆଯିବ ସେସବୁର ମୋଟାମୋଟି ଧାରଣା ସେମାନଙ୍କର ଆସିଯାଏ । ଏପ୍ରିଲ୍ ୩ ତାରିଖ ଦିନ କାଶ୍ମିରୀ ଗେଟ୍ ପାଖରେ ଥିବା ରାମନାଥ ଫଟୋଗ୍ରାଫର ପାଖକୁ ଯାଇ ଭଗତ୍ ସିଂହ ଓ ବଟୁକେଶ୍ୱର ଦତ୍ତ ଦୁହିଁଙ୍କର ଗୋଟେ ଗୋଟେ ଫଟୋ ଉଠାନ୍ତି । ବିଦେଶ ଯିବାପାଇଁ ଫଟୋର ଆବଶ୍ୟକତା ଅଛି ବୋଲି ସେମାନେ ତାକୁ କହନ୍ତି । ହେଲେ ଫଟୋ ଧୂଆ ସରିବା ପରେ ତାକୁ ଆଣିବା ପାଇଁ ଯାଆନ୍ତି ଶିବବର୍ମା । ବନ୍ଧୁକ ଦେଖାଇ ରାମନାଥକୁ ଆତଙ୍କିତ କରି ଫଟୋ ଦୁଇଟିକୁ ସେ ନେଇ ଆସନ୍ତି ।

ଏପ୍ରିଲ୍ ୮ ତାରିଖ ଦିନ ଏଗାରଟା ବେଳକୁ ଏସେମ୍ବ୍ଲି କାର୍ଯ୍ୟ ଆରମ୍ଭ ହେବାକୁ ଥାଏ । ଶାସକଗୋଷ୍ଠୀଙ୍କ ମନରେ ଏକ ପ୍ରକାରର ବିଜୟର ଭାବ । ଭାଇସ୍‌ରାୟ ଲର୍ଡ଼ ଇର୍‌ୱିନ୍‌ଙ୍କ ଆଦେଶାନୁସାରେ ଦୁଇ ଐତିହାସିକ ବିଲ୍ ଗୃହୀତ ହେବାକୁ ଯାଉଥାଏ ଅଧିକାଂଶ ସଦସ୍ୟଙ୍କ ବିରୋଧ ସତ୍ତ୍ୱେ । କିନ୍ତୁ ସେଦିନ କ'ଣ ଯେ ଅଘଟଣ ଘଟିବାକୁ ଯାଉଛି ସେ ବିଷୟରେ କେହି କଳ୍ପନା ସୁଦ୍ଧା କରି ନଥାନ୍ତି । ଭଗତ୍ ସିଂହ ଓ ବଟୁକେଶ୍ୱରଙ୍କ ଏସେମ୍ବ୍ଲି ପ୍ରବେଶ ପତ୍ରର ବ୍ୟବସ୍ଥା ହୋଇ ସାରିଥାଏ। ଖାକି କାମିଜ୍, ନିକର, ନୀଳ ରଙ୍ଗର କୋଟ୍ ଓ ହେଟ୍ ପିନ୍ଧିଥାନ୍ତି ଭଗତ୍ ସିଂହ । ହାଲ୍‌କା ନୀଳ ରଙ୍ଗର କୋଟ୍ ବଟୁକେଶ୍ୱର ମଧ ପିନ୍ଧିଥାନ୍ତି । ପୂରା ୟୁରୋପୀୟ ବେଶଭୂଷାରେ ଦୁହେଁ ଆସି ସଦନର ମୁଖ୍ୟ ପ୍ରବେଶ ଦ୍ୱାର ପାଖରେ ପହଞ୍ଚନ୍ତି । ସେଠାରେ ଗେଟ୍‌ପାସ୍ ଦେଖାଇ ସେମାନଙ୍କୁ ସିଧା ପବ୍ଲିକ୍ ଗ୍ୟାଲେରୀକୁ ଯିବାର ଥାଏ । ଦୁହିଁଙ୍କୁ ପାସ୍ ଜାରି କରିଥିବା ଅଧିକାରୀଙ୍କ ତହିଁରେ ଦସ୍ତଖତ ଥିବାରୁ କାଳେ ପରେ ସେ ଅସୁବିଧାରେ ପଡ଼ି ପାରନ୍ତି ବୋଲି ଗେଟ୍ ଭିତରକୁ ପଶିଲା ପରେ ଦୁହିଁଙ୍କ ପାଖରୁ କୌଶଳ କରି ପାସ୍ ଦୁଇଟିକୁ ତାଙ୍କର ଜଣେ ସାଥୀ ନେଇ ନଷ୍ଟ କରିଦିଏ ।

ଏସେମ୍ବ୍ଲିରେ ବୈଠକର ଅଧକ୍ଷତା ବିଟ୍ଠଲ୍‌ଭାଇ ପଟେଲ କରୁଥାନ୍ତି । ଦେଶ ବିଦେଶର ପ୍ରମୁଖ ଖବରକାଗଜଗୁଡ଼ିକର ସମ୍ବାଦଦାତାମାନେ ଉପସ୍ଥିତ ଥାଆନ୍ତି ଦର୍ଶକ ଗ୍ୟାଲେରୀରେ । ସରଦାର ବଲ୍ଲଭଭାଇ ପଟେଲ, ଦେବଦାସ ଗାନ୍ଧି, ମୋତିଲାଲ ନେହେରୁ, ମୁହମ୍ମଦ ଅଲୀ ଜିନ୍ନା, ପଣ୍ଡିତ ମଦନମୋହନ ମାଲବୀୟ ଇତ୍ୟାଦି ସଦସ୍ୟମାନେ ନିଜ ନିଜ ଜାଗାରେ ବସିଥାଆନ୍ତି । ଅଧକ୍ଷ ବିଟ୍ଠଲ୍‌ଭାଇ ନିଜ ଆସନରୁ ଉଠି ବିଲ୍ ଉପରେ ନିଜ ରାୟ ଦେବା ଆରମ୍ଭ କଲାବେଳେ ଭଗତ୍ ସିଂହ ଓ ବଟୁକେଶ୍ୱର ନିଜ ବସିବା ଜାଗାରୁ ଠିଆ ହୋଇପଡ଼ନ୍ତି । ଭଗତ୍ ସିଂହ ଆଖି ପିଛୁଳାକେ ନିଜ ନିକର ପକେଟ୍‌ରେ, ଖବରକାଗଜରେ ଗୁଡ଼ାଇ ହୋଇ ରହିଥିବା ବୋମାଟିକୁ ବାହାର କରି ଗୃହ ସଦସ୍ୟ ସାର୍ ଜର୍ଜ ଶୁଷ୍ଟରଙ୍କ ପଛପଟକୁ ଥିବା ଫାଙ୍କା ଜାଗାକୁ ଲକ୍ଷ୍ୟ କରି ଫିଙ୍ଗନ୍ତି । ଭୀଷଣ ଶବ୍ଦକରି ବୋମାଟି ଫୁଟିବା ସହ କିଛିକ୍ଷଣ ପାଇଁ ହଲ୍ ଭିତରଟି ସମ୍ପୂର୍ଣ୍ଣ ଅନ୍ଧାର ହୋଇଯାଏ । ସମସ୍ତେ ପ୍ରାଣ ବିକଳରେ ନିଜ ବସିବା ଜାଗାରୁ ଉଠି ଏପଟ ସେପଟ ଧାଇଁବାକୁ ଲାଗନ୍ତି । ଏଇ ସମୟରେ ବଟୁକେଶ୍ୱର ତାଙ୍କ ବୋମାଟି ଫିଙ୍ଗନ୍ତି । ସେଥିରୁ ଗାଢ଼ ନୀଳ ରଙ୍ଗର ଧୂଆଁ ବାହାରି ସାରା ହଲ୍‌ରେ ଖେଳାଇ ଯାଏ । ଭଗତ୍ ସିଂହ ନିଜ ବନ୍ଧୁକରୁ ଦୁଇ ରାଉଣ୍ଡ ଗୁଳି ଫୁଟାନ୍ତି ଫାଙ୍କାରେ। ଲର୍ଡ଼ ସାଇମନ୍ ପ୍ରେସିଡେଣ୍ଟ ଗ୍ୟାଲେରୀ ଛାଡ଼ି ଧାଇଁ ପଳାଇ ଯାଉଥିବା ବେଳେ ଶୁଷ୍ଟର୍ ଏତେ ଭୟଭୀତ ହୋଇଯାଇଥାନ୍ତି ଯେ ଆପଣା ଜୀବନ ବଞ୍ଚାଇବା ପାଇଁ ଡେକ୍ସ ତଳେ ଲୁଚି ବସିରହନ୍ତି । କେତେଜଣ ଶୌଚାଳୟ ଭିତରକୁ ପଶିଯାଇ କବାଟ ବନ୍ଦ କରିଦେଇ ଠାକୁରଙ୍କ ଜପ ଆରମ୍ଭ କରିଦେଇଥାନ୍ତି । ହେଲେ ମୋତିଲାଲ ନେହେରୁ, ମୁହମ୍ମଦ ଅଲୀ ଜିନ୍ନା, ପଣ୍ଡିତ ମଦନମୋହନ ମାଲବୀୟ ତଥା ବିତ୍ତ ସଦସ୍ୟ ସାର୍ ଜେମ୍‌ସ କ୍ରେୟରଙ୍କ ସାହସକୁ ମାନିବାକୁ ପଡ଼ିବ । ନୀଳ ଧୂଆଁ କମିବା ପରେ ଦେଖିବାକୁ ମିଳେ ଯେ ସେମାନେ ଚାରିଜଣ ନିଜ ନିଜ ସିଟ୍‌ରେ ପୂର୍ବପରି ବସି ରହିଛନ୍ତି । ଏମାନଙ୍କୁ ଛାଡ଼ିଦେଲେ ଅନ୍ୟ ସବୁ ସିଟ୍ ଖାଲି ହୋଇଯାଇଥାଏ । ବୋମା ବିସ୍ଫୋରଣରେ ଶୁଷ୍ଟର, ବୋମନ୍‌ଜୀ ଦଲାଲ ଓ ଅନ୍ୟ ତିନିଜଣ ସଦସ୍ୟ ସାମାନ୍ୟ ରୂପେ ଆଘାତ ପ୍ରାପ୍ତ ହୋଇଥାନ୍ତି।

ସ୍ଥିତି ଟିକିଏ ଶାନ୍ତ ପଡ଼ିବାରୁ ଭଗତ୍ ସିଂହ ଓ ବଟୁକେଶ୍ୱର ଇଂରାଜୀରେ ସ୍ଲୋଗାନ୍ ଦେବାକୁ ଲାଗନ୍ତି - ଲଙ୍ଗ୍ ଲିଭ୍ ରିଭୋଲ୍ୟୁସନ୍, ଡାଉନ୍ ଫଲ୍ ୱିଥ୍ ଇମ୍ପେରିୟାଲିଜମ୍ । ଦର୍ଶକ ଗ୍ୟାଲେରୀରୁ କିଛି ଗୋଲାପୀ ରଙ୍ଗର ପ୍ରଚାରପତ୍ର ତଳକୁ ଫିଙ୍ଗନ୍ତି ବଟୁକେଶ୍ୱର ଦତ୍ତ । ସେଥିରେ ହିନ୍ଦୁସ୍ଥାନୀ ସମାଜବାଦୀ ପ୍ରଜାତାନ୍ତ୍ରିକ ସେନାର ନୋଟିସ୍ ଲେଖା ହୋଇଥାଏ । ବଡ଼ ବଡ଼ ଅକ୍ଷରରେ ହେଡିଙ୍ଗ୍ ଥାଏ - "କାଲାଙ୍କୁ ଶୁଣାଇବା ପାଇଁ ଧମାକାର ଆବଶ୍ୟକତା" । ଗ୍ୟାଲେରୀ ଓ ସଦନରେ ବସିଥିବା କିଛି ସଦସ୍ୟମାନେ ହୋହଲ୍ଲା ଭିତରେ ଆପଣା ଜୀବନ ବଞ୍ଚାଇବାକୁ ବାହାରକୁ ପଳାଇଗଲା ଭଳି ଏମାନେ ଦୁହେଁ ଚାହିଁଥିଲେ ଖୁବ୍ ସହଜରେ ସେଠାରୁ ବାହାରି ପଳାଇ ଯାଇ ପାରିଥାନ୍ତେ । ହେଲେ ସେମାନଙ୍କର ପଳାଇବାର ତ ଉଦ୍ଦେଶ୍ୟ ହିଁ ନଥାଏ । ସ୍ଲୋଗାନ୍ ଦେଇସାରି ସେମାନେ ପୂର୍ବପରି ନିଜ ନିଜ ସିଟ୍‌ରେ ବସି ରହନ୍ତି । ହାତରେ ଧରିଥିବା ବନ୍ଧୁକକୁ ଭଗତ୍ ସିଂହ ଏମିତି ନଚାଉଥାନ୍ତି ଯେମିତି ପିଲାଟେ ଖେଳଣା ଧରି ଖେଳୁଛି । ପୋଲିସ୍ ଅଧିକାରୀ ଜନସନ୍ ଓ ସାର୍ଜେଣ୍ଟ ଟେରୀ ସେ ଦୁହିଁଙ୍କୁ ଦେଖି ଏତେ ଭୟଭୀତ ହୋଇଯାଆନ୍ତି ଯେ ପାଖକୁ ଯିବାକୁ ବି ସାହସ କରି ପାରନ୍ତି ନାହିଁ। ସେମାନଙ୍କ ଅବସ୍ଥା ବିଷୟରେ ଅନୁମାନ କରି ଭଗତ୍ ସିଂ ବିଶ୍ୱାସ ଦେବାକୁ ପ୍ରୟାସ କରନ୍ତି ତାଙ୍କ ବନ୍ଧୁକରେ ଗୁଳି ନାହିଁ ବୋଲି । ତଥାପି କେହି ତାଙ୍କ ପାଖକୁ ଯାଆନ୍ତି ନାହିଁ । ଶେଷକୁ ଭଗତ୍ ସିଂହ ତାଙ୍କ ବନ୍ଧୁକ ଗୋଟେ କଡ଼କୁ ରଖିଦିଅନ୍ତି ଓ ଅନ୍ୟକିଛି ମାରଣାସ୍ତ୍ର ତାଙ୍କ ପାଖରେ ନାହିଁ ବୋଲି କହନ୍ତି । ତା'ପରେ ଯାଇ ପୋଲିସ୍ ସେ ଦୁହିଁଙ୍କୁ ଗିରଫ କରିବାକୁ ସାହସ ଜୁଟାଇପାରେ । ଚଟାଣରେ ବିଛେଇ ହୋଇ ପଡ଼ିଥିବା ଗୋଲାପୀ ପ୍ରଚାରପତ୍ରଗୁଡ଼ିକ ଉପରେ ଯେମିତି କାହାରି ନଜର ନପଡ଼େ ସେଥିପାଇଁ ତାକୁ ଖୁବ୍ ସାବଧାନତାର ସହ ଉଠାଇ ନଷ୍ଟ କରିଦିଆଯାଏ । ହେଲେ ହିନ୍ଦୁସ୍ଥାନ ଟାଇମ୍ସର ଜଣେ ସମ୍ବାଦଦାତା ଖୁବ୍ ଚତୁରତାର ସହ ସେଥିରୁ ଗୋଟାଏ ଉଠାଇ ପକେଟ୍‌ରେ ରଖି ନେଇଥିବା କଥା କାହାରି ଦୃଷ୍ଟିରେ ପଡ଼େନି । ସେଦିନ ହିନ୍ଦୁସ୍ଥାନ ଟାଇମ୍ସର ସାନ୍ଧ୍ୟକାଳୀନ ସଂସ୍କରଣରେ ସେଇ ପ୍ରଚାରପତ୍ରଟିର ଫଟୋ ଛାପି ଦିଆଯିବାରୁ ସାଧାରଣ ଜନତାଙ୍କ ପାଖରେ ତାହା ସହଜରେ ଉପଲବ୍ଧ ହୋଇପାରେ .... (ସମାପ୍ତ)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୦୫ ଫେବୃଆରୀ, ୨୦୨୩

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



# ଦୃଷ୍ଟିକୋଣ – ୧



କବି କାଳୀପଦ ପଣ୍ଡାଙ୍କ ଆଉ ଏକ ନୂତନ ସାପ୍ତାହିକ ସ୍ତମ୍ଭ 'ଦୃଷ୍ଟିକୋଣ' । ଏହା ପୂର୍ବରୁ ଧ୍ୱନି ପ୍ରତିଧ୍ୱନିରେ ତାଙ୍କର 'ଚିନ୍ତା ଚତୁରଙ୍ଗ', 'ଚିନ୍ତା ତରଙ୍ଗ', ଚିନ୍ତା ଚେତନା', 'ଚିନ୍ତା ଅନୁଚିନ୍ତା' ନାମରେ ଚାରି ପର୍ଯ୍ୟାୟରେ ନିୟମିତ ସ୍ତମ୍ଭ ପ୍ରକାଶିତ ହୋଇ ପାଠକଙ୍କ ଶ୍ରଦ୍ଧାଭାଜନ ହୋଇଥିଲା । ପଞ୍ଚମ ପର୍ଯ୍ୟାୟରେ ଏହି ନୂତନ ସ୍ତମ୍ଭରେ ସେ ସାହିତ୍ୟ, ସଂସ୍କୃତି, ସାମାଜିକ ଘଟଣାପ୍ରବାହ, ଜୀବନଦର୍ଶନ ସହ ଆଧ୍ୟାତ୍ମିକତା ଆଦି ବିବିଧ ବିଷୟ ବିଚାରର ଦିଗକୁ ଉପସ୍ଥାପନ କରିବେ ।

## କିଛି ନୁହେଁ ଚିରନ୍ତନ

### କାଳୀପଦ ପଣ୍ଡା

ଜନ୍ମ-ମୃତ୍ୟୁ ଚକ୍ରରେ ଜିଇବା ଯେବେ ଚିରନ୍ତନ ନୁହେଁ, ସେତେବେଳେ ଆମେ ନିରନ୍ତର ବସ୍ତୁପ୍ରେମ ଓ ଇନ୍ଦ୍ରିୟସୁଖରେ ଧାବମାନ ହୋଇ ଏତେ କ୍ଷତାକ୍ତ ଓ ଯନ୍ତ୍ରଣାସିକ୍ତ ହେଉଛୁ ଯେ, ଯାହା ମନୁଷ୍ୟର ମାୟା ଓ ମୋହକୁ ହିଁ ପ୍ରମାଣିତ କରାଏ । ଯେବେ ମନୁଷ୍ୟ ମୋହମୁକ୍ତିର ଜ୍ଞାନଲାଭ କରିଯିବ, ସେବେ ସେ ତା'ର ସର୍ବନିମ୍ନ ଆବଶ୍ୟକତା ପୂରଣ ହୋଇଗଲେ ଅନେକ ଦୁଃଖ ଓ ଯନ୍ତ୍ରଣା ଭଳି ଦିଗରୁ ମୁକ୍ତି ପାଇ ପାରିବ । ଇନ୍ଦ୍ରିୟ ସଂଯମ ବିନା ବ୍ୟକ୍ତିର ଭୋଗଲାଳସା ନିୟନ୍ତ୍ରଣ ସମ୍ଭବ ନୁହେଁ । ଇନ୍ଦ୍ରିୟ ସଂଯମ କରିବାକୁ ହେଲେ ମୃତ୍ୟୁ ଭଳି ମହାକାଳକୁ ହେଜି ନିଜର ଆବଶ୍ୟକତାଠାରୁ ଅଧିକ ସଂଚୟ ଓ ସମୃଦ୍ଧିର ଦୌଡ଼ରେ ଦୌଡ଼ିବା ଦିଗକୁ ଯଥାସମ୍ଭବ କମ୍ କରିବାକୁ ପ୍ରୟାସ କରିବ । ଏଥିନିମନ୍ତେ ତା'ର ପ୍ରଜ୍ଞା ଜଗତକୁ ପରିବର୍ଦ୍ଧନ କରିବାକୁ ପଡ଼ିବ । ପ୍ରଜ୍ଞା କହିଲେ ତାକୁ ପାଠ୍ୟପୁସ୍ତକ ବାହାରେ ବିଶାଳ ସମାଜ ରୂପକ ବିଶ୍ୱବିଦ୍ୟାଳୟରୁ ଜ୍ଞାନ ଆହରଣ କରିବାକୁ ପଡ଼ିଥାଏ । ପ୍ରତ୍ୟହ ତା' ଚତୁଃପାର୍ଶ୍ୱରେ ଘଟି ଚାଲିଥିବା ଘଟଣା ଓ ଦୁର୍ଘଟଣାକୁ ଅବଲୋକନ କଲେ ସେ ନିଜେ ଅନୁଭବ କରିପାରିବ ଯେ ଜୀବନ କେତେ ଅବାସ୍ତବ । ବାସ୍ତବ କେବଳ ବାହୁଡ଼ି ଯିବା । ସେ ପୁଣି କାହା ପାଇଁ କେଉଁ ବୟସରେ କିଛି ବି ଘଟିପାରେ । ଏଭଳିକି ମାତୃଗର୍ଭରୁ ଭୂମିଷ୍ଠ ହେବା କେତେକ୍ଷଣ ପରେ ବି ସଦ୍ୟଜାତ ଶିଶୁଟି ମୃତ୍ୟୁ ଲଭେ ତ ପୁଣି ୧୫ବର୍ଷର କିଶୋର କିମ୍ବା ୨୫ବର୍ଷର ଯୁବକ ବା ଯୁବତୀ କେହି ବି କୌଣସି ଏକ ବ୍ୟାଧି ପ୍ରପୀଡ଼ିତ ହୋଇ ଅଥବା ଦୁର୍ଘଟଣାଗ୍ରସ୍ତ ହୋଇ ଏ ସଂସାର ଛାଡ଼ି ଦିଅନ୍ତି । ପୁଣି ଶତବର୍ଷର ଜୀବନ ଜିଇ କେହି କେହି ଶତାୟୁ ପୁରୁଷର ଆଖ୍ୟା ପାଆନ୍ତି । ଏହି ବ୍ୟତିକ୍ରମର କାରଣ ଓ ନିରାକରଣ କେହି ବି ସଠିକ୍ କହି ପାରିବେ ନାହିଁ । କାରଣ, ଜୀବନ ଦାନ ସେ ଅଦୃଷ୍ଟକର୍ତ୍ତାଙ୍କର ଇଚ୍ଛାଧୀନ । ସେ ଚାହିଁଲେ ଯେକୌଣସି ସମୟରେ, ଯେକୌଣସି ପରିସ୍ଥିତି ଭିତର ଦେଇ ସେ ତାଙ୍କର ଅଂଶବିଶେଷ ଆତ୍ମାରୂପୀ ଜୀବସତ୍ତାଟିକୁ ବାହୁଡ଼ି ନିଅନ୍ତି ସତେଅବା ତାଙ୍କ ନିକଟକୁ ।

ଏଇ ଜନ୍ମ ହିଁ ଏକମାତ୍ର ସତ୍ୟ, ସତ୍ୟ, ସତ୍ୟ ତ୍ରିବାର ସତ୍ୟ । ଯଦିଓ କୁହାଯାଇଛି –


"ପନୁରପି ଜନମଂ ପୁନରପି ମରଣଂ, ପୁନରପି ଜଠରେ ଶୟନଂ" ଅର୍ଥାତ୍ ଜନ୍ମ ହେଲେ ପୁଣି କୌଣସି ନା କୌଣସି ମାତୃଜଠରରୁ ଭୂମିଷ୍ଠ ହେବାକୁ ପଡ଼ିଥାଏ, ତେବେ ଯେଉଁ ଜୀବସତ୍ତାଟି ଏବେ ଚଳପ୍ରଚଳ ହେଉଥିଲା ମର୍ତ୍ତ୍ୟଧାମରେ, ସେହି ଜୀବସତ୍ତା ଯେ ଆଉଥରେ କୌଣସି ମାତୃଜଠର ଦେଇ ଏଇ ମର୍ତ୍ତ୍ୟଧାମରେ ଧରାବତରଣ କରିଛି ତାହା ଅଦ୍ୟପି ପ୍ରମାଣସିଦ୍ଧ ନୁହେଁ । ତେଣୁ ଏଇ ଜନ୍ମ ହିଁ ଏକମାତ୍ର ସତ୍ୟ ବୋଲି କୁହାଯାଇପାରେ । ମନୁଷ୍ୟ ଶରୀର ବ୍ୟାଧିମନ୍ଦିର ବୋଲି କୁହାଯାଏ । ଏହି ଶରୀରକୁ କେତେବେଳେ ବି କୌଣସି ବ୍ୟାଧି ଆକ୍ରାନ୍ତ କରିଯାଇପାରେ । ପୁନଃଶ୍ଚ ନାନା ଦୁର୍ଘଟଣା ଓ ବିଶ୍ୱାସଘାତକତାର ଶିକାର ହୋଇ ଜୀବନଦୀପ କେତେବେଳେ ବି ନିର୍ବାପିତ ହୋଇଯାଏ । ଯଦି ବାହୁଡ଼ି ଯିବାଟା ଏକମାତ୍ର ସତ୍ୟ, ତା'ହେଲେ କାହିଁକି ଆମ ଭିତରେ ଏତେ ପ୍ରତିଯୋଗିତା ଓ ପ୍ରତାରଣାର ଦୌଡ଼ରେ ଆମେ ନିଜ ପାଇଁ ଏତେ କଳଙ୍କର ପାହାଡ଼ ନିର୍ମାଣ କରିବା ? ବରଂ ସମଗ୍ର ବସୁଧାର ସମସ୍ତ ମାନବ ଏକ ପରିବାରର ସଦସ୍ୟ ମନେକରି ଭାରତର ବେଦଉପନିଷଦ ଯେଉଁ ଆପ୍ତବାକ୍ୟଟି ଉଚ୍ଚାରଣ କରିଛନ୍ତି – "ବସୁଧୈବ କୁଟୁମ୍ବକମ୍" ମନ୍ତ୍ରରେ ଆମେ ପରସ୍ପର ପରସ୍ପରର ପରିପୂରକ ହୋଇ ଛଳନା ଓ ପ୍ରତାରଣାଶୂନ୍ୟ ହୋଇ ଏକ ମଧୁମୟ ଆନନ୍ଦର ଜଗତ ନିର୍ମାଣ ନ କରିବା ? କାରଣ, ଆମେ ପରା କେହି ଏଠି ଚିରସ୍ଥାୟୀ ନୋହୁଁ ? ସମସ୍ତ ସ୍ଥାବର-ଅସ୍ଥାବର ଭୂସମ୍ପତ୍ତି, ବିଳାସବ୍ୟସନର ସାମଗ୍ରୀ ଏଠାରେ ପଡ଼ି ରହିଥିବ । ତାହାକୁ ଯେ କିଏ କ'ଣ କରିବ ତାହା ତ ଜାଣିବା ସମ୍ଭବ କେବେ ନୁହେଁ । ଆସିଥିଲୁ ଖାଲି ହାତରେ ଆଉ ଯିବୁ ବି ଖାଲି ହାତରେ । କେବଳ ଛାଡ଼ି ଯିବାକୁ ହୁଏ କର୍ମରୂପୀ କୀର୍ତ୍ତିର ସ୍ମାରକୀ । ସେହି କର୍ମ – କୁକର୍ମ ଓ ସୁକର୍ମ । କେଉଁ କର୍ମଟିକୁ ଆପଣେଇ ଥିଲେ ଏଇ ଭୂମିର ପରପିଢ଼ି ବ୍ୟକ୍ତିସତ୍ତାକୁ ବାରମ୍ବାର ସ୍ମରଣରେ ଆଣନ୍ତି ତାହା ନିଜ ପକ୍ଷେ ବିଚାରଯୋଗ୍ୟ । କୁକର୍ମର ପଥରେ ଖୁବ୍‌ଶୀଘ୍ର ହୁଏତ ବିଶାଳ କ୍ଷମତା ଓ ଅର୍ଥନୀତିର ସାମ୍ରାଜ୍ୟ ନିର୍ମାଣ ହୋଇଯାଏ, ହେଲେ ବାହୁଡ଼ିବା ମାତ୍ରକେ ସମସ୍ତେ ତ୍ରାହି ତ୍ରାହି ଡାକ ଦେଇ ସେହି ବ୍ୟକ୍ତିସତ୍ତାକୁ ଧିକ୍କାରି ଥାଆନ୍ତି ଓ କେବେହେଲେ ମନେପକାଇ ନ ଥା'ନ୍ତି । ଯେଉଁ ବ୍ୟକ୍ତିସତ୍ତାକୁ ଏଠି ବାରମ୍ବାର ଗୋଟିଏ ଭୂମିରେ ପିଢ଼ି ପରେ ପିଢ଼ି ସ୍ମରଣ କରନ୍ତି, ତା' ମୂଳରେ ଥାଏ ସେହି ବ୍ୟକ୍ତି ଦ୍ୱାରା ସମ୍ପାଦିତ ତା'ର ସୁକର୍ମର ଫଳ ।

ଚେତନାର ଉତ୍ତରଣ ନ ହେଲେ ବ୍ୟକ୍ତି ସୁକର୍ମ ଆଡ଼କୁ ଧାବିତ ହୁଏନାହିଁ । ମାନବିକ ଅଭୀପ୍ସା ଅସରନ୍ତି । ଏଥିରୁ ନିବୃତ୍ତ ହେବାକୁ ହେଲେ ନଚିକେତାଙ୍କ କାହାଣୀ ଭଳି କାହାଣୀକୁ କେବଳ ଅଧ୍ୟୟନ କଲେ ହେବନାହିଁ ବରଂ ତହିଁରୁ ଶିକ୍ଷାଲାଭ କରିବାକୁ ପଡ଼ିବ । ବୁଦ୍ଧ, ଶଙ୍କର, ରାମକୃଷ୍ଣ, ବିବେକାନନ୍ଦ, ସାବିତ୍ରୀ, ଦ୍ରୌପଦୀ, ସୀତା କିମ୍ବା ଶ୍ରୀରାମଚନ୍ଦ୍ରଙ୍କ ପର୍ଯ୍ୟନ୍ତ ସମସ୍ତେ ମାନବସତ୍ତାଧାରୀ ମହାନ ଈଶ୍ୱରଙ୍କ ସନ୍ତାନ ଏଇ ଧରାଧାମରେ ଅବତୀର୍ଣ୍ଣ ହୋଇ ନିଜ ନିଜର ଲୀଳା ପ୍ରକଟ ଭିତରେ ଏହି ମାନବଜାତିକୁ ସ୍ଥୂଳଚେତନା ଭିତର ଦେଇ ଦିବ୍ୟ ପ୍ରେମରେ ଉଦ୍ଭାସିତ ହେବାପାଇଁ ଅସୀମ ପ୍ରେରଣା ଦେଇଯାଇଛନ୍ତି । ପ୍ରାଣମୟ ପିଣ୍ଡ ସବୁବେଳେ ଦିବ୍ୟାଲୋକ ସନ୍ଧାନୀ ହେବାକୁ ପ୍ରୟାସ କରେ । ସେହି ଦିବ୍ୟାନନ୍ଦ ପାଇଁ ପ୍ରାଣସତ୍ତାକୁ ଅଧିକ ସନ୍ଧାନୀ କରିବାକୁ ହେଲେ ନିଜକୁ ଏଇ ଦୁଃଖମୟ ସଂସାରରେ ଜରା, ବ୍ୟାଧି, ମୃତ୍ୟୁରୂପୀ ତ୍ରିଧାରା ଭିତରେ ବେଦ-ବେଦାନ୍ତ ଅନ୍ତର୍ଗତ ଦର୍ଶନର ମୂଳଭିତ୍ତି ଆଡ଼କୁ ଧାବିତ ହେବାକୁ ପଡ଼ିବ । ସୁପ୍ତ ଆନନ୍ଦର ମାର୍ଗର ଅନୁସନ୍ଧାନୀ ଥରେ ଯଦି ଜୀବସତ୍ତା ହୋଇଗଲା ତେବେ ତା' ନିକଟରେ ଏଇ ସମସ୍ତ ଅଳୀକ ସୁଖ କିଛି ଅର୍ଥ ରଖେନାହିଁ ।

ଆଜି ସମସ୍ତେ ଏକ ଯାନ୍ତ୍ରିକ ପୃଥିବୀରେ ଧାବମାନ । ଏମିତିକି ନିଜ ସୃଷ୍ଟି ନିକଟରେ ନିଜେ କ୍ରୀତଦାସ ସମ । ନିଜର ସୃଷ୍ଟି ଆଜି ନିଜ ପାଇଁ ହୋଇଛି ଅକାଳ ମୃତ୍ୟୁର ପ୍ରମୁଖ କାରଣ । ଦିବ୍ୟଜ୍ଞାନର ଅନୁସନ୍ଧାନୀ ହୋଇ ନିତ୍ୟ ନବନବ ଉଦ୍ଭାବନ ଓ ଆବିଷ୍କାର ଭିତରେ ଆମେ ଯେଉଁ ସଫଳତାକୁ ଲାଭ କରୁଛୁ, ତହିଁରେ ନିଜେ ବନ୍ଦୀ ହୋଇଯାଉଛୁ । ଯନ୍ତ୍ରମୟ ପୃଥିବୀ ଭିତରେ ଆମ ଭିତରେ ହଜି ଯାଉଛି ଗଭୀର ସମ୍ବେଦନା । ଭୌତିକ ସତ୍ତା ଆମକୁ ଅଧିକରୁ ଅଧିକ କବଳିତ କରିବାରେ ଲାଗିଛି । ପ୍ରକୃତି ଆଜି ବିଭୀଷିକାମୟ ହୋଇ ଆମକୁ ବାରମ୍ବାର ସଚେତନ ହେବାକୁ ପରୋକ୍ଷରେ କହୁଥିଲେ ମଧ୍ୟ ଆମେ ସେ ଦିଗରେ ଯତ୍ନଶୀଳ ହେଉନାହୁଁ । ଆଧୁନିକ ଯନ୍ତ୍ରାଂଶ ଭିତରେ ଆମେ ଆମର ଜୀବନଯାତ୍ରାକୁ ଅଧିକ ସୁଖମୟ କରିବାକୁ ଯାଇ ଏତେ ଏତେ ନୂଆ ସମସ୍ୟା ନିର୍ମାଣ କରୁଛୁ ଯେ ତାହାର ସମାଧାନର ବାଟ ଫିଟୁ ନାହିଁ । ପ୍ରକୃତିର କ୍ରୋଧ ଆଗରେ ମାନବ ଆଜି ସମ୍ପୂର୍ଣ୍ଣ ନିଃସହାୟ । ମୋହମୁକ୍ତି ବିନା ଜୀବ କେବେ ତା'ର ପରମାତ୍ମାଙ୍କୁ ଚିହ୍ନିବା ଦିଗରେ ଆଗେଇ ପାରିବ ନାହିଁ । ଗୋଟିଏ ପରିବାର ଭିତରେ ଥିବା ସଦସ୍ୟମାନେ ସମବେତ ସାଂସାରିକ ଆନନ୍ଦଲାଭ କରିପାରୁ ନାହାନ୍ତି । ପ୍ରତ୍ୟେକେ ପ୍ରତ୍ୟେକଙ୍କୁ ଯେଭଳି ଭାବରେ ଶଠତା ଭିତରେ କ୍ଷତାକ୍ତ କରୁଛନ୍ତି, ତହିଁରେ ପରିବାର ଜୀବନ ଯେଭଳି ଭାବରେ ସଂକଟାପନ୍ନ ସେହିଭଳି ଭାବରେ ଆମ ସମାଜ ଓ ରାଷ୍ଟ୍ରଜୀବନ ମଧ୍ୟ ଦୁର୍ବିସହ । କ୍ଷମତାଲିପ୍ସୁ ରାଷ୍ଟ୍ରନାୟକମାନେ ଏକାନ୍ନବର୍ତ୍ତୀ ବିଶାଳ ଭୂଖଣ୍ଡର ରାଜଚକ୍ରବର୍ତ୍ତୀ ହେବାକୁ ଇଚ୍ଛା କରି ଲକ୍ଷଲକ୍ଷ ସାଧାରଣ ଜୀବନକୁ ଆଧୁନିକ ଗୁଳିଗୁଳା ମଧ୍ୟରେ ଅସମୟରେ ନିର୍ବାପିତ କରିବାକୁ ପଶ୍ଚାତ୍‌ପଦ ହେଉନାହାନ୍ତି । ବିଶ୍ୱଶାନ୍ତିରେ ଗଠିତ ଜାତିସଂଘ ସ୍ଥାଣୁବତ୍ ଦଣ୍ଡାୟମାନ । ଏମିତି ଏକ ସ୍ଥିତି ଭିତରେ ଯେବେ ଜୀବନ ନୁହେଁ ଚିରନ୍ତନ ସେତେବେଳେ ଅନ୍ତର୍ଦୃଷ୍ଟି ବିନା ସମାଧାନ ବାଟ ଫିଟିବ ନାହିଁ ।

♥ ସୂନାରୁଇ, ବି.କଟିସାହି, ସିଂଲା
ବାଲିଆପାଳ, ବାଲେଶ୍ୱର-୭୫୬୦୨୩
ମୋ: ୯୪୩୭୦୮୯୨୪୧

# ସ୍ମୃତି ଶତଦଳ ୨୭୫



## ସ୍ୱେଟର

ଡା. ସରୋଜିନୀ ଷଡଙ୍ଗୀ
♥ ଲିଙ୍କରୋଡ୍, କଟକ-୧୨
ଫୋନ୍-୯୪୩୭୦୫୫୦୦୭

**ଜୀବନର ଏତେ ସବୁ ସୂକ୍ଷ୍ମ କାମର ବିଶ୍ଳେଷଣ ପରେ ମୋର ମନେ ହୋଇଛି ସିଲେଇ ସମସ୍ତଙ୍କ ଜୀବନରେ ଅପରିହାର୍ଯ୍ୟ ନୁହେଁ କିନ୍ତୁ ସିଲେଇ କଲାବେଳେ ଯଥା ରୁମାଲଟିରେ ଫୁଲ ପକାଇବା ବେଳେ, ଗୋଲାପ ଗଛର ସବୁଜ ପତ୍ର ଓ ଲାଲ୍ ଫୁଲ ସବୁ ବିନ୍ଦୁ ବିନ୍ଦୁ ସ୍ନେହରେ ଭିଜି ଭିଜି ଯେମିତି ଆହୁରି ସତେଜ ଆହୁରି ସୁନ୍ଦର ଦିଶନ୍ତି ।**

(ପୂର୍ବ ପ୍ରକାଶିତ ଉତ୍ତାରୁ)

ବେଳେବେଳେ ଗୋଟିଏ ସାଧାରଣ କଥା ଅସାଧାରଣ ହୋଇଯାଏ ଏବଂ ସାମାନ୍ୟ କଥାଟିଏ ହୋଇଯାଏ ଅତି ଅସାମାନ୍ୟ । ସ୍ୱେଟର ବୁଣିବା, ରୁମାଲରେ ଛୁଞ୍ଚି ସୂତାରେ ଫୁଲଟିଏ ପକାଇବା, ବେଡସିଟ୍ ଓ ତକିଆ ଖୋଳରେ ଏମ୍ବ୍ରୋଇଡୋରି କରିବାଠାରୁ ସାର୍ଟରେ ବୋତାମ ଲଗାଇବା ପର୍ଯ୍ୟନ୍ତ ଖାଲି ଆଖିକୁ ଖୁବ୍ ଛୋଟ କଥା ଭଳି ଲାଗି ପାରେ, କିନ୍ତୁ ମୋ ପାଇଁ ଏହା ଖୁବ୍ ବଡ କଥା । ପିଲାଦିନେ ସ୍କୁଲରେ ପଢିଲାବେଳେ ସପ୍ତମ ଶ୍ରେଣୀ ସ୍କଲାରସିପ୍ ପରୀକ୍ଷାରେ 'ସିଲେଇ' ଗୋଟିଏ ବିଷୟ ଥିଲେ ବି ଆଦୌ ସିଲେଇ କରିପାରୁନଥିଲି କାରଣ ଅଜା କହିଲେ ସିଲେଇ ନେଲେ ଏମ୍.ଇ ସ୍କଲରସିପ୍ ପରୀକ୍ଷାରେ ଆଦୌ ମାର୍କ ରଖି ପାରିବୁନି ବରଂ ଜ୍ୟାମିତି ନେଲେ ଭଲ ମାର୍କ ରହିବ । ମୁହୂର୍ତ୍ତକୁ ମୁହୂର୍ତ୍ତ ବହି ଭିତରେ ପଶିଗଲା ପରେ ଅତି ସୂକ୍ଷ୍ମ କାରୁକାର୍ଯ୍ୟ ପାଇଁ ବେଳ କାହିଁ ? ତେଣୁ ଏ ସବୁକୁ ମୁଁ ଏଡେଇ ଯାଇଥିଲି ।

ବ୍ରହ୍ମପୁର ବାଳିକା ବିଦ୍ୟାଳୟରେ ପାଠ ପଢିଲାବେଳେ ମୁଁ ମୋ ସାଙ୍ଗମାନଙ୍କର ସିଲେଇ କାମ ଦେଖି ଆଶ୍ଚର୍ଯ୍ୟ ହୋଇଯାଉଥିଲି। ମୋ ସାଙ୍ଗ ଜ୍ୟୋସ୍ନା, ଧଳା ରୁମାଲଟିରେ ଶାଗୁଆ ରଙ୍ଗର ପତ୍ର ଓ ନାଲି ରଙ୍ଗର କୁନି ଗୋଲାପ କଢଟିଏ ସିଲେଇ କରି ମତେ ଉପହାର ଦେଇଥିଲା । ମୁଁ ଏତେ ଖୁସି ହୋଇଯାଇଥିଲି ଯେ, ମୋର ଇଚ୍ଛା ହେଲା ମୁଁ ସିଲେଇ ଶିଖି ସେମିତି ଗୋଟିଏ ଗୋଟିଏ ସୁନ୍ଦର ରୁମାଲ ମୋ ନନା ବୋଉଙ୍କୁ ଉପହାର ଦିଅନ୍ତି । ବାସ୍ ଆରମ୍ଭ ହୋଇ ଗଲା ମୋର କୃଚ୍ଛ୍ର ସାଧନା । ପୂରା ଗୋଟିଏ ଦିନ ବା' ୨୪ ଘଣ୍ଟା ମତେ ଲାଗିଗଲା ଗୋଟିଏ ରୁମାଲ ତିଆରି କରି ସେଥିରେ ଗୋଲାପ କଢଟିଏ ଫୁଟାଇବାକୁ କିନ୍ତୁ ସେଇଟି ବି' ଏତେ ଚିତ୍ତାକର୍ଷକ ହୋଇପାରିନଥିଲା, ମୋ ସାଙ୍ଗ ତିଆରି କରିଥିବା ରୁମାଲ ଭଳି । ଦିନ ସାରାର ପରିଶ୍ରମ ଦୁଇ ଆଖିର କସରତ ଓ ଚବିଶ ଘଣ୍ଟାର ପାଠ ନଷ୍ଟ କରି ଯାହା ମୁଁ କରିଥିଲି ତାକୁ ବୋଉକୁ ଦେଖାଇବା ମାତ୍ରେ ବୋଉର ଖୁସିର ସୀମା ରହିନଥିଲା । କିନ୍ତୁ ପ୍ରତି ବଦଳରେ ଗୋଟିଏ କଥା ମତେ କହିଥିଲା 'ମା' ରେ ! ଏଇକ୍ଷଣି ପାଠ ତୋ ପାଇଁ ଖୁବ୍ ଜରୁରୀ । ଏତେ ସମୟ ନଷ୍ଟ କରି ଯେଉଁ ସିଲେଇ କଲୁ ବା' ରୁମାଲଟିଏ ତିଆରି କଲୁ ତା' ପ୍ରତିବଦଳରେ କେତେ ସମୟ ତୁ ନଷ୍ଟ କରିଦେଲୁ, ଯେଉଁ ସମୟରେ ତୁ ପାଠ ପଢିପାରିଥାନ୍ତୁ । ସବୁ ଛାଡି ଦେଇ ଖାଲି ପାଠ ପଢ, ପରେ ସମୟ ମିଳିଲେ ସିଲେଇ ଓ ରୋଷେଇ ସବୁ କିଛି ଶିଖିଯିବୁ କିନ୍ତୁ ଏବେ ହେଳା କଲେ ଆଉ ପାଠ ପଢିପାରିବୁ ନାହିଁ । ତା'ଛଡା ମୋର 'ହାଇ ମାଇଓପିଆ' ଆଖି ଏ ସବୁ ସହିପାରିନଥିଲା । ଦୁଇ ତିନି ଦିନ ଯାଏଁ ଆଦୌ ଦେଖି ପାରିଲିନି, କ୍ଷୀର ଓ ଅଣ୍ଡା ଖାଇ ୨ ଦିନ ଆଖିକୁ ବିଶ୍ରାମ ଦେଲା ପରେ ଯାଇଁ ଦେଖି ପାରିଲି । ସେଇ ଦିନଠାରୁ ସିଲେଇ କରିନାହିଁ ।

କିନ୍ତୁ ଉଲ୍ ବୁଣିବା ପାଇଁ ମୋର ଲୋଭ ଟିକେ ଟିକେ ଥାଏ, କାହିଁକିନା ଏଥିରେ ଏତେ ଆଇଷ୍ଟ୍ରେନ ପଡେ ନାହିଁ । ତେଣୁ ମୋ ନନା ଭାଇଭଉଣୀ ଓ ପିଲାମାନଙ୍କ ପାଇଁ ସମୟ ପାଇଲେ କିଛି କିଛି ଉଲ ମୁଁ ବୁଣିଛି । ଆଉ ବହୁତ ଖୁସି ହୋଇଛି ଯେତେବେଳେ ମୋ ନନା ଖୁସି ହୋଇ ମୋ ହାତବୁଣା ସ୍ୱେଟର ପିନ୍ଧନ୍ତି ଏବଂ ପୁଅଝିଅ ମଧ୍ୟ ସେ କୁନି କୁନି ସ୍ୱେଟର ପିନ୍ଧି ବହୁତ ସୁନ୍ଦର ଦିଶିଥାନ୍ତି । କିନ୍ତୁ ମୋ ଜୀବନରେ ସବୁଠାରୁ ଖୁସିର ମୁହୂର୍ତ୍ତ ଥିଲା ରମାରମଣଙ୍କ ପାଇଁ ଡାର୍କ ଗ୍ରେ ହାଫ୍ ସ୍ୱେଟରଟିଏ ବୁଣିବା । ସେ ସ୍ପୋର୍ଟସ୍‌ମ୍ୟାନ୍ ଓ ଫୁଟବଲ ପ୍ଲେୟାର ଥିଲେ । ସନ୍ତୋଷଟ୍ରଫି ପାଇଁ ଜଳନ୍ଧର ଖେଳିବାକୁ ଗଲାବେଳେ ମୁଁ ବୁଣିଥିବା ହାଫ୍ ସ୍ୱେଟରଟିକୁ ସେ' ପିନ୍ଧିଥିଲେ । ସେଇ ସ୍ୱେଟରଟିକୁ ପିନ୍ଧିଲାବେଳେ ଏତେ ଖୁସି ଓ ଉତ୍‌ଫୁଲ୍ଲିତ ଦିଶୁଥିଲେ କହି ହବନି । ତାଙ୍କୁ ସେ ସ୍ୱେଟରଟି ମଧ୍ୟ ଖୁବ୍ ମାନୁଥିଲା ।


ତେବେ ଜୀବନର ଏତେ ସବୁ ସୂକ୍ଷ୍ମ କାମର ବିଶ୍ଳେଷଣ ପରେ ମୋର ମନେ ହୋଇଛି ସିଲେଇ ସମସ୍ତଙ୍କ ଜୀବନରେ ଅପରିହାର୍ଯ୍ୟ ନୁହେଁ କିନ୍ତୁ ସିଲେଇ କଲାବେଳେ ଯଥା ରୁମାଲଟିରେ ଫୁଲ ପକାଇବା ବେଳେ, ଗୋଲାପ ଗଛର ସବୁଜ ପତ୍ର ଓ ଲାଲ୍ ଫୁଲ ସବୁ ବିନ୍ଦୁ ବିନ୍ଦୁ ସ୍ନେହରେ ଭିଜି ଭିଜି ଯେମିତି ଆହୁରି ସତେଜ ଆହୁରି ସୁନ୍ଦର ଦିଶନ୍ତି । ସେମିତି ଉଲ୍‌କଣ୍ଟାରେ ସ୍ୱେଟର ବୁଣିବାବେଳେ ଉଲର ପ୍ରତ୍ୟେକ ରେଶମ ସୂତାରେ ସ୍ନେହ ଓ ଭଲପାଇବା ମିଶି ସ୍ୱେଟର ବି ଆହୁରି ନରମ, ଆହୁରି ମୁଲାୟମ ଆହୁରି କୋମଳ ପ୍ରତୀୟମାନ ହୁଏ ଏବଂ ତାକୁ ପିନ୍ଧିଲା ପରେ ଲାଗେ ସ୍ୱେଟର ବୁଣିଥିବା ସ୍ନିଗ୍ଧ ହାତଟି, ଯେମିତି ପରମ ସ୍ନେହରେ ସାରା ସ୍ୱେଟର ଓ ଦେହ ମନକୁ ଛୁଇଁ ଛୁଇଁ ଦେଇଯାଉଛି । ସେଇ ସ୍ନେହ ବୋଳା ଉଲର ଦାମ୍ ଯେମିତି ଖାଲି ଉଲଠାରୁ କାହିଁ କେତେ ଗୁଣ ଦାମିକା । (କ୍ରମଶଃ)

# ଧାରାବାହିକ ଅନୁବାଦ ଉପନ୍ୟାସ-(୯)

## ମାଆ



ମୂଳ ମରାଠୀ :
ଉତ୍ତମ କାମ୍ବଲେ





ଅନୁସୃଜନ:
ନନ୍ଦିତା ମହାନ୍ତି

(ପୂର୍ବ ପ୍ରକାଶିତ ଉତ୍ତାରୁ)

"ମୋ ସ୍ୱାମୀ ଜୀବିତ ଥିଲା ବେଳେ ତୁମମାନଙ୍କର କଥା ଶୁଣିବାକୁ ପଡୁ ନଥିଲା। ସିଂହ ପରି ସ୍ୱାମୀ ମୋର ମରିଗଲା ବୋଲି ଆଜି ମୋତେ ତୁମମାନଙ୍କ କଥା ଶୁଣିବାକୁ ପଡୁଛି।" ଏଇ ଶବ୍ଦ ଉଚ୍ଚାରଣ କରି ମାଆ ନିଜ ହୃଦୟର ନିବିଡ଼ତମ ପ୍ରଦେଶରେ ସଞ୍ଚିତ ହୋଇ ରହିଥିବା ଓ କେବେ ହେଲେ ବିସ୍ମୃତ ନ ହୋଇପାରୁଥିବା ନିଜ ସ୍ୱାମୀଙ୍କୁ ମନେ ପକାଉଥିଲା।

(ଆଠ)

ମାଆର ଆଉ ଗୋଟିଏ ଭଲ ଗୁଣ ଥିଲା, କୌଣସି ନିଷ୍ପତ୍ତିରେ ପହଞ୍ଚିବା ପୂର୍ବରୁ ମାଆ ସେଇ ବିଷୟ ଉପରେ ବହୁତ ଚିନ୍ତା କରୁଥିଲା। କିନ୍ତୁ ଥରେ ନିଷ୍ପତ୍ତି ନେଇଗଲେ ସିଏ ତା ଉପରେ ଅଟଳ ରହୁଥିଲା। ତାର ନିଷ୍ପତ୍ତି ବଦଳେଇବାର କ୍ଷମତା ପିଲାମାନଙ୍କର ବା ତାର କୌଣସି ବନ୍ଧୁବାନ୍ଧବଙ୍କର ମଧ୍ୟ ନଥିଲା। ମାଆର ଏଇ ସ୍ୱଭାବ ବିଷୟରେ ବହୁତ ଆଲୋଚନା, ପର୍ଯ୍ୟାଲୋଚନା ହେଉଥିଲା। ଏମିତି ଟୀକା ଟିପ୍ପଣୀ କରୁଥିବା ଲୋକମାନଙ୍କ ମଧ୍ୟରେ ମୁଁ ବି ଥିଲି! ସତ କଥା କହିବାକୁ ଗଲେ ଏପରି ଟୀକା ଟିପ୍ପଣୀ କରୁଥିବା ଲୋକଙ୍କ ମଧ୍ୟରେ ମୁଁ ଥିଲି ସବୁଠାରୁ ଆଗରେ। ଏଇଆ କହିବା ଉଚିତ୍ ହେବ ଯେ "ମାଆ କାହାରି କଥା ଶୁଣୁ ନଥିଲା। ତାକୁ ଯାହା ଭଲ ଲାଗୁଥିଲା ସିଏ ସେଇଆ କରୁଥିଲା। 'ନିଜକୁ ସିଏ ସବୁଠାରୁ ଅଧିକ ଚାଲାକ ବୋଲି ଭାବୁଛି।' ଏହିପରି କଟୁକ୍ତି ଭରା ବାକ୍ୟ ମାଆ ସାରା ଜୀବନ ଶୁଣୁଥିଲା। କିନ୍ତୁ କେବେହେଲେ ଏହାର ପ୍ରତିବାଦ କରୁ ନଥିଲା। ତାର ବିବେକ ତାକୁ ଯାହା ଠିକ୍ ବୋଲି କହୁଥିଲା ସିଏ ସେଇଆ କରୁଥିଲା। ଏମିତି ନିଷ୍ପତ୍ତିର ଯାହା ଫଳାଫଳ ହେଉଥିଲା, ଭଲ ବା ମନ୍ଦ, ମାଆ ତାକୁ ଚୁପଚାପ୍ ସ୍ୱୀକାର କରୁଥିଲା। କିଛି ଖରାପ ହେଲେ ମାଆ ନିଜକୁ ଓ ନିଜର ଭାଗ୍ୟକୁ ନିନ୍ଦୁଥିଲା।

ମୁଁ ଯେତେ ଯେତେ ଆଗକୁ ପାଠ ପଢ଼ି ଚାଲିଲି, ସେତେ ସେତେ ଭାଗ୍ୟବାଦର ପଞ୍ଝା ଭିତରୁ ବାହାରକୁ ଆସିବାକୁ ଲାଗିଲି । ବୁଦ୍ଧିବତ୍ତା ଓ ଜ୍ଞାନର ଆକାଶରେ ବିଚରଣ କରିବାକୁ ଲାଗିଲି। ମୋର କିଛି ନିଜସ୍ୱ ବିଚାରଧାରା ତିଆରି ହେବାକୁ ଲାଗିଲା। ଅନେକ ଥର ମୋର ଓ ମାଆ ଭିତରେ ପରସ୍ପର ବିରୋଧୀ ମତକୁ ନେଇ ବିବାଦ ହେଉଥିଲା। ପରସ୍ପର ବିରୋଧୀ ବାକ୍ୟ ମାନଙ୍କର ଅଗ୍ନିବର୍ଷା ହେବାକୁ ଲାଗୁଥିଲା। ମୁଁ ଏବେ ତୋ ପାଖରେ ରହିବିନି କହି ମୁଁ ସାନ କାକାଙ୍କ ଘରକୁ ଚାଲିଯାଉଥିଲି। ମୋର ବ୍ୟବହାର ତାଙ୍କୁ ବହୁତ କଷ୍ଟ ଦେଉଥିଲା। ହେଲେ ବି ମାଆ ଏସବୁ କଥାକୁ ମନକୁ ନଉ ନଥିଲା। ମୁଁ ପ୍ରାୟ ବର୍ଷେ କାକାଙ୍କ ଘରେ ରହିଗଲି। ଏଇ ସମୟରେ ଘରେ କିଛି ପିଠାପଣା ତିଆରି କଲେ ମାଆ ମୋ ପାଇଁ ପଠାଉଥିଲା। ମୋର ଲୁଗାପଟା କିଣିବା ପାଇଁ ନିଜ ଦିଅର ପାଖକୁ ପଇସା ପଠାଉଥିଲା। "ତାକୁ କହିବ ବେଶୀ ରାଗିବନି ! ପୁଅକୁ କହିବ ଜୀବନରେ ଥରେ ମାତ୍ର ମିଳେ ମାଆ। ଆଉ ତାର ମାଆ ତ 'ଅ' ଅକ୍ଷର ବିବର୍ଜିତ। କେବେ ସ୍କୁଲ୍ ଦୁଆର ମାଡ଼ିନାହିଁ। ତାକୁ କହିବ ବହିପତ୍ର ପଢ଼ି ମାଆ ସହିତ ଆଉ ଝଗଡ଼ା କରିବନି।" ଏମିତି ଯେଉଁ ଉପଦେଶ ସବୁ ଦାଦାଙ୍କ ମାର୍ଫତ୍‌ରେ ମୋ ପାଖରେ ପହଞ୍ଚୁ ଥିଲା, ମୁଁ ସେ ସବୁକୁ ଜମାରୁ ଧ୍ୟାନ ଦେଉ ନଥିଲି। ମୋର ମାଆ ପ୍ରତି ଥିବା ବିଦ୍ୱେଷ କେବେ ଆଉ କିପରି ସରିଗଲା ସେ କଥା ମୁଁ କହି ପାରିବିନି। ହେଲେ ସରିଗଲା, ଏ କଥା ଏକଦମ୍ ସତ।

(ନଅ)

ମୋର ଦୁଇ ଜଣ ଭଉଣୀ ଥିଲେ। ଜଣେ ତ ଭାଇକୁ ସମ୍ଭାଳିବା ନାଁରେ କେବେ ହେଲେ ସ୍କୁଲର ମୁହଁ ଦେଖି ପାରିଲାନି। ମାତ୍ର ସାନ ଭଉଣୀର ଭାଗ୍ୟରେ ସ୍କୁଲ ଯିବା ଏଇଥିପାଇଁ ହୋଇପାରିଲା କାରଣ ସିଏ ମାମୁଁଘରେ ରହୁଥିଲା। ଭଉଣୀ ମାନେ ଦଶ-ପନ୍ଦର ବର୍ଷର ହେଲା ମାତ୍ରେ ଚିନ୍ତା ବଢ଼ିବାକୁ ଲାଗୁଥିଲା। ଆମ ପାଖରେ ପଇସାପତ୍ର ନାହିଁ। ଯୌତୁକ ବିନା ବାହାଘର ହୋଇପାରିବନି। କଣ ହେବ ଏଇ ଝିଅମାନଙ୍କର ? ଅନେକ ଥର ମାଆ ମୋ ଆଗରେ ଗୁହାରି କରୁଥିଲା – "ତୁ ଖାଲି ସବୁବେଳେ ବହି ଭିତରେ ମୁହଁ ପୁରେଇ ବସି ରହନା। ଦେଖ ତୋର ଭଉଣୀମାନେ କେମିତି କୁଣ୍ଡା ଗଛ ଲେଖେ ବଢୁଛନ୍ତି। ଝିଅମାନଙ୍କର ବାହାଘର ଠିକ୍ ସମୟରେ କରି ଦେବା ଉଚିତ୍। ବୟସ ପାକଳ ହୋଇଗଲେ ଆଉ କେହି ପରିବେନି।"

ମୁଁ ମାଆକୁ କହେ "ମାଆ... ଏବେ ତ ସେମାନେ ଖୁବ୍ ଛୋଟ ଅଛନ୍ତି। ନିୟମ ଅନୁସାରେ ଅଠର ବର୍ଷ ହେଲା ପରେ ଯାଇ ସେମାନଙ୍କର ବାହାଘର କରିହେବ। ଏବେ ସେମାନଙ୍କ ବୟସ ଜମାରୁ ଦଶ /ବାର ବର୍ଷ ହେବ।" ମୋ କଥା ମାଆକୁ ଭଲ ଲାଗେନି। ରାଗରେ ଫାଟି ପଡ଼ି ସିଏ କହେ "ଚୁଲିକୁ ଯାଉ ତୋର ନିୟମକାନୁନ୍। ଏ କାନୁନ୍ କେବେ ବାହାଘର ପାଇଁ ବର ଯୋଗାଡ଼ କରି ଦିଏନାହିଁ। ଝିଅମାନଙ୍କର ହେପାଜତ୍ ବି କରି ପାରେନାହିଁ। ସେସବୁ ନିୟମ କାନୁନ୍ କେବଳ ବହିପତ୍ରରେ ଶୋଭାପାଏ। ଏଠି ବାହା ବ୍ରତରେ କାନୁନ୍‌ର କି କାମ? ମୁଁ କହେ 'ମାଆ! କିନ୍ତୁ, ବାଲ୍ୟବିବାହ କରିବାଟା ଯେ ଅପରାଧ'।

ସିଏ: ରଖ ତୋ ଅପରାଧ ଫପରାଧ କଥା ... ଆମର ଯେଉଁ ବାହାଘର ହୋଇଗଲା, କଣ ବେଡ଼ି ପଡ଼ିଗଲା ଆମ ଗୋଡ଼ରେ ! ଶିଘ୍ର ବାହାଘର ହେଇଗଲା ସେଥିପାଇଁ ତ ଆମର ଆଉ ମୃତ୍ୟୁ ହୋଇ ଗଲାନାହିଁ! ତୁ ଆଉ ମୋତେ ସେସବୁ ପାଠ ପଢ଼ାନା। ବାହାଘର ପାଇଁ ବରଘର ଖୋଜିବାରେ ଲାଗିଯାଆ।

ମୁଁ: ମୁଁ ବାହାଘର ପାଇଁ ବର ଖୋଜିବିନାହିଁ। ମୁଁ ମୋର ଭଉଣୀମାନଙ୍କର ବାଲ୍ୟବିବାହ ହେବାକୁ ଦେବିନାହିଁ।

ସିଏ: ତୁ ନଖୋଜ ବରଘର। ମୁଁ ଏବେ ମରି ଯାଇନାହିଁ । ମୁଁ ଖୋଜିବି ପ୍ରସ୍ତାବ। ବାହାଘର ବି ମୁଁ ହିଁ କରେଇବି। ତୋତେ କିଏସେ ପଚାରେରେ କୁକୁର ?

ମାଆ ମୋତେ କୁକୁର ବୋଲି କହିଲା। ମୁଁ ରାଗିବା ବି ସ୍ୱାଭାବିକ ଥିଲା। ଯେବେ ବି ମାଆ ରାଗିଯାଏ, ଏମିତି ହାଡ଼ ଜଳା କଥା ସବୁ କହେ ଆଉ ଗାଳିର ଅଗ୍ନିକଣା ସବୁ ବର୍ଷିବାକୁ ଲାଗେ। ମୁଁ ସେତେବେଳେ କୋହ୍ଲାପୁରରେ ରହି ପାଠ ପଢୁଥିଲି। ଭଉଣୀମାନଙ୍କର ବାଲ୍ୟ-ବିବାହ ହେବାକୁ ଦେବିନାହିଁ ଏହା ମୋର ଅଟଳ ନିଷ୍ପତ୍ତି ଥିଲା। ମୁଁ ସେ ନିଷ୍ପତ୍ତିରୁ ଓହରିବାକୁ ଚାହୁଁ ନଥିଲି। ଦିନେ ଡାକ ଯୋଗେ ଭଉଣୀର ବାହାଘର ନିମନ୍ତ୍ରଣ ପତ୍ର ଆସି ପହଞ୍ଚିଲା। ମାଆ ନିଜର ବଡ଼ ଝିଅ କିନ୍ତୁ ନାବାଳିକା ଝିଅର ବାହାଘର ଠିକ୍ କରି ଦେଇଥିଲା। ଜୋଇଁର ଜମିବାଡ଼ି ବିଶେଷ ନ ଥିଲା। ବାହାଘର ମାନଙ୍କରେ ସିଏ ବ୍ୟାଣ୍ଡ୍ ବଜଉ ଥିଲା। କେଉଁ ଏକ ଚିନି ଫ୍ୟାକ୍ଟ୍ରିରେ ସିଏ ଅସ୍ଥାୟୀ କର୍ମଚାରୀ ଥିଲା। ବୋଧହୁଏ ପାଞ୍ଚଶହ ଟଙ୍କା ଯୌତୁକରେ କଥା ଛିଡ଼ି ଥିଲା। ମାଆ ବାହାଘର ପାଇଁ ମୋତେ ପଇସା ମାଗିଥିଲା। କିନ୍ତୁ ମୁଁ ସେତେବେଳେ ଚାକିରି କରୁ ନଥିଲି। ସ୍କଲାରସିପ୍ ପାଇଥିବା ପଇସାରୁ କିଛି ବଞ୍ଚେଇକି ରଖିଥିଲି। ତାକୁ ଦେଲି ମାଆକୁ । ମାଆ ବି କିଛି ଟଙ୍କା ଜମା କରିଥିଲା। ବାପାଙ୍କର ପେନ୍‌ସନ୍ ଟଙ୍କାକୁ ବି ସିଏ ସମ୍ଭାଳିକି ରଖିଥିଲା। ସବୁ ମାସରେ ପେନ୍‌ସନ୍ ଟଙ୍କା ମାଆ ବ୍ୟାଙ୍କରେ ରଖି ଦଉଥିଲା। ସେଥିରେ ହାତ ଲଗଉ ନଥିଲା ସିଏ।

ଖୁବ୍ ଜରୁରୀ ହେଲେ ଯାଇ ସିଏ ସେଥିରୁ ଟଙ୍କା କାଢ଼ିବାକୁ କହୁଥିଲା। ପ୍ରତିଦିନ ମୂଲ ମଜୁରୀ କରି ପେଟ ଭରିବାର ଅଛି। ପ୍ରତିଦିନର ଖର୍ଚ୍ଚ ପେନସନ୍ ଟଙ୍କାରେ ହୋଇପାରିବନି। ଆଉ ପେନ୍‌ସନ୍ ବି କେତେ? ମାସରେ ୧୦୮ ଟଙ୍କା ମାତ୍ର। ଭଉଣୀର ବାହାଘର ହୋଇଗଲା। ବାହାଘର ପରେ ଭଉଣୀର ବିଦା ହେବା ସମୟ ଆସିଲା। ମୋ ହୃଦୟରେ କୋହ ଉଠୁଥିଲା। ତାକୁ ଛାଡିବା ପାଇଁ ବସ୍‌ଷ୍ଟାଣ୍ଡ ଯାଏଁ ଗଲି। ସିଏ ବାରମ୍ବାର ମୁହଁ ବୁଲେଇ ଚାହୁଁଥିଲା। ଛୋଟିଆ ଝିଅଟିଏ। ସିଏ ମୋତେ ଜାବୁଡ଼ି ଧରି କାନ୍ଦିବାକୁ ଲାଗିଲା। "ଭାଇ, ମୁଁ ଯାଉଛି! ମାଆ ସାଙ୍ଗେ ଏବେ ଜମା ଝଗଡ଼ା କରିବନି। ମାଆକୁ ବହୁତ ପରିଶ୍ରମ କରିବାକୁ ପଡୁଛି। ଯେବେ ଶିଘ୍ର ହୋଇପାରୁଛି ଚାକିରି କରିବାକୁ ଚେଷ୍ଟା କର। ଏବେ ମୋ ମାଆକୁ ସମ୍ଭାଳି ନିଅ ତମେ। ହାଡ଼ ଭଙ୍ଗା ପରିଶ୍ରମ କରି କରି ତା ମୁଣ୍ଡରୁ ସବୁ ଚୁଟି ଝଡ଼ି ଗଲାଣି।" ଆଖି ଛଳ ଛଳ ହୋଇ ଯାଇଥିଲା ତାର। ଭଉଣୀର ଉପଦେଶ ଶୁଣି, ସେହି ସମୟରେ ମାଆ ବି ତାକୁ ବୁଝେଇବା ଆରମ୍ଭ କରି ଦେଇଥିଲା। "ନିଜର ସଂସାରକୁ ଠିକ୍ ଭାବରେ ସମ୍ଭାଳିବୁ। ଅଭାବ ଅନାଟନକୁ ଦେଖି ହତାଶ ହୋଇ ପଡ଼ିବୁନାହିଁ। ଭାଇର ମୁଣ୍ଡ ତଳକୁ ନଇଁ ଯିବା ପରି କୌଣସି କାମ କରିବୁନାହିଁ।"ହୃଦୟ କୋହକୁ ଛାତି ଭିତରେ ଚାପି ରଖିଭଉଣୀ ସବୁ କିଛି ଶୁଣୁଥିଲା । କାନ୍ଦୁ କାନ୍ଦୁ 'ହଁ ମାଆ, ଠିକ୍ ଅଛି ମାଆ' କହି ସେଇ ଛୋଟିଆ ଜୀବନଟି ଆମକୁ ଧୈର୍ଯ୍ୟ ଦେଉଥିଲା।

ଭଉଣୀ ଶ୍ୱଶୁର ଘରକୁ ଚାଲିଗଲା। ପରେ ପରେ ତାର ସଂସାର ଉପରକୁ ସଙ୍କଟର କଳା ବାଦଲ ମାଡ଼ି ଆସିଥିଲା। ଏଇ ସମସ୍ୟା ଘେରା କଷ୍ଟକର ମୁହୂର୍ତ୍ତରେ ଭଉଣୀକୁ ମାନସିକ ଶକ୍ତି ଦେବା ପାଇଁ ମାଆ ଢାଲ ପରି ଛିଡା ହୋଇଥିଲା ତା ପାଖରେ। ଅନେକ ଥର ମାଆ ଲଙ୍କା, ଲୁଣ, ଅଟା ବି ନିଜ ଝିଅ ପାଇଁ ପଠାଉଥିଲା। ଝିଅର ଜୀବନ ଆକାଶରେ ଉଠିଥିବା ଏଇ ସମସ୍ୟାର କଳାବାଦଲ କେବେ ତ ଦିନେ ଅପସରିବ, ଏଇ ବିଶ୍ୱାସ ମାଆର ଥିଲା। ଏହି ଆସ୍ଥାକୁ ବୁଝେଇବା ପାଇଁ ମାଆ ଗୋବର ପୋକର ଉଦାହରଣ ଦେଉଥିଲା। ଗୋବର ପୋକ ସାରା ଜୀବନ ଗୋବର ଭିତରେ ରହେନାହିଁ। ଦିନେ ନା ଦିନେ ସିଏ ବାହାରକୁ ଆସେ। (କ୍ରମଶଃ)

♥ ରାଜଭବନ ଡାକଘର,
ଭୁବନେଶ୍ୱର-୮
(ମୋ) ୮୨୪୯୪୩୭୨୭୬

# ଆଜାଦିକା ଅମୃତ ମହୋତ୍ସବ : ୮ବର୍ଷର ସେବା, ସୁଶାସନ ଓ ଗରିବ କଲ୍ୟାଣ ଯୋଜନାର ସମୀକ୍ଷା ଆବଶ୍ୟକ : ସାଂସଦ

ଜଳେଶ୍ୱର ୪/୨(ନି.ପ୍ର): ଦୀର୍ଘ ୭୫ବର୍ଷର ସ୍ୱାଧିନତା ପରେ ଏବେ ଆରମ୍ଭ ହୋଇଛି ଆଜାଦିକା ଅମୃତ ମହୋତ୍ସବ । ଗତ ୮ବର୍ଷରେ କେନ୍ଦ୍ର ସରକାରଙ୍କ ସେବା, ସୁଶାସନ ଓ ଗରିବ କଲ୍ୟାଣ ଯୋଜନାରେ ୧୨୨ ପ୍ରକାରର ଜନସହାୟତା ଯୋଗାଯାଉଥିବାରୁ ଏ ସଂପର୍କରେ ଜନସାଧାରଣ ସମୀକ୍ଷା କରିବା ଉଚିତ୍ ବୋଲି ସାଂସଦ ଲକ୍ଷ୍ମଣନାଥ ପଡିଆରେ ଅନୁଷ୍ଠିତ ଜନସଭାରେ ପ୍ରକାଶ କରିଛନ୍ତି । ସେଣ୍ଟ୍ରାଲ ବ୍ୟୁର ଅଫ କମ୍ୟୁନିକେସନର କ୍ଷେତ୍ରୀୟ କର୍ମକର୍ତ୍ତାର ନିର୍ମାଲ୍ୟ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାକୁ ଉଦ୍‌ଘାଟନ କରି ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଗତ ୮ବର୍ଷ ଧରି ମୋଦି ସରକାର ଜନସାଧାରଣଙ୍କୁ ଯୋଗାଇ ଆସୁଥିବା ଧନ-ଜନ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଆୟୁଷ୍ମାନ ଭାରତ, ବେଟି ପଢ଼ାଓ, ବେଟି ବଂଚାଅ ଯୋଜନ ଭଳି ୧୨୨ଟି ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ ଜନସାଧାରଣ ଏଥିରେ ଉପକୃତ ହେଉଛନ୍ତି ବୋଲି ସେ କହିଥିଲେ । ଦେଶ ସୁରକ୍ଷାରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ ଦେଶର ସୁରକ୍ଷା ଓ ବୈଦେଶିକ ନିତୀ ସମଗ୍ର ବିଶ୍ୱରେ ଆଲୋଚ୍ୟର ବିଷୟ ହୋଇଛି ବୋଲି କହିଥିଲେ । ଦେଶରେ ଆର୍ଥିକ ବିକାଶ ଘଟିବା ସହିତ ପ୍ରଯୁକ୍ତି ବିଦ୍ୟା, ଗମନାଗମନ, ନାରୀ ସଶକ୍ତିକରଣ ଓ ସମସ୍ତଙ୍କ ଲାଗି ଆବାସ ଯୋଜନାରେ ଘର ସହିତ ପେନ୍‌ସନ ଯୋଜନାରେ କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ର ବ୍ୟବସ୍ଥା ସଂପର୍କରେ ସେ କହିଥିଲେ । ଅଧ୍ୟାପିକା ଇନ୍ଦୁମତୀ ଗିରି, ସରପଂଚ ରଂଜନ ମହାନ୍ତି, ସମିତି ସଦସ୍ୟ ଜିତେନ୍ଦ୍ର ଦାସ ଓ ମୁକୁନ୍ଦ ଜେନା ଏଥିରେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ । କ୍ଷେତ୍ର ପ୍ରଚାର ସହାୟକ ଖଗେସ ବାସପେଇ ଧନ୍ୟବାଦ ଅର୍ପଣ କରିଥିଲେ । ଶ୍ରଦ୍ଧା କ୍ରିଏଟିଭ୍ ଆର୍ଟ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଜେପିର ଶାନ୍ତନୁ ପଟ୍ଟନାୟକ, ଅଭିବକ୍ତା ପରିଦେର ଅଧ୍ୟକ୍ଷ ଆଇନ୍‌ଜିବୀ ରାମଚନ୍ଦ୍ର ଜେନା, ଫାଲଗୁନୀ ପାଣିଗ୍ରାହୀ, ପ୍ରବୀର ପ୍ରଧାନ, ସାବିତ୍ରୀ ଜେନା, ଅନନ୍ତ ଦାସ, ସମୀର ପାତ୍ର, ଦେବଯାନୀ ଅଣ୍ଡିଆ, ଚନ୍ଦନ ଦାସ, ସିଦ୍ଧାର୍ଥ ଶଂକର ପାଳ, ବିଶ୍ୱରୂପ ଦାସ, ସଂଗ୍ରାମ ଜେନା, ମମତାରାଣୀ ପ୍ରଧାନ, ଜଗନ୍ନାଥ ଗୋଚ୍ଛାୟତ, ରବିନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ସ୍ଥାନୀୟ ସ୍ୱୟଂସହାୟିକା ଗୋଷ୍ଠିର ମହିଳାମାନେ ଉତ୍ପାଦିତ ସାମଗ୍ରୀ ବିପଣୀ ପ୍ରଦର୍ଶନ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ମନ୍ତ୍ରୀ ନବ ଦାସଙ୍କ ହତ୍ୟା ମାମଲାରେ...

ସେ କୋଇଲା ବ୍ୟବସାୟ ସହ ସମ୍ପୃକ୍ତ । ତେବେ ଗୋପାଳଙ୍କୁ ସେ କାହିଁକି ଓ କେଉଁ ସ୍ୱାର୍ଥରେ ଗାଡି ଦେଇଥିଲେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଥିସହ ଗୋପାଳଙ୍କ ସହ କୋଇଲା ବ୍ୟବସାୟୀଙ୍କର କି ସମ୍ପର୍କ ଥିଲା ? ତାହା ତଦନ୍ତ ସାପେକ୍ଷ । ଗୋପାଳଙ୍କୁ କାହିଁକି ଗାଡି ଦେଇଥିଲେ ସେ ନେଇ ଚାରିଆଡେ ଆଲୋଚନା ହେବା ପରେ କନକ ନ୍ୟୁଜକୁ ପ୍ରତିକ୍ରିୟା ଦେଇଛନ୍ତି ବ୍ୟବସାୟୀ ଅରୁଣ । କହିଛନ୍ତି, ସେ ଗୋପାଳଙ୍କୁ ଗାଡି ବିକ୍ରି କରି ଦେଇଥିଲେ । କିନ୍ତୁ ଗୋପାଳ ସମ୍ପୂର୍ଣ୍ଣ ଟଙ୍କା ଦେଇନଥିବାରୁ ଗାଡିର ମାଲିକାନା ପରିବର୍ତ୍ତନ ହୋଇନଥିଲା । ତେବେ ଗାଡିଟି ସାମନାକୁ ଆସିବା ପରେ କୋଇଲା ବ୍ୟବସାୟୀଙ୍କ ସହ ଗୋପାଳଙ୍କ ସହ ସମ୍ପର୍କ ଥିଲା ବୋଲି ସ୍ପଷ୍ଟ ହୋଇଛି । ଆଉ ନବ ଦାସ ମଧ୍ୟ କୋଇଲା ବ୍ୟବସାୟ ସହ ଜଡିତ ଥିବାରୁ, ସନ୍ଦେହ ସୃଷ୍ଟି ହୋଇଛି । କିନ୍ତୁ ସମ୍ପୃକ୍ତ ବ୍ୟବସାୟୀଙ୍କର ନବ ଦାସଙ୍କ ହତ୍ୟାକାଣ୍ଡ ସହ କିଛି ସମ୍ପର୍କ ଅଛି କି ନାହିଁ, ସେ ନେଇ ତନାଘନା ଆରମ୍ଭ କରିଛି କ୍ରାଇମବ୍ରାଞ୍ଚ । ଏଥିସହ ମନ୍ତ୍ରୀଙ୍କ ହତ୍ୟା ପଛରେ କୋଇଲା ମାଫିଆଙ୍କ ହାତ ରହିଛି କି ନାହିଁ ସେ ଦିଗରେ ମଧ୍ୟ ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି ।

# ୟୁନାଇଟେଡ୍ ପବ୍ଲିକ୍ ସ୍କୁଲ୍‌ର ୧୭ତମ ବାର୍ଷିକ ଉତ୍ସବ

ବାଲେଶ୍ୱର, ୦୪-୦୨(ନି.ପ୍ର): ଭଲ ନାଗରିକ ସୃଷ୍ଟିପାଇଁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକମାନେ ଉଦ୍ୟମ କରନ୍ତୁ ବୋଲି ୟୁନାଇଟେଡ୍ ପବ୍ଲିକ୍ ସ୍କୁଲ୍‌ର ୧୭ତମ ବାର୍ଷିକ ଉତ୍ସବରେ ଅତିଥି ଓ ବକ୍ତାମାନେ ମତ ପ୍ରକାଶ କରିଛନ୍ତି । ଶନିବାର ଦିନ ପୂର୍ବାହ୍ନରେ କାଳିଦାସପୁରସ୍ଥିତ ସ୍କୁଲ୍ ପରିସରରେ ପରିଚାଳନା କମିଟିର ଅଧକ୍ଷ ଶଦ୍ରକ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟବକ୍ତା ଭାବେ ସେଇଠୁ ଆରମ୍ଭ ସମ୍ବାଦପତ୍ରର ସଂପାଦକ ଶୁଭେନ୍ଦୁ ଦାସ ଓ ସମ୍ମାନିତ ଅତିଥି ଭାବେ ସମାଜସେବୀ ଗୌରାଙ୍ଗ ପାଣିଗ୍ରାହୀ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ଶିକ୍ଷାଦାନ ସହ ଉତ୍ତମ ନାଗରିକ କରି ଗଢ଼ିତୋଳିବାରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକମାନେ ଗୁରୁତ୍ୱାରୋପ କରିବାକୁ ସେମାନେ ମତ ଦେଇଥିଲେ । ସ୍କୁଲ୍‌ର ପ୍ରିନ୍‌ସିପାଲ ସୁରଭିଲତା କର୍ଟିସ୍ ବାର୍ଷିକ ବିବରଣୀ ପାଠ କରିଥିଲେ । ପ୍ରାରମ୍ଭରେ ଅତିଥିମାନେ ୧୭ଟି ପ୍ରଦୀପ ପ୍ରଜ୍ଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସ୍କୁଲ୍‌ର ଶିକ୍ଷୟିତ୍ରୀମାନେ ଓ ଛାତ୍ରଛାତ୍ରୀ ସ୍ୱାଗତ ସଂଗୀତ ଗାନ କରିଥିଲେ । ଶିକ୍ଷକ ପଙ୍କଜ କୁମାର ଦାସ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ ଓ ଶେଷରେ ଧନ୍ୟବାଦ ଦେଇଥିଲେ । ବିଭିନ୍ନ




ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ । ଅପରାହ୍ନରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଚିତ୍ତାକର୍ଷକ ହୋଇଥିଲା । ସମସ୍ତ କାର୍ଯ୍ୟକ୍ରମରେ ବହୁ ଅଭିଭାବକ ଓ ସ୍ଥାନୀୟ ଜନସାଧାରଣ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ରତନ କୁମାର ଘୋଷ, ସୁସ୍ମିତା କର, ନମିତା ସେଠୀ, ସ୍ୱର୍ଣ୍ଣପ୍ରଭା ପଣ୍ଡା, ଶ୍ରୀମତୀ ଦଳାଇ ଓ ଶ୍ରୀୟଙ୍କା ବିନ୍ଧାଣୀ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

# ତଦନ୍ତକୁ ଗୋଲ ଗୋଲ ଘୂରାଉଛି କି ଗୋପାଳ ! ଯାହା କହୁଛି, ତା'ର ପ୍ରମାଣ ପାଉନି କି କ୍ରାଇମବ୍ରାଞ୍ଚ ?

ଭୁବନେଶ୍ୱର,୦୪/୦୨ (ନି.ପ୍ର): ପାଇଖାନା ଟାଙ୍କିରୁ ଟୁକୁଡ଼ା କାଗଜ, ଘଟଣା ସ୍ଥଳରୁ ଫାଟୋ କ୍ୟାମେରାର ଚିତ୍ର, ପିସ୍ତଲ, ଗୁଳି, ପ୍ରତ୍ୟକ୍ଷଦର୍ଶୀଙ୍କୁ ପଚରାଉଚରା, ଗୋପାଳର ଚିକିତ୍ସା ରିପୋର୍ଟ ସଂଗ୍ରହ କରି ତର୍ଜମା କରାଯାଉଛି । ଅଭିଯୁକ୍ତର ବ୍ରହ୍ମପୁର ସ୍ଥିତ ଘରେ ଛାନଭିନ୍ କରିବା ପରେ ଏବେ ଆର୍ଥିକ କାରବାର ସମ୍ପର୍କରେ କ୍ରାଇମବ୍ରାଞ୍ଚ ତଥ୍ୟ ସଂଗ୍ରହ କରୁଥିବା ଜଣାପଡିଛି । ଗୋପାଳର ଆକାଉଣ୍ଟ ଥିବା ବ୍ୟାଙ୍କରେ ପହଞ୍ଚି ସବୁ ଟ୍ରାଞ୍ଜାକସନ ବାବଦରେ ଜାଣିବାକୁ ଉଦ୍ୟମ କରିଛି ତଦନ୍ତକାରୀ ଟିମ୍ । ଗୋପାଳଙ୍କ ପତ୍ନୀ ଓ ପରିବାରର ଅନ୍ୟ ସଦସ୍ୟଙ୍କୁ ପଚରାଉଚରା କରିବା ସହ ପଡୋଶୀଙ୍କୁ ମଧ୍ୟ ପଚରାଉଚୁରା କରାଯାଇଛି । ଅଭିଯୁକ୍ତ ଗୋପାଳ ଯାହା ସବୁ କହୁଛି, ସତ ମିଛ ପରୀକ୍ଷା କରୁଛନ୍ତି ତଦନ୍ତକାରୀ ଟିମ୍ । ଯେଉଁ କାରଣ ସନ୍ଦେହ ଭିତରେ ଅଛି, ସବୁ ଦିଗ ପ୍ରତି ସତର୍କଦୃଷ୍ଟି ରଖିଛି କ୍ରାଇମବ୍ରାଞ୍ଚ । ସମସ୍ତ ଦିଗ ପ୍ରତି ଧ୍ୟାନ ଦେଇ ଆଗକୁ ବଢୁଛି ତଦନ୍ତ । ନିଜେ କ୍ରାଇମବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରା ତଦନ୍ତ ପ୍ରକ୍ରିୟାର ନେତୃତ୍ୱ ନେଉଛନ୍ତି । ଏପଟେ ତଦନ୍ତର ତଦାରଖ କରୁଥିବା ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ଜେପି ଦାସ କ୍ରାଇମ ସ୍ପଟକୁ ଯିବେ ବୋଲି କହିଛନ୍ତି । ତଦନ୍ତ କେତେ ବାଟ ଆଗେଇଛି ସେ ନେଇ କ୍ରାଇମବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରା ଜଷ୍ଟିସ ଦାସଙ୍କ ବାସଭବନକୁ ଯାଇ ତାଙ୍କୁ ଅବଗତ କରିଛନ୍ତି । କେଉଁ କେଉଁ ଦିଗ ପ୍ରତି ଦୃଷ୍ଟି ଦେଇ ତଦନ୍ତ କରିବା ଆବଶ୍ୟକ, ଏ ନେଇ ବୋଥ୍ରାଙ୍କୁ ପରାମର୍ଶ ଦେଇଛନ୍ତି ଜଷ୍ଟିସ୍ ଦାସ । ନବ ଦାସ ହତ୍ୟାକାଣ୍ଡ ତଦନ୍ତ ନେଇ ପୁଲିସ ମହଲରେ ବଡ଼ ଧରଣର ତତ୍ପରତା ଦେଖିବାକୁ ମିଳିଛି । ମାମଲାରେ କ୍ରାଇମବ୍ରାଞ୍ଚ ପାଖରେ କିଛି ଠୋସ୍ ପ୍ରମାଣ ମିଳିଥିବା କୁହାଯାଉଛି । ଆଉ ଏହାରି ଭିତରେ ପୋଲିସ ଡିଜିଙ୍କୁ ଗୋଟିଏ ପରେ ଗୋଟିଏ ବରିଷ୍ଠ ଅଧିକାରୀ ଭେଟି ବୈଠକ କରିଛନ୍ତି । ପ୍ରଥମେ ପୋଲିସ ଡିଜି ସୁନୀଲ ବଂଶଲଙ୍କୁ ଭେଟିଛନ୍ତି ଆଇନଶୃଙ୍ଖଳା ଏଡିଜି ଆରକେ ଶର୍ମା । ଝାରସୁଗୁଡାରୁ ଫେରିବା ପରେ ପୋଲିସ ଡିଜିଙ୍କ ସହ ଏହା ତାଙ୍କର ପ୍ରଥମ ସାକ୍ଷାତ । ସେହିପରି ଡିଜିପିଙ୍କୁ ଭେଟିଛନ୍ତି ଗୁଇନ୍ଦା ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା ଓ ଗୁଇନ୍ଦା ଡିଆଇଜି ଅନୁପ ସାହୁ । ପୋଲିସ ଡିଜିଙ୍କ କ୍ୟାମ୍ପ ଅଫିସରେ ବଡ଼ ଧରଣର ବୈଠକ ବସିଛି ।

## ଆଇମା' କାହାଣୀ ଆଉ ଶୁଣାଅନି : ଜୟନାରାୟଣ

ଭୁବନେଶ୍ୱର, ୦୪ ଫେବୃଆରୀ - ବିରୋଧୀ ଦଳର ନେତା ଜୟନାରାୟଣ ମିଶ୍ର ନବ ଦାସ ହତ୍ୟା ମାମଲାର ତଦନ୍ତକୁ ନେଇ ପୁଣି ଥରେ ବର୍ଷିଛନ୍ତି । ସେ କହିଛନ୍ତି ଯେ ଏହି ମାମଲାରେ ତଦନ୍ତ ନାମରେ ଓଡ଼ିଶା ପୋଲିସ ଆଇ ମା' କାହାଣୀ ଶୁଣାଉଛି । ସେ କହିଛନ୍ତି ଯେ ଦୈନିକ ନୂଆ ନୂଆ କାହାଣୀ ଶୁଣାଇବା ବନ୍ଦ ହେଉ । ସେ କହିଛନ୍ତି ଯେ ଓଡ଼ିଶା ପୋଲିସ ନାଁରେ ଅଭିଯୋଗ ଅଛି । ଆଉ ବିଳମ୍ବ ନକରି ସିବିଆଇକୁ ତଦନ୍ତ ଦାୟିତ୍ୱ ସରକାର ଦିଅନ୍ତୁ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ଓଡ଼ିଶାରେ ଆଇନଶୃଙ୍ଖଳା ଆଉ ନାହିଁ, ପୂରା ଧ୍ୱଂସ ପାଇଗଲାଣି । ପୋଲିସକୁ ଏଠାରେ ଦଳୀୟ କାମରେ ବ୍ୟବହାର କରାଯାଉଛି । ଏ ପ୍ରସଙ୍ଗ ବିଧାନସଭାରେ ଉଠାଇବେ ବୋଲି ସେ କହିଛନ୍ତି ।

# ଚାନ୍ଦୁଆରେ ଜାତୀୟ ବ୍ୟାଙ୍କର ଶାଖା ଖୋଲିବାପାଇଁ ମାସା ଆର୍ମିର ଦାବି

ବାରିପଦା :.୦୪/୦୨(ନି.ପ୍ର)- ମୟୂରଭଂଜ ଆଦିବାସୀ ଷ୍ଟୁଡେଂଟ ଆସୋସିଏସନ, ମାସା ଆର୍ମି ପକ୍ଷରୁ ଚାନ୍ଦୁଆ ଅଂଚଳରେ ଜାତୀୟ ବ୍ୟାଙ୍କର ଶାଖା ଖୋଲିବା ଦାବୀରେ ମାସା ଆର୍ମିର ରାଜ୍ୟ ସାଧାରଣ ସମ୍ପାଦକ ଅର୍ଜୁନ ମୁର୍ମୁଙ୍କ ନେତୃତରେ ମୟୂରଭଂଜ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ରୁଦ୍ର ନାରାୟଣ ମହାନ୍ତି ଏବଂ ମୟୂରଭଂଜ ଏଲ.ଡି.ଏମ. ଙ୍କୁ ଏକ ଦାବୀପତ୍ର ପ୍ରଦାନ କରାଯାଇଛି । କୁଳିଅଣା ବ୍ଲକ ଅନ୍ତର୍ଗତ ଚାନ୍ଦୁଆଠାରେ ଏକମାତ୍ର ପଂଜାବ ନ୍ୟାସନାଲ ବ୍ୟାଙ୍କ ଅଛି । କିନ୍ତୁ ଚାନ୍ଦୁଆ ଅଂଚଳର



ଲୋକସଂଖ୍ୟା ଦୃଷ୍ଟିରୁ ଏହି ବ୍ୟାଙ୍କଟି ସେବା ଯୋଗେଇବାରେ ସମର୍ଥ ନୁହେଁ । ପ୍ରତିଦିନ ବ୍ୟାଙ୍କ ସମ୍ମୁଖରେ ପ୍ରବଳ ଭିଡ଼ ସହ ଲମ୍ବା ଲାଇନରେ ଦିନତମାମ ଛିଡା ହେବାକୁ ପଡ଼େ । ଟଙ୍କା ଉଠେଇ ନପାରି ନିରାଶ ହୋଇ ଫେରିବାକୁ ମଧ୍ୟ ପଡ଼ିଥାଏ । ଲିଙ୍କ୍ ସମସ୍ୟା ଏବଂ ଲୋକ ସଂଖ୍ୟା ଅଧିକ ଦୃଷ୍ଟିରୁ ଦୈନନ୍ଦିନ ଏଠାକାର ଅଂଚଳବାସୀଙ୍କୁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଟଙ୍କା ଉଠାଣପାଇଁ ଦୁଇ ତିନିଦିନ ଧରି ବ୍ୟାଙ୍କ ଶାଖାକୁ ଦୌଡିବାକୁ ପଡ଼େ । ସରକାରଙ୍କ ନୂତନ ନିୟମାନୁସାରେ ବାର୍ଦ୍ଧକ୍ୟ ଭତା ଏବଂ ବିଧବା ଭତ୍ତା ମଧ୍ୟ ବ୍ୟାଙ୍କ ଏକାଉଂଟକୁ ଆସୁଛି । କିନ୍ତୁ ୫୦୦ ଟଙ୍କା ଉଠାଣ ପାଇଁ ବୟସ୍କ ଲୋକମାନଙ୍କୁ ୫ ଦିନ ବ୍ୟାଙ୍କ ଶାଖାକୁ ଦୌଡିବାକୁ ପଡୁଛି । ତେଣୁ ଚାନ୍ଦୁଆଠାରେ ଅତିରିକ୍ତ ଯେକୌଣସି ଜାତୀୟ ବ୍ୟାଙ୍କର ଶାଖା ଖୋଲିବା ପାଇଁ ମାସା ଆର୍ମି ପକ୍ଷରୁ ଦୃଢ ଦାବୀ କରାଯାଇଛି । ଏହି ଦାବୀପତ୍ର ପ୍ରଦାନ ସମୟରେ ମାସା ଆର୍ମିର ରାଜ୍ୟ ସାଧାରଣ ସମ୍ପାଦକ ଅର୍ଜୁନ ମୁର୍ମୁଙ୍କ ସମେତ ଜିଲ୍ଲା ସମ୍ପାଦକ ଚୈତନ ସୋରେନ୍, ରାଜ୍ୟ କୋଷାଧକ୍ଷ ମୁକେଶ କିସ୍କୁ, ରବିନ୍ଦ୍ର ମାର୍ଣ୍ଡି, ଧାନଚାନ୍ଦ ସୋରେନ୍ ଏବଂ ତଫାନ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ ।

# କାଳିଦାସପୁର ଅମୃତବାଣୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ



ବାଲେଶ୍ୱର, ୪।୨(ନି.ପ୍ର) ସ୍ଥାନୀୟ କାଳିଦାସପୁର ଅମୃତବାଣୀ ଶିଶୁ ବିଦ୍ୟାମନ୍ଦିରର ଅଷ୍ଟମ ବାର୍ଷିକ ଉତ୍ସବ ସଭାପତି ଡ. ଶଶାଙ୍କଶେଖର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଅମୃତବାଣୀ ସେବା ପ୍ରତିଷ୍ଠାନର କାର୍ଯ୍ୟକାରୀ ଅଧ୍ୟକ୍ଷ ଡ. କୁମାରଚନ୍ଦ୍ର ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ପ୍ରତିଭାଶ୍ରୀର ମୁଖ୍ୟ କବି ପ୍ରଶାନ୍ତ ଦାସ, ମୁଖ୍ୟ ବକ୍ତା ଭାବେ 'ସମାଜ' ବାଲେଶ୍ୱର ସଂସ୍କରଣର ଡେସ୍କ ଇନଚାର୍ଜ ଶଶିରଞ୍ଜନ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଉତ୍କଳ ଶିକ୍ଷା ପରିଷଦର ସମ୍ପାଦକ ଯୋଗେନ୍ଦ୍ରକୁମାର ଦାଶ, ଉପସଭାପତି ରାଜେନ୍ଦ୍ର କୁମାର ମହାପାତ୍ର, ପୁନ୍ଦାଳ ହାଇସ୍କୁଲର ପ୍ରଧାନଶିକ୍ଷକ ନୃସିଂହଚରଣ ସ, ସୁରେଶଚନ୍ଦ୍ର ଦାସ, ୱାର୍ଡସଭ୍ୟ ଭାରତୀ ଜେନା ପ୍ରମୁଖ ଯୋଗଦାନ କରି ବିଦ୍ୟାର୍ଥୀଙ୍କୁ ଉତ୍ତମ ନାଗରିକ ଭାବରେ ଗଢ଼ି ତୋଳିବାକୁ ଅମୃତବାଣୀ ପ୍ରୟାସରତ ବୋଲି ମତ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ସନ୍ଧ୍ୟାରାଣୀ ମିଶ୍ର, ସହସମ୍ପାଦକ ଯଶୋବନ୍ତ ପାଲ ଓ ପ୍ରଧାନ ଆଚାର୍ଯ୍ୟ ରାମାନନ୍ଦ ମହାପାତ୍ର ଯଥାକ୍ରମେ ସ୍ୱାଗତ, ଧନ୍ୟବାଦ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପ୍ରାରମ୍ଭରେ ଶିଶୁ ଭାଇଭଉଣୀମାନେ ସ୍ୱାଗତ ସଙ୍ଗୀତ ଓ ଉଦଘାଟନୀ ସଙ୍ଗୀତ ଗାନ କରିଥିଲେ । ଶିଶୁ ମନ୍ଦିରର ଆଚାର୍ଯ୍ୟ/ଆଚାର୍ଯ୍ୟା ଓ ଅଭିଭାବକମାନେ ସହଯୋଗ କରିଥିଲେ । ଅତିଥିମାନେ ବିଭିନ୍ନ ପ୍ରତିଯୋଗିତାର କୃତୀ ଶିଶୁ ଭାଇଭଉଣୀଙ୍କ ପ୍ରମାଣପତ୍ର ଓ ପୁରସ୍କାର

# ମୁଖ୍ୟମନ୍ତ୍ରୀ ଓଡ଼ିଶା ସରକାରଙ୍କୁ ଗ୍ରାମ ପଞ୍ଚାୟତ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘ ପକ୍ଷରୁ ଦୃଢ ଦାବି

## ପଞ୍ଚାୟତିରାଜ ଦିବସ ପୂର୍ବରୁ ସରକାରୀ ଅନୁଦାନ ପ୍ରଦାନ୍ତ କରନ୍ତୁ

ଭୁବନେଶ୍ୱର, ୪/୨ : ଓଡ଼ିଶା ଗ୍ରାମପଞ୍ଚାୟତ ଚତୁର୍ଥ ଶ୍ରେଣୀ କର୍ମଚାରୀ ମିଳିତ ମହାସଂଘ ପକ୍ଷରୁ ରାଜ୍ୟସ୍ତରୀୟ ସାଧାରଣ ବୈଠକ ପୁରୁଣା ଭୁବନେଶ୍ୱରସ୍ଥିତ ଡ଼ାଲମିୟା ଧର୍ମଶାଳାଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବିଭିନ୍ନ ଜିଲ୍ଲା ସଂଘ ସଭାପତି ଓ ସମ୍ପାଦକଙ୍କ ସମେତ ବରିଷ୍ଠ କର୍ମକର୍ତ୍ତା ଯୋଗ ଦେଇଥିଲେ । ଉକ୍ତ ବୈଠକରେ କାର୍ଯ୍ୟକାରୀ ସଭାପତି ରବିନ୍ଦ୍ର ସେନାପତି ଓ ସାଧାରଣ ସମ୍ପାଦକ ସୁବ୍ରତ କୁମାର ରାଉଳ ସଭାକାର୍ଯ୍ୟ ପରିଚାଳନା କରିଥିଲେ । କର୍ମଚାରୀ ମାନଙ୍କ ତରଫରୁ ୮ଗୋଟି ଦାବି ଯଥା ସ୍ଥାୟୀ ନିଯୁକ୍ତି, ନିୟମିତ ଦରମା ପ୍ରଦାନ, ସମାନ କାମକୁ ସମାନ ଦରମା, ଓଡ଼ିଶା ଗ୍ରାମ ପଞ୍ଚାୟତ ନିୟମ ୧୨୫/୨୦୧୪ମସିହା ସଂଶୋଧନ କରିବା, ରାଜ୍ୟ ବଜେଟରେ ଗ୍ରାମ ପଞ୍ଚାୟତର କର୍ମଚାରୀମାନଙ୍କ ପାଇଁ ସ୍ୱତନ୍ତ୍ର ବଜେଟ ରଖିବା, ପଞ୍ଚାୟତିରାଜ ବିଧି ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରିବା ସହିତ ଇ-ଗଭର୍ଣ୍ଣାନ୍ସ ପୋର୍ଟାଲ ବିଆର ବିଭାଗରେ କର୍ମଚାରୀମାନଙ୍କ ତାଲିକାକୁ ପଞ୍ଜିକରଣ କରିବା, ଶିକ୍ଷାଗତ ଯୋଗ୍ୟତା ଭିତ୍ତିରେ ପଦୋନ୍ନତି ଦେବା, ଶ୍ରମ ଓ ନିୟୋଜନ ବିଭାଗ ଦ୍ୱାରା ଘୋଷଣା କରାଯାଇଥିବା ଦୈନିକ ସର୍ବନିମ୍ନ ମଜୁରୀ ୩୩୩ ଟଙ୍କାରୁ କମ୍ ହେଉନଥିବ, ଏକ ଷ୍ଟାଣ୍ଡିଂ ଅର୍ଡର ପ୍ରତ୍ୟେକ ପଞ୍ଚାୟତକୁ ପଠାଇବା, ଚାକିରୀ କ୍ଷେତ୍ରରେ ସୁରକ୍ଷା ପ୍ରଦାନ, ବିଗତ ଦିନମାନଙ୍କରେ ଗ୍ରାମପଞ୍ଚାୟତରେ ଥିବା ସମ୍ପାଦକମାନଙ୍କୁ ଯେଉଁଭଳି ଭାବରେ ଏକ ଉଚ୍ଚସ୍ତରୀୟ କମିଟି ପଞ୍ଚାୟତିରାଜ ବିଭାଗ ଓ ଅର୍ଥ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ନେଇ କମିଟି ଗଠନ କରି ସରକାରୀ ଅନୁଦାନ ପାଇଲେ ସେହିପରି ଚତୁର୍ଥ ଶ୍ରେଣୀ କର୍ମଚାରୀମାନଙ୍କୁ ଏକ ଉଚ୍ଚକ୍ଷମତାସମ୍ପନ୍ନ କମିଟି ସଂଘ ସହିତ ରାଜ୍ୟ ସରକାର ଗଠନ କରି କର୍ମଚାରୀ ସହାୟତା ଅନୁଦାନ ପ୍ରଦାନ କରବାକୁ ସଂଘ ତରଫରୁ ଦାବି କରାଯାଇଛି । ପ୍ରକାଶଥାଉକି ଗତ ତା ୨୮.୧୧.୨୦୨୨ରିଖ ଠାରୁ ତା ୦୯.୧୨.୨୦୨୨ରିଖ ପର୍ଯ୍ୟନ୍ତ ବିଧାନସଭା ସମ୍ମୁଖରେ ବିଶାଳ ଗଣଧାରଣା ଦିଆଯାଇଥିଲା । ମାତ୍ର ଏକ ପାଞ୍ଚଜଣିଆ କର୍ମଚାରୀ ମଣ୍ଡଳୀ ରାଜ୍ୟ ସରକାର ପଞ୍ଚାୟତିରାଜ ବିଭାଗଙ୍କ ସହିତ ଡେଲିଗେଟରେ ଯାଇ ଆଲୋଚନା କରାଯାଇଥିଲା । ସରକାରଙ୍କ ପକ୍ଷରୁ ଦାବି ପୂରଣର ଯଥାର୍ଥକୁ ସକରାତ୍ମକ ଭାବେ ଗ୍ରହଣ କରିବା ଉପରେ ଏକ ଉଚ୍ଚସ୍ତରୀୟ କମିଟିରେ ପକାଇ ଯଥାସାଧ ସରକାରୀ ଅନୁଦାନ ପ୍ରଦାନ କରିବାକୁ ସରକାର ସୁବିଚାର କରୁଛନ୍ତି ବୋଲି ପ୍ରତିଶ୍ରୁତି ମିଳିବା ପରେ ଗ୍ରାମ ପଞ୍ଚାୟତ କର୍ମଚାରୀ ସଂଘ ଧାରଣାକୁ ପ୍ରତ୍ୟାହୃତ କରିଥିଲା । ଇତି ମଧ୍ୟରେ ଦୁଇମାସ ବିତିଯାଇଥିବାରୁ ଗ୍ରାମପଞ୍ଚାୟତ ଚତୁର୍ଥଶ୍ରେଣୀ କର୍ମଚାରୀ ମହାସଂଘ ପକ୍ଷରୁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ୨୦୨୩ ମସିହାର ପ୍ରଥମ ରାଜ୍ୟସ୍ତରୀୟ ସାଧାରଣ ସଭା ବୈଠକ ଅନୁଷ୍ଠିତ କରାଗଲା । ବିଭିନ୍ନ ଜିଲ୍ଲାରୁ ଆସିଥିବା କର୍ମଚାରୀମାନଙ୍କ ଦାବିକୁ ରାଜ୍ୟ ସରକାର ଯଥାଶୀଘ୍ର ପୂରଣ କରିବା ପାଇଁ ଦାବି ଉପସ୍ଥାପନ କରାଯାଇଛି ।

# ସରସ୍ୱତୀ ଓ ନିହାରିକା ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପାଇଁ ଆଣିଲେ ସୁନାମ

ଉଦଳା ତା.୦୪/୦୨(ନି.ପ୍ର)- କୁଣ୍ଡାବାଇ ପଂଚାୟତ ଅନ୍ତର୍ଗତ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ତୃତୀୟ ଶ୍ରେଣୀର ଛାତ୍ରୀ ସରସ୍ୱତୀ ଓ ନିହାରିକା ଚଳିତ ବର୍ଷ ଉଦଳା ବ୍ଲକ ସ୍ତରୀୟ ହୋଇଥିବା ବୃତି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସହିତ ବିଦ୍ୟାଳୟ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି । ସରସ୍ୱତୀ, ସାସାଙ୍ଗବେଡ଼ା ଗ୍ରାମର ସିତା ବାସ୍କେ ଓ ରେଟାଂ ଟୁଡୁଙ୍କ ଏକମାତ୍ର କନ୍ୟା ହୋଇଥିବା ବେଳେ, ନିହାରିକା, ନୂଆଗାଁ ଗ୍ରାମର ଜଗମଣି ବେହେରା ଓ ଗଙ୍ଗାଧର ବେହେରାଙ୍କ କନିଷ୍ଠା




କନ୍ୟା ଅଟନ୍ତି । ପ୍ରକାଶ ଥାଉକି କୁଣ୍ଡାବାଇ ଗ୍ରା.ପ. ମଧ୍ୟରେ ୭ ଟି ସରକାରୀ ବିଦ୍ୟାଳୟ ଥିବା ବେଳେ, ମୋଟା ଅଙ୍କରେ ଦରମା ନେଉଥିବା ପ୍ରାୟ ୧୫ରୁ ଅଧିକ ଶିକ୍ଷକ ଶିକ୍ଷୟିତ୍ରୀ ଶିକ୍ଷାଦାନ କାର୍ଯ୍ୟରେ ନିୟୋଜିତ ଅଛନ୍ତି । ଅଥଚ ତୃତୀୟ ଶ୍ରେଣୀ ବୃତ୍ତି ପାଇବା ପାଇଁ ସରକାରୀ ବିଦ୍ୟାଳୟର କୌଣସି ଜଣେ ହେଲେ ଛାତ୍ର ଛାତ୍ରୀ ଯୋଗ୍ୟ ବିବେଚିତ ହୋଇ ପାରିଲେ ନାହିଁ ।

GOVERNMENT OF ODISHA
OFFICE OF THE EXECUTIVE ENGINEER,
P.H. DIVISION, BALASORE
Phone : 9437086137, e-mail-eephbls@gmail.com
NATIONAL COMPETITIVE BIDDING THROUGH e-Procurement (Online Mode)
Invitation for Bids (IFB) dt.01.02.2023

The Executive Engineer, P.H. Division, Balasore on behalf of Governor of Odisha, invites Item Rate bids in Double cover system in ONLINE mode only.

| Sl. No. | Name of the Work | Bid-Identification No. | Value of Work (Rs. In Lakh) | Period of Completion | Availability of bid documents for online bidding | | Last date and time of seeking clarification | Date & Time of opening of technical bid |
|---|---|---|---|---|---|---|---|---|
| | | | | | From | To | | |
| 1 | Supply of ISI Marked DI(K-7) Pipes for the work "Improvement of water supply to Sabarasahi, Gumugad, Gouri Pada, Talapada and Habibnagar areas of Dhamnagar N.A.C. | EEPHBLS-51 dt.01.02.2023 | 50.67 | 30 (thirty) Days | 11:00 Hrs. of dt.08.02.2023 | 17:00 Hrs. of dt.23.02.2023 | 17:00 Hrs. Of 17.02.2023 | 11:00 Hrs. Of 24.02.2023 |

The bidders shall have to participate in ONLINE bidding only. Further details can be seen from the website: http://tendersodisha.gov.in. Any addendum/corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof.

Name and Address of the officer inviting bid :- The Executive Engineer, P.H. Division, Balasore-756056, Odisha, Phone : 9437086137

OIPR : 13053/11/0017/2223

Executive Engineer
P.H Division, Balasore

AFFIDAVIT

An affidavit before the Notary public Balasore, I, Hasina Bibi aged about 49 years, W/o Mir Abdul lokman, at-Port Road, Po.-Sunhat, Ps.- Town, Dist.-Balasore. Declare that my maiden name was Hasina Bano, which name is recorded in my educational certificate. But after my marriage with Mir Abdul Lokman it has been changed. The name of Hasina Bano & Hasina Bibi are not two different lady but of one and same lady. Hence forth I shall be known as Hasina Bibi. I shall use and sign my name as Hasina Bibi in place of Hasina Bano.

- Hasina Bibi

ରବିବାର, ଫେବୃଆରୀ ୦୫, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଟାଉନ ହାଇସ୍କୁଲରେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



ବାଲେଶ୍ୱର,୪।୨(ନି.ପ୍ର): ଶିକ୍ଷକତା ସହ ଚାକିରିରୁ ସଦ୍ୟ ଅବସର ନେଉଥିବା ଟାଉନ ସରକାରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ସଂସ୍କୃତ ଶିକ୍ଷକ ଦାମୋଦର ପଣ୍ଡାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁମତି ରାଉତ ଅଧ୍ୟକ୍ଷତା କରିଥିଲେ। ସ୍ଥାନୀୟ କାଉନସିଲର ପଦ୍ମଲୋଚନ ଲେଙ୍କା, ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ସଭାପତି ସୁବ୍ରତ କର ଓ ସମ୍ପାଦକ ବସନ୍ତ କୁମାର ମହାନ୍ତି, ବିଦ୍ୟାଳୟ ପରିଚାଳନା ସମିତିର ସଦସ୍ୟ ପ୍ରହ୍ଲାଦ ପ୍ରସାଦ ଗୁପ୍ତା ପ୍ରମୁଖ ଏଥିରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷକତା କ୍ଷେତ୍ରରେ ଅବସର ନେଉଥିବା ଶିକ୍ଷକ ଶ୍ରୀ ପଣ୍ଡାଙ୍କ ଉଲ୍ଲେଖନୀୟ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଶ୍ରୀ ପଣ୍ଡାଙ୍କ ଭଳି ଜଣେ ଛାତ୍ରବତ୍ସଳ, ସମୟାନୁବର୍ତ୍ତୀ ତଥା ଆଦର୍ଶ ଶିକ୍ଷକଙ୍କ ଅଭାବ ଏଣିକି ଟାଉନ ହାଇସ୍କୁଲରେ ପରିଲକ୍ଷିତ ହେବ ବୋଲି ସେମାନେ କହିଥିଲେ।ଏହି ଅବସରରେ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ଅଭିଭାବକମାନେ ପୁଷ୍ପଗୁଚ୍ଛ ଓ ବିଭିନ୍ନ ପ୍ରକାର ଉପଢୌକନ ପ୍ରଦାନ ପୂର୍ବକ ଶ୍ରୀ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ଶିକ୍ଷୟିତ୍ରୀ ମଧୁସ୍ମିତା ବାରିକ ମାନପତ୍ର ପାଠ କରିଥିଲେ। ଏ ବିଦ୍ୟାଳୟର ସହକର୍ମୀ ଶିକ୍ଷକ ଓ ପରିଚାଳନା କମିଟି ସର୍ବୋପରି ଛାତ୍ରଛାତ୍ରୀଙ୍କ ଆତ୍ମୀୟତାପୂର୍ଣ୍ଣ ବ୍ୟବହାର ତାଙ୍କର ସବୁଦିନ ମନେ ରହିବ ବୋଲି ସମ୍ବର୍ଦ୍ଧିତ ଅବସରରେ ଶ୍ରୀ ପଣ୍ଡା କହିଥିଲେ। ସହକାରୀ ଶିକ୍ଷକ ଅକ୍ଷୟ ପାତ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ଭାରତୀ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଘାଯତୀନ ମଣ୍ଡଳରେ କାର୍ଯ୍ୟକାରିଣୀ ଅନୁଷ୍ଠିତ




ରେମୁଣା, ୦୪/୦୨ : ଆଜି ସକାଳ ୧୦ଘଟିକା ସମୟରେ ରେମୁଣା ନିର୍ବାଚନ ମଣ୍ଡଳୀର ବାଘାଯତୀନ ମଣ୍ଡଳ ରେ ଦ୍ୱିତୀୟ କାର୍ଯ୍ୟକାରିଣୀ ବୈଠକ ଆଜି ଅନୁଷ୍ଠିତ ହୋଇଛି । ବୈଠକ କୁ ନିର୍ବାଚନ ମଣ୍ଡଳୀ ନେତା ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ଶୁଭଙ୍କର ମହାପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ ଶ୍ରୀଯୁକ୍ତ ପର୍ଶୁରାମ ପରିଡ଼ା, ଜିଲ୍ଲା ଉପସଭାପତି କମଳା ବିନ୍ଧାଣୀ, ମିନାକ୍ଷୀ ମହାପାତ୍ର ରେମୁଣାର ଆବାହକ କାର୍ତ୍ତିକ ଚନ୍ଦ୍ର ଗିରି, ମଣ୍ଡଳ ପ୍ରଭାରୀ ଜୟନ୍ତ ମଣ୍ଡଳ, ଜିଲ୍ଲା ଯୁବ ମୋର୍ଚ୍ଚା ଉପସଭାପତି ସୁବୋଧ ଚନ୍ଦ୍ର ପଣ୍ଡା,ସମ୍ପାଦକ ନାରାୟଣ ମହନ୍ତ, ଜିଲ୍ଲା ଓବିଶି ମୋର୍ଚ୍ଚା ଉପସଭାପତି ନିତୁନ କୁମାର ସାହା, ଜିଲ୍ଲା ଆଦିବାସୀ ମୋର୍ଚ୍ଚା ସଭାପତି ବିପିନ ମାରାଣ୍ଡି, ମଣ୍ଡଳ ସାଧାରଣ ସମ୍ପାଦକ ଉମାକାନ୍ତ ଜେନା, ରମେଶ ଚନ୍ଦ୍ର ଜେନା ପ୍ରମୁଖ ଭାରତ ମାତା, ପଣ୍ଡିତ ଦିନଦୟାଲ ଉପାଧ୍ୟାୟ, ଡ଼ଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଫୋଟୋ ଚିତ୍ର ରେ ମାଲ୍ୟର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି ବୈଠକକୁ ଅନୁଷ୍ଠାନିକ ଭାବେ ଆରମ୍ଭ କରିଥିଲେ । ଉକ୍ତ ବୈଠକ ରେ ୧୨ଗୋଟି ପଞ୍ଚାୟତ ର ଶକ୍ତି କେନ୍ଦ୍ର ପ୍ରମୁଖ/ସହ ପ୍ରମୁଖ, ଶକ୍ତି କେନ୍ଦ୍ର ପ୍ରଭାରି, ମଣ୍ଡଳ କମିଟି, କାର୍ଯ୍ୟକାରଣୀ ସଦସ୍ୟ /ସଦସ୍ୟା, ବିଭିନ୍ନ ମୋର୍ଚ୍ଚା ସଭାପତି,ସମସ୍ତ ପଞ୍ଚାୟତ ର ସରପଞ୍ଚ /ସମିତି ସଭ୍ୟ ଏବଂ ମଣ୍ଡଳ ରୁ ଯାଇଥିବା ଜିଲ୍ଲା ଓ ରାଜ୍ୟ ର କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକାରିଣୀ ବୈଠକ ର ମଣ୍ଡଳ ସଭାପତି କୃଷ୍ଣ ଚନ୍ଦ୍ର ସାହା ସଭାପତିତ୍ୱ କରିଥିଲେ । ମଣ୍ଡଳ ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ଜେନା ଅତିଥି ସ୍ୱାଗତ କରିଥିଲେ । ମଣ୍ଡଳ ର ଅନ୍ୟତମ ସାଧାରଣ ସମ୍ପାଦକ ଉମାକାନ୍ତ ଜେନା ଅତିଥି ପରିଚୟ ଓ ଅତିଥି ମାନଂକୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ କରିଥିଲେ । ଶେଷରେ ମଣ୍ଡଳ ଉପସଭାପତି ନରେନ୍ଦ୍ର ନାୟକ, ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।

# ନିଗମାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଜଳେଶ୍ୱର, ୪/୨(ନି.ପ୍ର): ଜଳେଶ୍ୱର ବ୍ଲକର ସମ୍ପଡିଆ ପଂଚାୟତରେ ସେହି ଗାଁରେ ଥିବା ନିଗମାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବକୁ ଜିଲାପରିଦେ ସଦସ୍ୟା ମିନତୀରାଣୀ ଜେନା ଉଦ୍‌ଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ ଯୋଗ ଦେଇ ଛାତ୍ରଛାତ୍ରୀମାନେ ତାଙ୍କର ବାର୍ଷିକ ଜନ୍ମ ଦିନ ପାଳନ କଲାପରି ପ୍ରତ୍ୟେକ ବିଦ୍ୟାଳୟ ତାର ବାର୍ଷିକ ଉତ୍ସବ ଦ୍ୱାରା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଦେଇ ପ୍ରତ୍ସାହନ ଯୋଗାଇ ଆସୁଛି ବୋଲି କହିଥିଲେ । ମୁଖ୍ୟଅତିଥିଭାବେ ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ସମ୍ମାନୀତ ଅତିଥିଭାବେ ଏବିଇଓ ଅଜୟ କୁମାର ଜେନା, ଓଷ୍ଟାର ବ୍ଲକ ସଂପାଦକ ଡ. ଅଜିତ୍ କୁମାର ମହାନ୍ତି, ଆଇନଜିବୀ ପତିତପାବନ ପ୍ରଧାନ, ସାମ୍ବାଦିକ ଅବନୀ ଚାନ୍ଦ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପ୍ରଧାନ ଶିକ୍ଷକ ବିଦ୍ୟାପତି ଦେ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ସାବିତ୍ରୀ ପାଠୀ ପରିଚୟ ପ୍ରଦାନ ଓ ଜଗନ୍ନାଥ ଅଷ୍ଟକମ୍ ପାଠ କରିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଦ୍ୟାଳୟ ବିଧାନସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ଶିକ୍ଷକ ସଂଗ୍ରମ କେଶରୀ ଜେନା ଦନ୍ୟବାଦ ପ୍ରଦାନ କରିଥିଲେ । ପ୍ରଧାନ ଶିକ୍ଷକ ଶ୍ରୀ ଦେଙ୍କ ଦ୍ୱାରା ଲିଖିତ, ନିର୍ଦ୍ଦେଶିତ ନାଟକ ଶେଷ ସାକ୍ଷୀ ମୋର ଶ୍ରୀଜଗନ୍ନାଥ ମଂଚସ୍ଥ ହୋଇଥିଲା । ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତସଂଗୀତ ଗାନ କରାଯାଇଥିଲା ।

# ରାଜ୍ୟ-ରାଜପଥ-୧୯ର ସଂପ୍ରସାରଣ ଓ ମନ୍ଥର କାର୍ଯ୍ୟକୁ ନେଇ ଧାରଣାରେ ବସିଲେ ବିଧାୟକ




ନୀଳଗିର, ୪/୨ (ନି.ପ୍ର): ସେରଗଡ଼-ନୀଳଗିରି - ଝରଣାଘାଟି ୧୯ନଂ. ରାଜ୍ୟ ରାଜପଥର ଉନ୍ନତିକରଣ ଓ ପ୍ରଶସ୍ତିକରଣ ପାଇଁ ବାଲେଶ୍ୱର ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଙ୍କ ବଳିଷ୍ଠ ଉଦ୍ୟମ ଫଳରେ କେନ୍ଦ୍ର ସରକାର ଏକକାଳୀନ ୧୨୫କୋଟି ଟଙ୍କା ମଞ୍ଜୁର କରିଥିଲେ । ମାତ୍ର ଦୀର୍ଘ ୧ବର୍ଷ ଧରି ପୂର୍ତ୍ତ ବିଭାଗ ଦ୍ୱାରା ଟେଣ୍ଡର ପ୍ରକ୍ରିୟା କରାଯାଇ ଠିକାଦାରଙ୍କ ସହିତ ଚୁକ୍ତିନାମା ହୋଇଥିଲେ ମଧ୍ୟ କାଁଭାଁ କଲଭଟ, ୱାଲ ନିର୍ମାଣ ହୋଇଥିଲେ ମଧ୍ୟ ଆଖିଦୃଶିଆ କାର୍ଯ୍ୟ ନ ହେବା ଫଳରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବା ନଜିର ରହିଛି । ଏ ନେଇ ନୀଳଗିରି ବିଧାୟକ ବାରମ୍ବାର ବିଭାଗକୁ ଅବଗତି କରିଥିଲେ ମଧ୍ୟ ସେଭଳି ଅଗ୍ରଗତି ଘଟି ପାରି ନାହିଁ । ଫଳରେ ଶନିବାର ୪ତାରିଖ ଦିନ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ନୀଳଗିରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ମୁଖ୍ୟତଃ ୮ଗୋଟି ଦାବୀ ନେଇ ବିଧାୟକ ଧାରଣାରେ ବସିଥିବା ବେଳେ ପ୍ରମୁଖ ଦାବୀ ମଧ୍ୟରେ ଜିରୋ ପଏଂଟ ସେରଗଡ଼ ଠାରୁ ନୀଳଗିରି ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଚାରି ଥାକିଆ ରାସ୍ତାର ସଂପୂର୍ଣ୍ଣୀକରଣ, ଆବଶ୍ୟକସ୍ଥଳେ ଜମି ଅଧିଗ୍ରହଣ ପାଇଁ ରାଜସ୍ୱ ବିଭାଗ ଯତ୍ନବାନ ହେବା, ତୁରନ୍ତ ପାଣି ପାଇପ ଓ ଇଲେକ୍ଟ୍ରି ଖୁଂଟ ସ୍ଥାନାନ୍ତରଣ, ସର୍ବୋପରି ସୀମାବର୍ତ୍ତୀ ଟାଙ୍ଗଣା ପୋଲ ପ୍ରତି ପୂର୍ତ୍ତ ବିଭାଗର ଉଦାସୀନତା ପରିହର ପୂର୍ବକ ନୂତନ ପୋଲ ନିର୍ମାଣ ପାଇଁ ଅଗ୍ରାଧିକାର ଭିତିରେ କାର୍ଯ୍ୟକରିବା ଆଦି ପ୍ରମୁଖ ଦାବୀ ନେଇ ଧାରଣା ଦିଆଯାଇଥିବା ବିଧାୟକ ଇଂ. ସୁକାନ୍ତ ନାୟକ କହିଛନ୍ତି । ଧାରଣାସ୍ଥଳରେ ଉପଜିଲ୍ଲାପାଳ ମନ୍ଦରଧର ମହାଳିକ, ବାଲେଶ୍ୱର ପୂର୍ତ୍ତ ବିଭାଗର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ରଧାଙ୍ଗଧର ରାଉତ, ଅଧୀକ୍ଷଣ ଯନ୍ତ୍ରୀ ରାମଚନ୍ଦ୍ର ସେଠୀ, ଅତିରିକ୍ତ ତହସିଲଦାର ପ୍ରଦୀପ କୁମାର ଦାସ, ବାଲେଶ୍ୱର ଏସ.ସି.ଏଫ.ଓ. ଶୋଭନ ଦିଗନ୍ତ ଚାନ୍ଦ, କୁଲଡିହା ରେଞ୍ଜର ଅନନ୍ତ କୁମାର ଜେନା, ନୀଳଗିରି ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ରଜନୀକାନ୍ତ ମୁନା ଓ କନିଷ୍ଠ ଯନ୍ତ୍ରୀ ପ୍ରମୁଖ ଧାରଣାସ୍ଥଳରେ ପହଂଚି ଖୁବ୍ ଶୀଘ୍ର ଅଗ୍ରାଧିକାର ଭିତିରେ ରାସ୍ତା କାମ ହେବ ବୋଲି ପ୍ରତିଶୃତି ଦେବା ପରେ ବିଧାୟକ ଧାରଣା ପ୍ରତ୍ୟାହାରେ କରିଥିଲେ ।

# ୬ ଚୋରା ବାଲି ବୋଝେଇ ଟ୍ରାକ୍ଟର ସହ ଡମ୍ପର ଜବତ



ନୀଳଗିରି - ୪/୨ (ନି.ପ୍ର) ନୀଳଗିରି ତହସିଲ ଅଧିନ ସିଙ୍ଗିରି ବାଲି ଘାଟରୁ ଚୋରାରେ ବାଲି ଚାଲାଣ ହେଉଥିବା ଖବର ପାଇ ନୀଳଗିରି ପୋଲିସର ଏକ ଟିମ୍ ଆଇ.ଆଇ.ସି. ଗୋପାଳ ଚନ୍ଦ୍ର କର୍ଣ୍ଣଙ୍କ ନେତୃତ୍ୱରେ ଚଢ଼ାଉ କରିଥିଲେ । ସକାଳ ପ୍ରାୟ ୮.୫୦ମି. ସମୟରେ ଚଢ଼ାଉ କରି ଏକ ବାଲି ବୋଝେଇ ଟିପର ସହ ୬ଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରିବାରେ ସଫଳ ହୋଇଛି । ସୋନ ନଦୀରେ ଏହିପରି ବାରମ୍ବାର ଚୋରାରେ ବାଲି ଉଠାଣ ଓ ଚାଲାଣ ହେଉଥିବା ଫଳରେ କୋଟି କୋଟି ଟଙ୍କା ରାଜସ୍ୱ ହାନୀ ହେଉଛି । ଏ ବାବଦରେ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା । ଏହି ଚଢ଼ଉରେ ୬ଜଣ ଗାଡ଼ି ଚାଳକ ଗିରଫ ହୋଇ କୋର୍ଟ ଫରୱାର୍ଡ ହୋଇଥିବା ନୀଳଗିରି ପୋଲିସ ପକ୍ଷରୁ ସୂଚନା ମିଳିଛି । ଏ ନେଇ ୩୭୯/୩୪ ଧାରାରେ କେଶ ରୁଜୁ ହୋଇଥିବା ସୂଚନା ଅଛି । ଏହି ଚଢ଼ାଉରେ ନୀଳଗିରି ଆଇ.ଆଇ.ସି. ଗୋପାଳ ଚନ୍ଦ୍ର କର୍ଣ୍ଣ, ସବ୍‌ଇନିସପେକ୍ଟର ବିରଂଚି ସାହୁ, ଏ.ଏସ.ଆଇ. ଅନନ୍ତ ମୁର୍ମୁ, ପ୍ରମୋଦ ମଲ୍ଲିକ, ଚିତରଂଜନ ନାୟକ ପ୍ରମୁଖ ସାମିଲ ଥିଲେ । ଏହି ଚଢ଼ାଉ ପରେ ଚୋରା ବାଲି ବେପାରୀଙ୍କ ମନରେ ଛନକା ପଶିଛି ।

# ଓଡ଼ିଶାର ସମସ୍ତ ବିଦ୍ୟାଳୟକୁ 'ଶିଶୁଲେଖା' ପତ୍ରିକା ବଂଟନ କାର୍ଯ୍ୟକ୍ରମର ଶୁଭାରମ୍ଭ

ଭୁବନେଶ୍ୱର,୦୪/୦୨ (ନି.ପ୍ର): ଓଡ଼ିଆ ଭାଷା ପ୍ରତିଷ୍ଠାନ ଏବଂ ଓସେପାଙ୍କ ମିଳିତ ଆନୁକୂଲ୍ୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଶ୍ରୀ ରଞ୍ଜନ କୁମାର ଦାସ ଏବଂ ଓସେପାର ନିର୍ଦ୍ଦେଶକ ଶ୍ରୀ ଅନୁପମ ଶାହାଙ୍କ ଦ୍ୱାରା 'ଶିଶୁଲେଖା' ପତ୍ରିକାକୁ ଓଡ଼ିଶାର ସମସ୍ତ ବିଦ୍ୟାଳୟକୁ ବଂଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଓସେପାର ଉପନିର୍ଦ୍ଦେଶିକା ଶ୍ରୀମତୀ ଆରତୀ ରାଉତ, ଓଡ଼ିଆ ଭାଷା ପ୍ରତିଷ୍ଠାନର କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ଏବଂ ଡକଫର ଫଣୀନ୍ଦ୍ର ଭୂଷଣ ନନ୍ଦ ଉପସ୍ଥିତ ଥିଲେ । ଲୋକପ୍ରିୟ ଶିଶୁ ପତ୍ରିକା 'ଶିଶୁଲେଖା'କୁ ଓଡ଼ିଶାର ୫୦ ହଜାର ବିଦ୍ୟାଳୟକୁ ବଂଟନ କରିବା କାର୍ଯ୍ୟକ୍ରମ ରଖାଯାଇଛି । ଓଡ଼ିଶାର ୩୧୪ ବ୍ଲକ୍ ଶିକ୍ଷା ଅଧିକାରୀମାନଙ୍କ ନିକଟକୁ ତାଙ୍କ ଅଧୀନରେ ଥିବା ବିଦ୍ୟାଳୟସମୂହ ପାଇଁ 'ଶିଶୁଲେଖା' ପ୍ରେରଣ ହେବାର ବନ୍ଦୋବସ୍ତ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ କୋରାପୁଟ, କଳାହାଣ୍ଡି ଓ ବଲାଙ୍ଗିର ଜିଲ୍ଲାର ୪୧ ବ୍ଲକ୍‌କୁ 'ଶିଶୁଲେଖା' ଆଜି ପ୍ରେରଣ କରାଯାଇଛି । ପ୍ରତି ବିଦ୍ୟାଳୟରେ 'ଶିଶୁଲେଖା'ର ବିଷୟଗୁଡ଼ିକ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ପଠନ କରାଯାଇ ଆଲୋଚନା କରାଯିବ । ଏ ସଂପର୍କରେ ଉଚିତ ପଦକ୍ଷେପ ନେବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା ପ୍ରତିଷ୍ଠାନ, ଓସେପାର ଅଧିକାରୀମାନେ ଉପସ୍ଥିତ ଥିଲେ । 'ଶିଶୁଲେଖା'ର ପ୍ରକାଶନ ଏବଂ ବଂଟନ କାର୍ଯ୍ୟକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯାଇଛି । 'ଶିଶୁଲେଖା' ପଠନ ଦ୍ୱାରା ଛାତ୍ରଛାତ୍ରୀମାନଙ୍କର ବୌଦ୍ଧିକ ବିକାଶ, ସୃଜନଶୀଳତା ଏବଂ ଭାଷା ପ୍ରୀତି ପ୍ରକାଶ ପାଇବ ବୋଲି ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଥିଲେ ।

# ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ଭଦ୍ରକ,୩୧/୧୨:(ନି.ପ୍ର) ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୋସାଇଟି ଫର ଉଇକର କମ୍ୟୁନିଟି ଦ୍ୱାରା ପରିଚାଳିତ ଚାଇଲ୍‌ଡ ଲାଇନ୍ ତରଫରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁଙ୍କ ସଭାପତିତ୍ୱରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ କିଶୋରୀ ସ୍ୱାସ୍ଥ୍ୟ, ସେମାନଙ୍କ ଶିକ୍ଷା ଦିଗରେ ସବୁ ବର୍ଗର ଲୋକଙ୍କ ମଧ୍ୟରେ ସଚେତନତା ପାଇଁ ମିଳିତ ଉଦ୍ୟମ ଏକ ବଳିଷ୍ଠ ପଦକ୍ଷେପ ହେବ ବୋଲି ମତ ପ୍ରକାଶ ପାଇଥିଲା। ରାଷ୍ଟ୍ରୀୟ ପରିବାର ସର୍ବେକ୍ଷଣ ଅନୁସାରେ 'ବେଟି ପଢାଓ, ବେଟି ବଚାଓ' କାର୍ଯ୍ୟକ୍ରମ ସମ୍ପର୍କରେ ଗୁରୁତ୍ୱାରୋପ କରି ଲୋକମାନଙ୍କୁ ସଚେତନ କରାଇବା ଦିଗରେ ଆହୁରି ପଦକ୍ଷେପ ନିଆଯିବା ଉଚିତ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରମୁଖ ବ୍ୟକ୍ତିଙ୍କ ମଧ୍ୟରେ ଜିଲ୍ଲା ଶିଶୁ ମଙ୍ଗଳ କମିଟିର ସଦସ୍ୟା ମୌସୁମୀ ମହାନ୍ତି, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଭାରତୀ ରାଉତ, ଏପିଏମ୍ (ଏନ୍‌ଏଚ୍‌ଆର୍‌ଏମ, ଅର୍ବାନ) ଇତିଶ୍ରୀ ଦାସ, ଲେଡି ହେଲ୍‌ଥ ଭିଜିଟର ମାଳତୀ ଲତା ବେହେରା ପ୍ରମୁଖ ଯୋଗ ଦେଇ ଜନ ସଚେତନତା ନେଇ ସେମାନଙ୍କର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ଚାଇଲ୍‌ଡ ଲାଇନ୍ ନିର୍ଦ୍ଦେଶକଙ୍କ ପ୍ରତିନିଧି ରିୟାଜ ଅହମ୍ମଦ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ଚାଇଲ୍‌ଡ ଲାଇନ୍‌ର ସଦସ୍ୟ ରମାକାନ୍ତ ଜେନା ଚାଇଲଡ୍ ଲାଇନ୍‌ର ଲକ୍ଷ୍ୟ ଏହାର ଗଠନ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକମକୁ ବାସନ୍ତୀ ସେଠୀ, ସାହିନ୍ ଖାଁ, ପ୍ରଶାନ୍ତ ମହାପାତ୍ର ପରିଚାଳନା କରିଥିଲେ।

# କବି ପୀତାମ୍ବର ପଣ୍ଡାଙ୍କର କବିତାଗ୍ରନ୍ଥ 'ତଥାପି ବଂଚିଛି'ର ପାଠକାର୍ପଣ




ବାଲେଶ୍ୱର: ୦୪/୦୨: କବିତା ଅନେକ ଅବ୍ୟକ୍ତକୁ ବ୍ୟକ୍ତ କରେ, ଯାହା ପ୍ରକାଶଯୋଗ୍ୟ ନୁହେଁ ତାହାକୁ ପରିପ୍ରକାଶ କରାଇବା ହିଁ କବିତା। କବିତା ଆସେ ଏକ ଅବ୍ୟକ୍ତ ଉତ୍ସରୁ, କବି କେବଳ ତା'ର ଧାରକ ମାତ୍ର ବୋଲି ସୋମବାର ଶାନ୍ତିକାନନଠାରେ ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ କବି ପୀତାମ୍ବର ପଣ୍ଡାଙ୍କର କବିତା ପୁସ୍ତକ 'ତଥାପି ବଂଚିଛି'କୁ ଉନ୍ମୋଚନ କରି ବକ୍ତାମାନେ ଏଭଳି ମତ ପୋଷଣ କରିଥିଲେ। ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସାରସ୍ୱତ ଉତ୍ସବରେ କେନ୍ଦ୍ରିୟ ବିଦ୍ୟାଳୟର ଅବସରପ୍ରାପ୍ତ ଏସିଷ୍ଟାଣ୍ଟ କମିସନର ଡ. ଦୁଃଶାସନ ଓଝା ଉନ୍ମୋଚକ ଭାବେ, ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧାପକ ଡ. ଶିରୀଶଚନ୍ଦ୍ର ଜେନା, 'ପରିଚୟ'ର ସମ୍ପାଦିକା ଅରୁଣା ରାୟ ଏବଂ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଭାଷାସାହିତ୍ୟ ବିଭାଗର ମୁଖ୍ୟ ଡ. ସନ୍ତୋଷ କୁମାର ନାୟକ ଅତିଥି ଭାବେ ଯୋଗ ଦେଇ କବିଙ୍କର ରଚନା ଶୈଳୀ ଏବଂ ତାଙ୍କ କବିତାରେ ଉଦାର ମାନବିକତା ଓ ସାମାଜିକ ଅଙ୍ଗୀକାରବଦ୍ଧତାର ସ୍ୱରୂପକୁ ଭୂୟସୀ ପ୍ରଶଂସା କରିଥିଲେ। ପରିଷଦର ପ୍ରାକ୍ତନ ସଂପାଦକ ଗାଳ୍ପିକ ନିବାରଣ ଜେନା ଅତିଥିମାନଙ୍କୁ ମଞ୍ଚକୁ ଆବାହନ କରିଥିଲେ। ସହ-ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ପ୍ରାକ୍‌କଥା ରଖିଥିବାବେଳେ ଯୁଗ୍ମସଂପାଦିକା କବୀ କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୀନବନ୍ଧୁ ଲେଙ୍କା, ତପନ ରାୟ, ବାସନ୍ତୀ କର, ଜ୍ୟୋସ୍ନା ରାୟ, ନିରୁପମା ସେଠୀ, କରୁଣାକର ସ, ପଦ୍ମଲୋଚନ ଦତ୍ତ, ଯୋଗେଶଚନ୍ଦ୍ର ପ୍ରଧାନ, କମଳାକାନ୍ତ ନାୟକ, ଲକ୍ଷ୍ମୀକାନ୍ତ ବେହେରା, ବିଜୟ କୁମାର ପରିଡ଼ା, ଦୀପକ ଦାସ, ଭବାନୀ ଶଙ୍କର ମଣ୍ଡଳ, ଶ୍ରୀରୂପା ମଂଜରୀ ସେନ, ପଦ୍ମଲୋଚନ ପ୍ରଧାନ, ମହେନ୍ଦ୍ର ପ୍ରସାଦ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# କ୍ଷେତମଜଦୁର ଓ କୃଷକ ବିରୋଧୀ କେନ୍ଦ୍ରୀୟ ବଜେଟ ବିରୋଧରେ ପ୍ରତିବାଦ ସଭା



ଭଦ୍ରକ, ତା୪/୨ (ନି.ପ୍ର): ଭଦ୍ରକ ଅପର୍ତିବିନ୍ଧା ଛକ ଠାରେ ଓଡିଶା କ୍ଷେତମଜଦୁର ୟୁନିୟନ ଓ ଓଡିଶା କୃଷକ ସଭା ପକ୍ଷରୁ ମିଳିତ ଭାବେ ଜନ ବିରୋଧୀ କେନ୍ଦ୍ରୀୟ ବଜେଟକୁ ବିରୋଧ କରି ପ୍ରତିବାଦ କରିଛନ୍ତି । କ୍ଷେତମଜଦୁର ୟୁନିୟନର ଜିଲ୍ଲା ସଭାପତି ପ୍ରଫୁଲ୍ଲ ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବକ୍ତା ମାନେ କହିଛନ୍ତି ଯେ କେନ୍ଦ୍ର ସରକାର ଦ୍ୱାରା ଆଗତ ବଜେଟରେ କୃଷକ ଓ କୃଷି ଶ୍ରମିକ ମାନଙ୍କୁ ପ୍ରତାରଣା କରାଯାଇଛି । ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୪୦% ବଜେଟ କାଟି ଦିଆଯାଇଥିବା ସ୍ଥଳେ କୃଷକ ମାନଙ୍କ ଫସଲ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ଧାର୍ଯ୍ୟ କରାଯାଇ ନାହିଁ। ବେକାରୀ ଯୁବକ ଯୁବତୀ ମାନଙ୍କ ନିଯୁକ୍ତି ପାଇଁ କୌଣସି ବ୍ୟୟ ବରାଦ ନାହିଁ। ଏହି ବଜେଟରେ କର୍ପୋରେଟ ଟିକସକୁ କୋହଳ କରା ଯାଇଛି ବୋଲି ବକ୍ତା ମାନେ ଅଭିଯୋଗ କରି ଏପରି ଏକ ଜନ ବିରୋଧୀ ବଜେଟକୁ ପ୍ରତ୍ୟାହାର କରିବାକୁ ଆହ୍ୱାନ ଦିଆଯାଇଛି ।ଓଡିଶା କୃଷକ ସଭାର ରାଜ୍ୟ ସହସମ୍ପାଦକ ବିକାଶ ନାଥ, କ୍ଷେତମଜଦୁର ୟୁନିୟନର ଜିଲ୍ଲା ସମ୍ପାଦକ ଗିରିଧାରୀ ନାଥ, କିଷାନ ସଭା ଭଦ୍ରକ ଜିଲ୍ଲା ସଂପାଦକ ପ୍ରଭାସ ମହାପାତ୍ର, ଶ୍ରମିକ ନେତା ଦିବ୍ୟସିଂହ ନାୟକ, ତିହିଡି ଅଂଚଳର ନେତା ବିଷ୍ଣୁ ଦାସ, ଚାନ୍ଦବାଲି ବ୍ଲକ ନେତା ମଳୟ ଭୋଇ ବକ୍ତବ୍ୟ ପ୍ରଦାନ କରି ବିଜେପିର ଜନ ବିରୋଧୀ ବଜେଟକୁ ତୀବ୍ର ସମାଲୋଚନା କରିଥିଲେ। ସାଥି ପ୍ରଭାତ ଶୁଭଦର୍ଶନ ନାୟକ, ମୂଳିଆ ନେତା ଚକ୍ରଧର ଦାସ ଅନୁଶୟା ଘଡେଇ, ବୀଣାପାଣି ରାଉତ, କର୍ମଚାରୀ ନେତା ନବ କିଶୋର ବେହେରା, କ୍ଷେତ ମଜଦୁର ୟୁନିୟନର ଜିଲ୍ଲା କମିଟି ସଭ୍ୟ ସୁରେନ୍ଦ୍ର କୁମାର ନାୟକ ଆଦି ଏହି ପ୍ରତିବାଦ ସଭାରେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଶିଳ୍ପୋଦ୍ୟୋଗୀ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ




ଉଦଳା ତା.୦୪/୦୨(ନି.ପ୍ର)- ଶିଳ୍ପନିର୍ଦ୍ଦେଶାଳୟ, ଓଡ଼ିଶାର ଆୟୋଜନରେ ଜିଲ୍ଲା ଶିଳ୍ପକେନ୍ଦ୍ର, ମୟୂରଭଞ୍ଜ ଉଦ୍ୟମରେ ଉଦଳା ସହର ମଧ୍ୟରେ ଥିବା 'ସନ୍ଧାନ' ଗୃହ ପରିସରରେ ଗତ ଜାନୁଆରୀ ୧୮ ତାରିଖ ଠାରୁ ଆରମ୍ଭ ହୋଇଥିବା ଉଦ୍ୟୋଗି ବିକାଶ ତାଲିମ କାର୍ଯ୍ୟକ୍ରମ ଚଳିତ ଫେବୃଆରୀ ୨ ତାରିଖ ଦିନ ଉଦ୍‌ଯାପିତ ହୋଇ ଯାଇଛି । ୧୨ ଦିନ ଧରି ଚାଲିଥିବା ଏହି ତାଲିମରେ ଶିଳ୍ପ ବିଭାଗର ଅଧିକାରୀ, ବ୍ୟାଙ୍କ ଅଧିକାରୀ, ଇନସ୍ୟୁରାନ୍ସ, ପଶୁପାଳନ, ବାଣିଜ୍ୟ ବିଭାଗର ଅଧିକାରୀ, ଜିଏସ୍ଟି, ଆକଉଟାଂନ୍ସି,ବୁକକିପିଂ, ଇତ୍ୟାଦି ବିଷୟରେ ଉଦ୍ୟୋଗି ମାନଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ । ସେହିପରି ଉଦ୍ୟୋଗି ବନ୍ଧୁ ମାନେ କ୍ଷେତ୍ର ପରିଦର୍ଶନରେ ଯାଇ ଜ୍ଞାନ ଅର୍ଜନ ମଧ୍ୟ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାହାରି ଚାକର ନହୋଇ ମାଲିକ ହେବାକୁ ଚେଷ୍ଟା କର ବୋଲି ବ୍ୟକ୍ତ କରିବା ସହ ଉଦ୍ୟୋଗି ବିକାଶ ତାଲିମର ପ୍ରମାଣପତ୍ର ବଂଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଶିଳ୍ପ କେନ୍ଦ୍ର ପରିଚାଳକ ଗୌର ମୋହନ ସିଂ ଓ ସହପରିଚାଳକ ଅଜୟ କୁମାର ମହାନ୍ତ, ନିୟମିତ ତାଲିମ ନେବାକୁ ଆସୁଥିବା ଯୁବକ ଯୁବତୀ ମାନଙ୍କର ଆଗ୍ରହ ଦେଖି କୃତଜ୍ଞତା ଜଣାଇଥିଲେ । ମୋଟ ୩୦ ଜଣ ଏଥିରେ ତାଲିମ ନେଇଥିଲେ । ଶିଳ୍ପ ବିକାଶ ଅଧିକାରୀ ମନୋରଂଜନ ପାତ୍ର ତାଲିମ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo